

ସୁଗ୍ରୀବ ଭୂମିକାରେ
ଅମିତ
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-59 ◆SATURDAY ◆23 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୯ ◆ଶନିବାର ◆୨୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେ ଗିରଫ



■ **କଲମ୍ବୋ, ୨୨।୮ (ଏଜେନ୍ସି):** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମାସିଂଘେଙ୍କୁ ଶୁକ୍ରବାର ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ବାଟମାରଣ ଓ ଦୁର୍ନୀତି ଅଭିଯୋଗରେ ଶ୍ରୀଲଙ୍କା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲା ୨୦୨୩ର। ସେ ରାଷ୍ଟ୍ରପତି ଥିବା ବେଳେ ଏହି ସମୟରେ ପତ୍ନୀ ତଥା ପ୍ରଫେସର ମୈତ୍ରୀ ବିକ୍ରମାସିଂଘେଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାକୁ ଲଣ୍ଡନ ଯାଇଥିଲେ। ଦୁହେଁ ଉଲଭରହାମ୍ପଟନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ସେ ସିଧା ଶ୍ରୀଲଙ୍କାରୁ ଲଣ୍ଡନ ଯାଇ ନ ଥିଲେ। ସେ ହାଭାନାରେ ଜି-୭୭ ସମ୍ମିଳନୀରେ ଯୋଗ ଦେଇ ଲଣ୍ଡନ ବାଟେ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ବ୍ୟକ୍ତିଗତ ଗସ୍ତ ଥିଲା। ମାତ୍ର ସେ ଏଥିରେ ସରକାରୀ ଅର୍ଥର ଅପବ୍ୟବହାର କରିଥିଲେ। ଏହା ଛଡା ସେ ନିଜର ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ମଧ୍ୟ ସରକାରୀ ପାଣ୍ଠିରୁ ଦରମା ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା।

ଶୁକ୍ରବାର ସକାଳେ ରାନିଲଙ୍କୁ ଆର୍ଥିକ ଅପରାଧ ଯାଞ୍ଚ ବିଭାଗ (ଏଫ୍‌ସିଆଇଡି)ରେ ହାଜର କରାଯାଇଥିଲା। ତାଙ୍କୁ ଦୀର୍ଘ ୪ ଘଣ୍ଟାର ଧରି ପଚରାଉଚରା କରାଯିବା ପରେ ଗିରଫ କରାଯାଇଥିଲା। ୭୬ ବର୍ଷୀୟ ରାନିଲ ଶ୍ରୀଲଙ୍କାର ପ୍ରଥମ ପୂର୍ବତନ ରାଷ୍ଟ୍ରପତି ▶ପୃଷ୍ଠା-୭

# ପୁଣି ଭାରତକୁ ଫେରିବ ଚାଇନା ଆପ୍ 'ଟିକ୍‌ଟକ୍' !

### ୱେବ୍‌ସାଇଟ୍ ଅନ୍‌ବ୍ଲକ୍, ଆପ୍ ବି ଖୋଲିବା ସମ୍ଭାବନା

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** ଆମେରିକାର ଶୁଳ୍କ ଛାଟ ମଧ୍ୟରେ ଚୀନ୍ ସହ ଭାରତ ସମ୍ପର୍କ ନିବିଡ଼ କରିବାରେ ଲାଗିଛି। ଏପରି ସମୟରେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ବାୟା କରିଥିବା ଚୀନ୍‌ର ସର୍ଟ୍ ଭିଡିଓ ମେକିଂ ଆପ୍ 'ଟିକ୍‌ଟକ୍' ଭାରତରେ ପୁଣି ଆରମ୍ଭ ହେବ ବୋଲି ଚର୍ଚ୍ଚା ହେଉଛି। ୫ ବର୍ଷ ପରେ ଟିକ୍‌ଟକ୍ ୱେବ୍‌ସାଇଟ୍ ଇଣ୍ଡିଆରେ ପୁଣି କାମ କରିବା ଆରମ୍ଭ କରିଛି। ଏହାକୁ ନେଇ ଭାରତୀୟ ବ୍ୟବହାରକାରୀଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଭାରତର କିଛି ବ୍ୟବହାରକାରୀ 'ଟିକ୍‌ଟକ୍' ୱେବ୍‌ସାଇଟ୍ ଦେଖିପାରୁଛନ୍ତି। ଏଥିରେ ବ୍ରାଉଜ୍ ମଧ୍ୟ କରିପାରୁଛନ୍ତି। ଏହା ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। ତେବେ ଏହି ଆପ୍ ଏବେ ବି ଗୁଗୁଲ ପ୍ଲେ ଏବଂ ଆପ୍ ଷ୍ଟୋରରେ ଉପଲବ୍ଧ ନାହିଁ। କମ୍ପାନୀ ପକ୍ଷରୁ ମଧ୍ୟ ପ୍ରତ୍ୟାବର୍ତ୍ତନ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ଖାଲି ଟିକ୍‌ଟକ୍ ନୁହେଁ; ଅନ୍‌ଲାଇନ ସପିଙ୍ଗ୍ ପ୍ଲାଟଫର୍ମ ଅଲିଏକ୍ସପ୍ରେସ ଏବଂ ଇ-କମର୍ସ ପ୍ଲାଟଫର୍ମ ସେନ୍‌ରୁ ମଧ୍ୟ କଟକଣା ହଟିବ ବୋଲି ଚର୍ଚ୍ଚା ହେଉଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଚର୍ଚ୍ଚାକୁ ଖଣ୍ଡନ କରିଦିଆଯାଇଛି। ଏହିସବୁ ଚାଇନା ଆପ୍‌କୁ ଭାରତର ଅନେକ ଲୋକ ବ୍ୟବହାର କରୁଥିଲେ। ୨୦୨୦ରେ ଦ୍ୱିପାକ୍ଷିକ ସମ୍ବନ୍ଧ ଖରାପ ହେବା ଯୋଗୁଁ ଭାରତ ଏହି ସବୁ ଆପ୍‌କୁ ନିଷିଦ୍ଧ କରିଦେଇଥିଲା।

### ୧୨ ଦିନ ହେଲା ଆନ୍ଦୋଳନରେ ୧୦ ହଜାର ରାଜସ୍ୱ ଅମଳା

# ସରକାର ବେଫିକର; ସଂଘ ଅଟଳ

■ **ଭୁବନେଶ୍ୱର, ୨୨।୮ (ସମିସ):** ରାଜସ୍ୱ ଅମଳା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଶନିବାର ଓ ରବିବାରକୁ ମିଶାଇଲେ ଏହା ୧୪ ଦିନ ହେବ। ଏତେ ଦିନ ହେବ ନିଜ ଜିଦ୍‌ରେ ଅଟଳ ଥିବା ଅମଳା ସଂଘ ସରକାରଙ୍କ ଦରମା ବନ୍ଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛି। ଖରା ବର୍ଷାରେ ରାଜସ୍ୱ ଅମଳାମାନେ ନିଜ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଛକୁ ହଟିବାର ପ୍ରଶ୍ନ ଉଠୁନି ବୋଲି ସଂଘ କହିଛି। ଅନ୍ୟପଟେ ଆନ୍ଦୋଳନକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ସେମାନଙ୍କ ଦାବି ପୂରଣ କରିବା ଦୂରର କଥା; ସେମାନଙ୍କ ସହ କୌଣସି ଆଲୋଚନା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରି ନାହାନ୍ତି। ରାଜସ୍ୱ ଅମଳାଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଅଚଳ ହୋଇପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଥିବା ସତ୍ତ୍ୱେ ସରକାର କାହିଁକି

### ▶ ସାରା ରାଜ୍ୟରେ ରାଜସ୍ୱ ସେବା ଅଚଳ
### ▶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଆଲୋଚନା ପାଇଁ ସଂଘକୁ ଡାକୁ ନାହାନ୍ତି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଳା ଅଧିକାରୀମାନେ ସମୂହ ଛୁଟିରେ ଯିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଜାରି ରହିଥିବାରୁ ରାଜ୍ୟର ସମସ୍ତ ବ୍ଲକ, ତହସିଲ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପରିବହନ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଆଦିରେ ସମସ୍ତ ପ୍ରକାର କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। କୌଣସି କାମ ପାଇଁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣଜନତା ଅମଳାଙ୍କ ଚଉକି ଫାଙ୍କା ପଡ଼ିଥିବା ଦେଖି ନିରାଶ ହୋଇ ଫେରିଯାଉଛନ୍ତି। ମୁଖ୍ୟତଃ ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାର୍ଟିଫିକେଟ୍ ଇସ୍ୟୁ, ଜମିଜମା ପଟ୍ଟା ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସବୁ ଦେଖି ମଧ୍ୟ ଚୁପ୍ ବସିଛନ୍ତି। ସରକାର ଏଥିପ୍ରତି ଧ୍ୟାନଦେଇ ତୁରନ୍ତ ଅମଳାଙ୍କ ଦାବି ପୂରଣ କିମ୍ବା ସେମାନଙ୍କୁ ଆନ୍ଦୋଳନରୁ ଓହରିବା ନେଇ ପ୍ରକ୍ରିୟା ନ କରାଇଲେ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ି ବଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ସରକାର ଏହି ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ରାଜସ୍ୱ ଅମଳାଙ୍କୁ ଡରାଇବା ସାଧାରଣ ଲୋକଙ୍କ ▶ପୃଷ୍ଠା-୭

### କୁକୁର ପ୍ରେମୀଙ୍କ ପାଇଁ ନିଷ୍ପତ୍ତି ବଦଳାଇଲେ ସୁପ୍ରିମକୋର୍ଟ

# ବନ୍ଧ୍ୟାକରଣ କରି ଛାଡ଼; ହିଂସ୍ରଙ୍କୁ ରଖ



### ସାର୍ବଜନୀନ ସ୍ଥାନରେ ଖାଦ୍ୟ ଦେବା ମନା
### ଦିଲ୍ଲୀ ସମେତ ସାରା ଦେଶରେ ଲାଗୁ ହେବ
### କୁକୁର ପ୍ରେମୀଙ୍କୁ ୨୫ ହଜାର, ଏନ୍‌ଜିଓଙ୍କୁ ୨ ଲକ୍ଷ ଦେବାକୁ ନିର୍ଦ୍ଦେଶ
### ଜାତୀୟସ୍ତରୀୟ ନୀତି ପ୍ରସ୍ତୁତି କରିବା ଜରୁରୀ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** କୁକୁର ପ୍ରେମୀଙ୍କ ପାଇଁ ସୁପ୍ରିମକୋର୍ଟ ନିଜ ରାୟ ପରିବର୍ତ୍ତନ କରିଛନ୍ତି। ଗତ ୧୧ ତାରିଖରେ ଦିଲ୍ଲୀ ଏନ୍‌ସିଆରରୁ ବୁଲା କୁକୁରଙ୍କୁ ହଟାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ କୁକୁର ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ସେଲିବ୍ରିଟିଙ୍କଠାରୁ ନେଇ ପୂର୍ବତନ ସାଂସଦ, ବିରୋଧୀ ଦଳ ନେତା, ଏନ୍‌ଜିଓ, କିଛି ସାଧାରଣ ଲୋକେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି କୁକୁର ପ୍ରେମୀ ଗିରଫ ମଧ୍ୟ ହୋଇଥିଲେ। ପରେ ରାୟର ସମୀକ୍ଷା ଆବେଦନକୁ ସିଜେଆଇ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଜଷ୍ଟିସ ବିକ୍ରମ ନାଥଙ୍କ ନେତୃତ୍ୱାଧୀନ ତିନି ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବ ନିର୍ଦ୍ଦେଶକୁ ଅତ୍ୟନ୍ତ କଠୋର କହି ଏହାକୁ ବଦଳାଇ ଦେଇଛନ୍ତି। ବନ୍ଧ୍ୟାକରଣ ଏବଂ ଟିକାକରଣ ପରେ ବୁଲା କୁକୁରଙ୍କୁ ଛାଡ଼ିଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ତେବେ ହିଂସ୍ର ଏବଂ ରେବିଜ୍ ସଂକ୍ରମିତ କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

### ବିହାର ଏସ୍‌ଆଇଆର ମାମଲା


# ଆଧାର କାର୍ଡକୁ ବୈଧ କହିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସଆଇଆର)କୁ ନେଇ ହଙ୍ଗାମା ଜାରି ରହିଛି। ବିରୋଧୀ ଏହାକୁ ପ୍ରତ୍ୟାହାର ଦାବି କରୁଥିବାବେଳେ ଚିଠା ଭୋଟର ତାଲିକାରୁ ଅନେକ ଲୋକ ବାଦ୍ ପଡ଼ିଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି।

### ଭୋଟର ତାଲିକାରେ ଯୋଡ଼ିହେବା ପାଇଁ ଅନ୍‌ଲାଇନ୍ ଆବେଦନ ସୁବିଧା ମିଳୁ
### ନିରବତା ପାଇଁ ରାଜନୈତିକ ଦଳଙ୍କୁ ଭର୍ତ୍ସନା କଲେ ସର୍ବୋଚ୍ଚ ନ୍ୟାୟାଳୟ

ପରିଚୟ ପ୍ରମାଣ ଭାବେ ଆଧାର କାର୍ଡକୁ ମାନ୍ୟତା ଦେବାକୁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୧ ଅନ୍ୟ ପ୍ରମାଣପତ୍ର ସହ ଆଧାରକୁ ସାମିଲ କରିବାକୁ ସରକାରଙ୍କୁ କହିଛନ୍ତି। ଏହା ସହିତ ହଟିଥିବା ନାମକୁ ତାଲିକାରେ ଯୋଡ଼ିବାକୁ ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ମାମଲାରେ ଚୁପ୍ ରହିବାକୁ ନେଇ ସୁପ୍ରିମକୋର୍ଟ ରାଜନୈତିକ ଦଳଙ୍କୁ ▶ପୃଷ୍ଠା-୭

# ନବୀନ ନିବାସରେ ପ୍ରେମ ପଟ୍ଟନାୟକ



■ **ଭୁବନେଶ୍ୱର, ୨୨।୮ (ସମିସ):** ଡିହାଇଡ୍ରେସନ୍ ଜନିତ ଅସୁସ୍ଥତାରୁ ମୁକ୍ତ ହୋଇ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାସଭବନକୁ ଫେରିବା ପରେ ପୁଣି ନବୀନ ନିବାସରେ ଆରମ୍ଭ ହୋଇଛି ଗହଳି। ଦଳର ବରିଷ୍ଠ ନେତାମାନେ ନବୀନଙ୍କୁ ଭେଟିଥିବାବେଳେ ନବୀନଙ୍କ ବଡ଼ଭାଇ ତଥା ବିଶିଷ୍ଟ ଶିଳ୍ପପତି ପ୍ରେମ ପଟ୍ଟନାୟକ ଆଜି ନବୀନ ନିବାସରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ନବୀନଙ୍କ ଚିକିତ୍ସା କରୁଥିବା ଡାକ୍ତର ପ୍ରଫେସର ସମୀର ସାହୁ ଓ ଡାକ୍ତର ଆଲୋକ କୁମାର ପାଣିଗ୍ରାହୀଙ୍କ ସହ ମଧ୍ୟ ▶ପୃଷ୍ଠା-୭

### ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ



### ନିମ୍ନମାନର କାମ ପାଇଁ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ
### ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

■ **ଭୁବନେଶ୍ୱର, ୨୨।୮ (ସମିସ):** ବିଭିନ୍ନ ଯୋଜନା ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ସଂଯୋଗୀକରଣ ପାଇଁ ଆସନ୍ତା ୫ ବର୍ଷ ଭିତରେ ୩୦ ହଜାର କିମି ରାସ୍ତା ଓ ୫୦୦ ସେତୁ ନିର୍ମାଣ ହେବ। ଶୁକ୍ରବାର ଲୋକସେବା ▶ପୃଷ୍ଠା-୭

# ବାରମ୍ବାର ମରାମତି ମାଗୁଛି ଖଣ୍ଡଗିରି ଫ୍ଲାଏଓଭର୍

### ଯୋଡ଼େଇରେ ଫାଟ: ଚାରି ବର୍ଷରେ ତୃତୀୟ ଘଟଣା

■ **ଭୁବନେଶ୍ୱର, ୨୨।୮ (ସମିସ):** ଖଣ୍ଡଗିରି ଫ୍ଲାଏଓଭର୍ ଯୋଡ଼େଇରେ ପୁଣିଥରେ ଫାଟ। ଚାରିବର୍ଷ ମଧ୍ୟରେ ତୃତୀୟଥର ବଡ଼ଧରଣ ମରାମତି ପାଇଁ ରାସ୍ତା ବନ୍ଦ। ଫଳସ୍ୱରୂପ ଯାତାୟାତ ଠପ୍। ଲୋକମାନେ ସର୍ଭିସ୍ ରୋଡ୍ ଓ ବିକଳ୍ପ ରାସ୍ତାରେ ଯାଇ ନାକେଦମ୍ ହୋଇଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏପରି ମନମାନିକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି କାମ ଚାଲିବା ପରେ ଶେଷରେ ବହୁ ବାଦବିବାଦ ମଧ୍ୟରେ ଖଣ୍ଡଗିରି ଫ୍ଲାଏଓଭର୍ ସର୍ବସାଧାରଣଙ୍କ ପାଇଁ ୨୦୨୧ ମଇ ମାସରେ

### ଏନ୍‌ଏଚ୍‌ଏଆଇର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ
### ଅସମ୍ଭାଳ ଟ୍ରାଫିକ୍ ଭିଡ଼ରେ ସନ୍ତୁଳି ହେଲେ ପଥଚାରୀ

ଖୋଲା ଯାଇଥିଲା। ଏହାପରେ ୨୦୨୨ରେ ବ୍ରିଜ୍‌ର ଯୋଡ଼େଇ ସ୍ଥାନରେ ଲୁହା ଛଡ଼ ଉପରକୁ ବାହାରି ପଡ଼ିବା ଯୋଗୁଁ ୧୫ ଦିନ ରାସ୍ତା ବନ୍ଦ କରାଯାଇ ମରାମତି କରାଯାଇଥିଲା। ଜାପାନୀ ଟେକ୍ନୋଲୋଜି ବ୍ୟବହାର କରି ବ୍ରିଜ୍ ନିର୍ମାଣ ହୋଇଥିବା ସେତେବେଳେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ କହିଥିଲେ; ମାତ୍ର ତିନି ବର୍ଷ ନ ଯାଉଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜାପାନୀ ଟେକ୍‌ନୋଲୋଜି ଫେଲ୍ ମାରିଛି। ରାସ୍ତାର ଯୋଡ଼େଇକୁ ମରାମତି କରିବା ପାଇଁ ପୁଣି ୧୦ ଦିନ ପାଇଁ ଫ୍ଲାଏଓଭରରେ ଯାତାୟତ ବନ୍ଦ କରାଯାଇଛି। ବାରମ୍ବାର ମରାମତି ଆବଶ୍ୟକ ପଡୁଥିବାରୁ ଏନ୍‌ଏଚ୍‌ଏଆଇର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଖଣ୍ଡଗିରି ନୁହେଁ; ଏନ୍‌ଏଚ୍‌ଏଆଇ ତରଫରୁ ନିର୍ମାଣ କରାଯାଇଥିବା ୱେଲ୍‌କମ୍ ହୋଟେଲ୍ ସମ୍ମୁଖ ଫ୍ଲାଏଓଭର୍ କାମ ବି ଠିକ୍ ଭାବେ ହୋଇନଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଦବି ଯାଇଥିଲା। ଯାହାକୁ ପରବର୍ତ୍ତୀ ସମୟରେ ମରାମତି କରାଯାଇଥିଲେ ବି ଲୋକମାନେ ଭୟ ଓ ଆଶଙ୍କା ଭିତରେ ସେଥିରେ ଯାତାୟାତ କରୁଛନ୍ତି।

୧୧୫କୋଟି ବ୍ୟୟରେ ନିର୍ମାଣ ହେଉଥିବା ୬ ଥାକିଆ ଏହି ଫ୍ଲାଏଓଭର୍‌ର ଲମ୍ବ ୨.୨୩୦ କିମି ହୋଇଥିବାବେଳେ ମୁଖ୍ୟପୋଲର ଲମ୍ବ ୧ କିମି ରହିଛି। ଆଇଗିଣିଆ ପାର୍ଶ୍ୱରୁ ▶ପୃଷ୍ଠା-୭








# ଗୋବିନ୍ଦା-ସୁନିତାଙ୍କ ଛାଡ଼ପତ୍ର !




ମୁମ୍ବାଇ, ୨୨।୮ (ଏଜେନ୍ସି): ଦୀର୍ଘ ଦିନ ଧରି ବି-ଟାଉନରେ ଚାଲିଥିବା ଚର୍ଚ୍ଚା ସତ ହୋଇଛି। ଶେଷରେ ସୁପରଷ୍ଟାର ଗୋବିନ୍ଦାଙ୍କ ଛାଡ଼ପତ୍ର ହେବାକୁ ଯାଉଛି। ପତ୍ନୀ ସୁନିତା ଏହି ଅଭିନେତାଙ୍କ ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ବାନ୍ଦ୍ରା ପରିବାର କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଆଉ ସ୍ୱାମୀ ଗୋବିନ୍ଦାଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ମଧ୍ୟ ଲଗାଇଛନ୍ତି। ଗୋବିନ୍ଦା ଅନ୍ୟ ମହିଳାଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଏବଂ ନିଷ୍ଠୁରତାର ଅଭିଯୋଗ ଲଗାଇ ସୁନିତା ଏହି ଆବେଦନ କରିଥିବା ସୂଚନା ମିଳିଛି। ତେବେ ଗୋବିନ୍ଦାଙ୍କ କିଛି ଘନିଷ୍ଠ ଏହି ଖବରକୁ ଭ୍ରମାତ୍ମକ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପରିବାର କୋର୍ଟ ଏ ନେଇ ଗତ ମେ' ୨୫ ତାରିଖରେ ଗୋବିନ୍ଦାଙ୍କୁ ସମନ ଜାରି କରିଥିଲେ। ପରେ ଜୁନ୍‌ରୁ ଉଭୟେ ମାମଲାର ସମାଧାନ ଲାଗି ପ୍ରୟାସ କରୁଛନ୍ତି। ସୁନିତା ଶୁଣାଣି ସମୟରେ କୋର୍ଟରେ ହାଜର ହେଉଥିବାବେଳେ ଗୋବିନ୍ଦା ଉପସ୍ଥିତ ହୋଇନାହାନ୍ତି। ପୂର୍ବରୁ ଜଣେ ମରାଠୀ ଅଭିନେତ୍ରୀଙ୍କ ସହ ଗୋବିନ୍ଦାଙ୍କ ନାମ ଯୋଡ଼ା ଯାଉଥିଲା।

# ୨.୨ କୋଟି କ୍ୟାସ୍ ଦେଇ ତେଲ ପକାଇଥିଲେ ପୁଟିନ



ମସ୍କୋ, ୨୨।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆଲାସ୍କା ଗସ୍ତକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ୟୁକ୍ରେନ ସହ ଯୁଦ୍ଧ ବନ୍ଦ ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚର୍ଚ୍ଚା କରିବାକୁ ଗତ ୧୫ ତାରିଖରେ ଯାଇଥିବା ପୁଟିନ ନଗଦ ୨.୨ କୋଟି ଟଙ୍କା ଦେଇ ନିଜ ବିମାନଗୁଡ଼ିକରେ ତେଲ ପକାଇ ଥିଲେ। ଆମେରିକା ସଚିବ ମାର୍କୋ ରୁବିଓ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଲାସ୍କାରେ ଅବତରଣ କରିବା ପରେ ପୁଟିନଙ୍କ ବିମାନକୁ ଇନ୍ଧନ ଆବଶ୍ୟକ ଥିଲା। ଆମେରିକା କଟକଣା ଯୋଗୁଁ ବ୍ୟାଙ୍କିଂ ସିଷ୍ଟମ ବ୍ୟବହାର ପାଇଁ ତାଙ୍କୁ ଅନୁମତି ମିଳି ନ ଥିଲା। ଏଥିପାଇଁ ପୁଟିନଙ୍କୁ ନଗଦ ଅର୍ଥ ଦେବାକୁ ପଡ଼ିଥିଲା। ରୁଷ୍ ଉପରେ ଲାଗିଥିବା କଟକଣା ଏବେ ବି ବଳବତ୍ତର ରହିଛି। ଏହାର ପ୍ରଭାବ ମଧ୍ୟ ମସ୍କୋ ଭୋଗୁଛି। ତେବେ ୟୁକ୍ରେନ ଯୁଦ୍ଧ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନାହିଁ।

# ଟ୍ରମ୍ପଙ୍କ ପୂର୍ବ ସହଯୋଗୀ ବୋଲ୍ଟନଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମାଲୋଚନାକୁ ସହି ପାରୁନାହାନ୍ତି। ଦ୍ୱିତୀୟ ଥର ହ୍ୱାଇଟ ହାଉସରେ କାର୍ଯ୍ୟାରମ୍ଭ କରିବା ପରଠାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି। ଏବେ ଭାରତ ଉପରେ ଲଗାଇଥିବା ଶୁଳ୍କକୁ ସମାଲୋଚନା ପାଇଁ ନିଜ ପ୍ରଥମ କାର୍ଯ୍ୟକାଳରେ ଏନ୍‌ଏସ୍‌ଏ ଥିବା ଜନ୍ ବୋଲ୍ଟନଙ୍କ ପଛରେ ଟ୍ରମ୍ପ ଏଫ୍‌ବିଆଇ ଲଗାଇଛନ୍ତି। ମେରିଲାଣ୍ଡ ସ୍ଥିତି ବୋଲ୍ଟନଙ୍କ ଘରେ ଆଜି ଏଜେନ୍ସି ଚଢ଼ଉ କରିଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବୋଲ୍ଟନ ଗୋପନୀୟ ରିପୋର୍ଟକୁ ୨୦୨୦ରେ ପ୍ରକାଶିତ ନିଜ ପୁସ୍ତକରେ ସାମିଲ କରିଥିବା ଅଭିଯୋଗ ଲାଗିଛି। ତେବେ ଏହି ମାମଲା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ଆରମ୍ଭ ହୋଇଥିଲା। ରାଜନୈତିକ କାରଣ ଯୋଗୁଁ ସେ ଏହାକୁ ଅଟକାଇ ଦେଇଥିଲେ। ଏହା ପୂର୍ବରୁ ଟ୍ରମ୍ପଙ୍କ ନିର୍ବାଚନ ପ୍ରଚାରରେ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କୁ ମଧ୍ୟ ସେ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ। ଏମିତିକି ସମ୍ପର୍କ ଖରାପ କରି ସିଧା ଧମକ ଦେଲେ। କାରଣ ପ୍ରବାସୀ ନିଯୁକ୍ତି ବିଲ୍‌କୁ ନେଇ ମସ୍କଙ୍କ ସହ ତାଙ୍କର ମତଭେଦ ହୋଇଥିଲା।

# ପୁଲିସ ହେଲିକପ୍ଟର ଉପରକୁ ଡ୍ରୋନ୍ ମାଡ଼; ୧୮ ମୃତ

ବୋଗୋଟା, ୨୨।୮ (ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆରେ ଗୁରୁବାର ଦୁଇଟି ଭିନ୍ନ ଭିନ୍ନ ଆକ୍ରମଣରେ ୧୮ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସହର ସ୍ଥିତ ଏୟାରବେସ୍ ନିକଟରେ ଥିବା ଏକ ଟ୍ରକ୍‌ରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୧ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ବିସ୍ଫୋରଣ ମାର୍କୋ ଫିଡେଲ ସୁଆରେଜ ମିଲିଟାରୀ ଆଭିଏସନ ସ୍କୁଲ୍ ନିକଟରେ ହୋଇଥିଲା। ସେହିପରି ଏହାର କିଛି ଘଣ୍ଟା ପୂର୍ବରୁ ଅନ୍ୟଏକ ଘଟଣାରେ କୋକେନ ଚାଷକୁ ନଷ୍ଟ କରିବାକୁ ନିଶା ପଦାର୍ଥ



ବିରୋଧୀ ଅଭିଯାନରେ ବାହାରିଥିବା ପୁଲିସଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ଉପରକୁ ଡ୍ରୋନ ମାଡ଼ କରି ଆକ୍ରମଣ କରାଯାଇଥିଲା। ଏଥିରେ ୧୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଆକ୍ରମଣ ପଛରେ ବିଦ୍ରୋହୀ ସଂଗଠନ ଏଫ୍‌ଏଆରସିର ଏକ ଗୋଷ୍ଠୀର ହାତ ଅଛି ବୋଲି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ କହିଛନ୍ତି। କଲମ୍ବିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଏଫ୍‌ଏଆରସିର ମୂଳ ଲକ୍ଷ୍ୟ ରହିଆସିଛି।

# ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ରୋକ୍ ଲଗାଇଲା ଆମେରିକା

ଅମୃତସର, ୨୨।୮ (ଏଜେନ୍ସି): ଭାରତୀୟ ଡ୍ରାଇଭରଙ୍କ ଭିସା ଉପରେ ଆମେରିକା ରୋକ ଲଗାଇ ଦେଇଛି। ଗତ ୧୩ ତାରିଖରେ ଫ୍ଲୋରିଡା ରାଜ୍ୟରେ ପଞ୍ଜାବର ଜଣେ ଟ୍ରକ ଡ୍ରାଇଭରଙ୍କ ତ୍ରୁଟିପୂର୍ଣ୍ଣ ୟୁଟର୍ଣ୍ଣ ଯୋଗୁଁ ୨ ଜଣ ଆମେରିକୀୟ ପ୍ରାଣ ହରାଇବା ପରେ ନୂଆ ଭିସା ଉପରେ ଏହି କଟକଣା ଲଗାଯାଇଛି। କିନ୍ତୁ ପୁରୁଣା ଡ୍ରାଇଭରଙ୍କ ଭିସାକୁ ରଦ୍ଦ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ବିଦେଶୀ ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ନାଗରିକଙ୍କ ଜୀବନ ବିପଦରେ ପଡ଼ିଛି। ଆମେରିକୀୟ ଡ୍ରାଇଭରଙ୍କ ଆୟ ମଧ୍ୟ ପ୍ରଭାବିତ ହେଉଛି। ବର୍ତ୍ତମାନ ଆମେରିକା ଟ୍ରାନ୍ସପୋର୍ଟ ଶିଳ୍ପରେ ଦେଢ଼ ଲକ୍ଷ ପଞ୍ଜାବୀ ଡ୍ରାଇଭର ନିୟୋଜିତ ଅଛନ୍ତି।

### ପୁଣି ସଂସଦ ଭବନ ସୁରକ୍ଷାରେ ଅବହେଳା

# ପାଚେରି ଡେଇଁ ପରିସରରେ ପହଞ୍ଚିଲେ ବ୍ୟକ୍ତି

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୁଣିଥରେ ସଂସଦ ଭବନ ସୁରକ୍ଷାରେ ଅବହେଳା ହୋଇଛି। ଜଣେ ବ୍ୟକ୍ତି ସୁରକ୍ଷା ବଳୟ ଭେଦି ପାଚେରି ଡେଇଁ ସଂସଦ ପରିସରରେ ପ୍ରବେଶ କରି ଗରୁଡ ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀ ତାଙ୍କୁ ତୁରନ୍ତ ଧରି ନେଇଛନ୍ତି। ତାଙ୍କୁ ଏବେ ପଚରାଉଚରା କରାଯାଉଛି। ରିପୋର୍ଟ ଅନୁସାରେ ଏହି ବ୍ୟକ୍ତିଜଣକ ଗୁରୁବାର ସକାଳ ୬.୩୦ରେ ରେଳଭବନ ନିକଟରେ ଥିବା ଗଛ ଚଢ଼ି ଭିତରକୁ ଡେଇଁବା ସହ ପାଚେରୀ ପାର କରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଏହି ସମୟରେ ସଂସଦରେ କୌଣସି ସାଂସଦ ନ ଥିଲେ। ସଂସଦର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଥିଲା। ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ପୂର୍ବରୁ ଗୋଟିଏ ବର୍ଷ ପୂର୍ବେ ମଧ୍ୟ ଏହି ଭଳି ଘଟଣା ଘଟିଥିଲା। ୨୦୨୪ ଅଗଷ୍ଟ ୧୬ରେ ଜଣେ ଯୁବକ ଦ୍ୱିପହରରେ ପାଚେରି ଡେଇଁ ସଂସଦ ପରିସରରେ ପ୍ରବେଶ କରିଥିଲା। କିନ୍ତୁ ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ତାକୁ ଧରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। କିନ୍ତୁ ଏହି ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିଲା ବୋଲି ପରେ ଜଣାପଡ଼ିଥିଲା।

# ଦ.ଆମେରିକା ଉପକୂଳରେ ୭.୫ ତୀବ୍ରତାର ଭୂକମ୍ପ

ସାଣ୍ଟିଆଗୋ, ୨୨।୮ (ଏଜେନ୍ସି): ଦକ୍ଷିଣଆମେରିକା ନିକଟସ୍ଥ ସମୁଦ୍ରରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିଚର ସ୍କେଲ୍‌ରେ ଏହାର ତ୍ରୀବ୍ରତା ୭.୫ ଥିଲା। ଅବଶ୍ୟ ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଭୂକମ୍ପର କେନ୍ଦ୍ର ଆର୍ଜେଣ୍ଟିନାର ଦକ୍ଷିଣରେ ଥିବା ଡ୍ରେକ ପ୍ୟାସେଜ (ସାମୁଦ୍ରିକ ପଥ)ରେ ୧୧ କିମି ଗଭୀରରେ କେନ୍ଦ୍ରୀଭୂତ ହୋଇଥିଲା। ଏହି ଭୂକମ୍ପର ପ୍ରଭାବରେ ପୂରା ଆଣ୍ଟର୍ଟିକାରେ ସୁନାମୀ ନେଇ ସତର୍କତା ଜାରି କରାଯାଇଥିଲା। କିନ୍ତୁ ଏହାକୁ ପରେ ହଟାଇ ନିଆଯାଇଥିଲା।

### ବେଙ୍ଗାଲୁରୁ ଦଳାଚକଟାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ

# ସରକାର ନୁହେଁ; ସ୍ଥିତି ଦାୟୀ



ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁରେ ଆରସିବି ବିଜୟ ଶୋଭାଯାତ୍ରାରେ ହୋଇଥିବା ଦଳାଚକଟାକୁ ନେଇ ବିଧାନସଭାରେ ଶୁକ୍ରବାର ଖାମଖିଆଲ ଟିପ୍ପଣୀ ଦେଇଛନ୍ତି। ଏଭଳି ଘଟଣା ପାଇଁ କର୍ଣ୍ଣାଟକ ସରକାର ନୁହଁନ୍ତି, ବରଂ ସ୍ଥିତି ଦାୟୀ ବୋଲି କହିଛନ୍ତି। କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଏଭଳି ଅନେକ ଘଟଣା ଘଟୁଛି। ଗତ ୧୦ ବର୍ଷରେ ବିଜେପି ଶାସିତ ରାଜ୍ୟମାନଙ୍କରେ ୨୦ଟି ଦଳାଚକଟା ଘଟଣା ଘଟିଥିଲା। ସିଦ୍ଧରମୈୟାଙ୍କ ଅନୁଯାୟୀ ଆର୍‌ସିବି ଶୋଭାଯାତ୍ରାରେ ଦଳାଚକଟା ପାଇଁ କଂଗ୍ରେସ ସରକାର ଦାୟୀ ନୁହଁନ୍ତି। ଲୋକେ ନିୟନ୍ତ୍ରଣ ବାହାରକୁ ଯିବା ପରେ ଏଭଳି ଘଟଣା ଘଟିଥାଏ। ବେଙ୍ଗାଲୁରୁର ଲୋକେ ଆରସିବି ବିଜୟକୁ ନିଜ ବିଜୟ ମାନିଥିଲେ। ଏଥିପାଇଁ ନିୟନ୍ତ୍ରଣ ବିଗିଡ଼ି ଯାଇଥିଲା ଏବଂ ଦୁର୍ଘଟଣା ଘଟିଥିଲା। ସରକାର ମାମଲାର ଯାଞ୍ଚ କରିଥିଲେ। ଘଟଣା ପାଇଁ ଦୋଷୀଙ୍କୁ ଦଣ୍ଡ ଦେବାକୁ ପଦକ୍ଷେପ ନେଇଥିଲେ। ସେ ବିଜେପିର ଅଭିଯୋଗକୁ ନେଇ କହିଛନ୍ତି ଯେ ଯେତେବେଳେ କରୋନା ସମୟରେ ଚାମରାଜନଗରରେ ଅମ୍ଳଜାନ ଅଭାବରୁ ୩୬ ଜଣଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ବିଜେପି କ'ଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୋମାଇଙ୍କୁ ଦୋଷୀ କହିଥିଲା କି? ଏଭଳି ବଡ଼ ଘଟଣାକୁ ନେଇ ସିଦ୍ଧରମୈୟାଙ୍କ ଏପରି ଟିପ୍ପଣୀକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି।

### ଆର୍‌ସିବି ବିଜୟକୁ ନିଜ ବିଜୟ ମାନିଲେ ପ୍ରଶଂସକ

### ସାରା ବିଶ୍ୱରେ ଏଭଳି ଅଘଟଣ ଘଟୁଛି

ସୂଚନା ଅନୁଯାୟୀ ଜୁଲାଇ ୪ରେ ଆଇପିଏଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ପ୍ରଥମ ଟାଇଟଲ ବିଜୟର ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟି ୧୧ ଜଣ ପ୍ରାଣ ହରାଇଥିବାବେଳେ ୫୦ ରୁ ଅଧିକ ଆହତ ହୋଇଥିଲେ। ଏହା ଉପରେ ଆଲୋଚନା କରି ସିଦ୍ଧରମୈୟା ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଦଳାଚକଟା ହୋଇଥିବା ତାଲିକା ଦେଇଥିଲେ। ସେ କହିଥିଲେ ଯେ ବିଜେପି କ୍ଷମତାରେ ଥିବା ସମୟରେ ୨୦୦୮ ଅଗଷ୍ଟରେ ହିମାଚଳ ପ୍ରଦେଶର ବିଳାସପୁରର ନୈନା ଦେବୀ ମନ୍ଦିର,୨୦୦୮ ରେ ଯୋଧପୁର, ୨୦୧୩ରେ ରତନଗଡ଼, ୨୦୨୧ରେ ହରିଦ୍ୱାର, ୨୦୨୩ରେ ମଧ୍ୟପ୍ରଦେଶର ସିହୋର ଏବଂ ୨୦୨୪ରେ ଉତ୍ତର ପ୍ରଦେଶର ହାଥରସରେ ଦଳାଚକଟା ହୋଇଥିଲା। ଜାନୁଆରୀରେ ପ୍ରୟାଗରାଜ କୁମ୍ଭମେଳା ସମୟରେ ଦଳାଚକଟା ଯୋଗୁଁ ୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୨ରେ ଗୁଜରାଟ ମୋରବି ସେତୁ ଦୁର୍ଘଟଣାରେ ୧୩୫ ଜଣଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

ସିଦ୍ଧରମୈୟା କହିଥିଲେ ଯେ ମୋର ୪୨ ବର୍ଷର ରାଜନୈତିକ ଜୀବନରେ ଏପରି ଅଘଟଣ କେବେ ଘଟିନାହିଁ। ଦଳାଚକଟାରେ ମୁଁ କେବେ ୧୧ ଜଣଙ୍କ ମୃତ୍ୟୁ ଦେଖିନାହିଁ। ଏହାକୁ ନେଇ ବହୁତ ଦୁଃଖିତ ଥିଲି। ସେହି ଦିନ ଶୋକ ମଧ୍ୟ ପ୍ରକାଶ କରିଥିଲି।

# ବେଗୁସରାୟରେ ୬ ଲେନ୍ ପୋଲ ଉଦ୍‌ଘାଟନ କଲେ ମୋଦୀ



ପାଟଣା, ୨୨।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବିହାରର ବେଗୁସରାୟରେ ୬ ଲେନ୍ ବିଶିଷ୍ଟ ଅଣ୍ଟା- ସିମାରିଆ ପୋଲ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ତାଙ୍କ ସହ ପୋଲ ଉପରେ ବୁଲି ଦେଖିଥିଲେ। ଗାମୁଛା ବାହାର କରି ହଲାଇବା ସହ ମୋଦୀ ଲୋକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହିଅବସରରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ପୋଲ ତଳେ ଥିବା ଘାଟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୋଦୀ ୩୭ ମିନିଟ୍ ପୋଲ ଉପରେ ରହିଥିଲେ। ଏଥିସହ ମୋଦୀ ଗୟାଜୀରେ ୧୩, ୦୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ।

### ୫୨୦୦ କୋଟି ଟଙ୍କା ଯୋଜନାର ଶୁଭାରମ୍ଭ

ବିହାର ପରେ ପଶ୍ଚିମବଙ୍ଗ ଗସ୍ତ କରି ମୋଦୀ ୫୨୦୦ କୋଟି ଟଙ୍କାର ବିଭିନ୍ନ ଯୋଜନା ଶିଳାନ୍ୟାସ ରଖିବା ସହ ଉଦ୍‌ଘାଟନ କରିଥିଲେ। ସେ ୧୩.୬୨ କିମି ଦୀର୍ଘ ୩ଟି ନୂଆ ମେଟ୍ରୋ ରୁଟ୍ ଉଦ୍‌ଘାଟନ କରିଥିଲେ। ସେ ୧୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଥିବା ୬ ଲେନ୍‌ର ୭.୨ କିମି ବିଶିଷ୍ଟ ଦୀର୍ଘ ଏକ୍ସପ୍ରେସ୍‌ୱେର ଆଧାରଶୀଳା ରଖିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗ ଦେଇ ନ ଥିଲେ। ଏହାପରେ ଏକ ଜନସଭାରେ ଯୋଗ ଦେଇ ମୋଦୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଭାରତର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଟିଏମ୍‌ସି, କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ଅନୁପ୍ରବେଶକାରୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

# ଜାତିସଂଘର ଘୋଷଣା: ଗାଜାରେ ଅକାଳ

ୱାଶିଂଟନ, ୨୨।୮ (ଏଜେନ୍ସି): ଜାତିସଂଘ ଶୁକ୍ରବାର ଆନୁଷ୍ଠାନିକ ଭାବେ ଗାଜାରେ ଅକାଳ ଘୋଷଣା କରିଛି। ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରେ ଜାତିସଂଘ ପ୍ରଥମଥର ପାଇଁ ଏପରି ଘୋଷଣା କରିଛି। ଗାଜାରେ ୫ ଲକ୍ଷ ଲୋକ ଏବେ ଭୟଙ୍କର କ୍ଷୁଧାର ଶିକାର ହୋଇଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହାକୁ ମିଥ୍ୟା ବୋଲି କହିଛନ୍ତି। ଜାତିସଂଘ ସମର୍ଥିତ ଏହି ରିପୋର୍ଟର କୌଣସି ଆଧାର ନାହିଁ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ କ୍ଷୁଧାରେ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି। ଏଠାରେ ଯୁଦ୍ଧ ଆରମ୍ଭ ହେବା ପରେ ୧୧୨ ଜଣ ଛୋଟ ପିଲା ସମେତ ୨୭୧ ଜଣ ଲୋକ କ୍ଷୁଧା ଓ କୁପୋଷଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏବେ ସମାନ କାରଣ ଯୋଗୁଁ ୨୦୨୬ ଜୁନ ସୁଦ୍ଧା ୧୩୨, ୦୦୦ ୫ ବର୍ଷରୁ କମ୍ ଛୋଟ ପିଲା ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଗାଜା ସିଟି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଜ ଇସ୍ରାଏଲ ଧମକ ଦେଇଛନ୍ତି। ଯଦି ହମାସ ଇସ୍ରାଏଲର ସର୍ତ୍ତ ନ ମାନେ ତେବେ ତାହାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ସେ ସତର୍କ କରାଇଛନ୍ତି। ଗାଜା ସହର କବ୍‌ଜା କରିବାକୁ ଇସ୍ରାଏଲ ସେନାକୁ ଅନୁମତି ଦେବାର ଗୋଟିଏ ଦିନ ପରେ ସେ ଏହି ଧମକ ଦେଇଛନ୍ତି। ରାଫା ଓ ବେତ ହନୁନ ସହର ଭଳି ଗାଜାର ମଧ୍ୟ ସମାନ ସ୍ଥିତି ହେବ। ଏହି ଦୁଇଟି ସହର ଏବେ ଆବର୍ଜନାରେ ପରିଣତ ହୋଇଛି। ତେଣୁ ଗାଜାର ମଧ୍ୟ ସମାନସ୍ଥିତି ହେବ ବୋଲି ସେ ଏକ୍ସରେ ପୋଷ୍ଟ କରି ସତର୍କ କରାଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଇସ୍ରାଏଲ ମଧ୍ୟ ୫ଟି ସର୍ତ୍ତ ରଖିଛି। ହମାସ ସବୁ ଇସ୍ରାଏଲ ବନ୍ଦୀଙ୍କୁ ଏକାସାଥିରେ ମୁକ୍ତ କରିବା ସହ ସମ୍ପୂର୍ଣ୍ଣ ଭବେ ଅସ୍ତ୍ର ସମର୍ପଣ କରିବାକୁ ଇସ୍ରାଏଲ କହିଛି। ଏବେ ଗାଜାର ୭୫ ପ୍ରତିଶତ ଅଞ୍ଚଳ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଗାଜାରେ ଦୀର୍ଘଦିନର ଯୁଦ୍ଧ କାରଣରୁ ଭୟଙ୍କର ମାନବୀୟ ସଂକଟ ଦେଖାଦେଇଛି ଓ ଏପର୍ଯ୍ୟନ୍ତ ୬୦ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।

### ଏଡିଆର ରିପୋର୍ଟ

# ଦେଶର ୪୦% ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତର ୪୦ ପ୍ରତିଶତ ଅର୍ଥାତ୍ ୩୦ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୧୦ ପ୍ରତିଶତ ଅର୍ଥାତ୍ ୩୩ ପ୍ରତିଶତଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ ଏବଂ ଲାଞ୍ଚ ଭଳି ଗୁରୁତର ମାମଲା ରହିଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ସର୍ବାଧିକ ୮୯ ମାମଲା ରହିଛି। ନିର୍ବାଚନରେ ସୁଧାର ଆଣିବାକୁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ପର୍ଯ୍ୟନ୍ତ ହେପାଜତରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କୁ ହଟାଇବା ପାଇଁ ସରକାର ସଂସଦରେ ତିନି ବିଲ୍ ଉପସ୍ଥାପନ କରିଥିବାବେଳେ ଏହି ରିପୋର୍ଟ ସାମ୍ନାକୁ ଆସିଛି।

ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସବୁ ମୁଖ୍ୟମନ୍ତ୍ରୀଙ୍କ ସତ୍ୟପାଠ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ୪୭, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଉପରେ ୧୯, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ସିଦ୍ଧରମୈୟାଙ୍କ ବିରୋଧରେ ୧୩, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଉପରେ ୫, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ବିରୋଧରେ ୪, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସୁଖୁଙ୍କ ଉପରେ ୪ଟି, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଉପରେ ୨ଟି ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ବିରୋଧରେ ଗୋଟିଏ ମାମଲା ରହିଛି।

# ଭାରତୀୟ ମହାକାଶ ଷ୍ଟେସନର ମଡେଲ ଜାରିକଲା ଇସ୍ରୋ




ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ପ୍ରଥମ ଥର ପାଇଁ ଭାରତୀୟ ମହାକାଶ ଷ୍ଟେସନ (ବିଏଏସ)ର ମଡେଲର ଫଟୋ ଜାର କରିଛି। ଜାତୀୟ ମହାକାଶ ଦିବସର ଦିନକ ପୂର୍ବରୁ ଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଏହାର ମଡେଲ୍‌କୁ ପ୍ରଦର୍ଶିତ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ବିଏଏସର ପ୍ରଥମ ମଡ୍ୟୁଲୋ ଉତ୍‌କ୍ଷେପଣ କରିବାକୁ ଯୋଜନା କରୁଛି। ଏହା ସହିତ, ଭାରତ ମହାକାଶରେ ଏକ ପ୍ରୟୋଗଶାଳା ଅର୍ଥାତ୍ ଅର୍ବିଟାଲ ଲାବୋରାଟୋରି ଥିବା ଦେଶମାନଙ୍କ ତାଲିକାରେ ସାମିଲ ହେବ। ବର୍ତ୍ତମାନ ମହାକାଶରେ ଏଭଳି ଦୁଇଟି ମଡ୍ୟୁଲୋ ରହିଛି।

# ବିଧାନସଭାରେ ଆର୍‌ଏସ୍‌ଏସ୍ ଗୀତ ଗାଇଲେ ଶିବକୁମାର

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ସମସ୍ତଙ୍କୁ ଚକିତ କରି କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ବିଧାନସଭାରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଗୀତ 'ନମସ୍ତେ ସଦା ବତ୍ସଲେ ମାତୃଭୂମି'ର ଦୁଇଧାଡ଼ି ଗାଇଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଦଳ ଆରସିବିର ଉତ୍ସବ ବେଳେ ହୋଇଥିବା ଦଳଚକଟା ପାଇଁ କର୍ଣ୍ଣାଟକ ସରକାର ନିଜ ଦାୟୀ କରିବାକୁ ଉଚିତ ବୋଲି ଜଣେ ବିଜେପି ବିଧାୟକ କହିଥିଲେ। ଏହାକୁ ସେ ବିରୋଧ କରି ବିଜେପିର ସବୁ ଚାଲ୍ ମତେ ଜଣା ବୋଲି କହିଥିଲେ। ଜବାବରେ ଶିବ୍‌କୁମାର ଏହି ଗୀତ ଗାଇଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହେବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଆକଳନ କରାଯାଇଛି। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି ଓ ନିଜକୁ ଜଣେ ଜନ୍ମଗତ କଂଗ୍ରେସି ବୋଲି କହିଛନ୍ତି।

# ମିଛୁଆ ଟ୍ରମ୍ପ: ସାମ୍ନାକୁ ଆସିଲା ସତ



ୱାଶିଂଟନ, ୨୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପୁଣି ଥରେ ଧରା ପଡ଼ି ଯାଇଛି। ସତ ସାମ୍ନାକୁ ଆସିବା ପରେ ଟ୍ରମ୍ପଙ୍କ ଦାବିକୁ ନେଇ ପ୍ରଶ୍ନ ଉଠୁଛି। ଭାରତର ନିର୍ବାଚନରେ ମତଦାନ ସଂଖ୍ୟା ବା ପ୍ରତିଶତ ବୃଦ୍ଧି କରିବାକୁ ଆମେରିକାର ଜଣାଶୁଣା ଏଜେନ୍ସି ୟୁଏସ୍‌ଏଆଇଡି ୧୮୨ କୋଟି ଟଙ୍କା ଦେଇଥିଲା ବୋଲି ସେ ଗତ ଫେବୃଆରୀରେ କହିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଦାବି ମିଥ୍ୟା ସାବ୍ୟସ୍ତ ହୋଇଛି। ଟ୍ରମ୍ପଙ୍କ ଏହି ବିବାଦୀୟ ଦାବି ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆମେରିକା ଦୂତାବାସକୁ ଗତ ୧୦ ବର୍ଷର ତଥ୍ୟ ମାଗିଥିଲା। ଏହା ଜବାବରେ ଦୂତାବାସ ଜୁଲାଇ ୨ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ଦୂତାବାସ କୌଣସି ପାଣ୍ଠି ଦେଇ ନ ଥିବା କଥା ସ୍ପଷ୍ଟ କରିଛି। ନା କିଛି ପାଣ୍ଠି ମିଳିଥିଲା, ନା କାହାକୁ ଦିଆଯାଇଥିଲା ବୋଲି ଦୂତାବାସ ତରଫରୁ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏଥିରେ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ଆମେରିକା ପ୍ରଦାନ କରିଥିବା ସବୁ ଆର୍ଥିକ ସହାୟତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ସମୟ ଅବଧିରେ ଭାରତକୁ ନିର୍ବାଚନ ପ୍ରକ୍ରିୟାରେ କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ରାଜ୍ୟସଭାରେ ସୂଚନା ଦେଇଛି। ଉଲ୍ଲେଖଥାଉ କି, ଗତ ଫେବୃଆରୀରେ ଟ୍ରମ୍ପ କହିଥିଲେ ଯେ, 'ଭାରତ ପାଖରେ ବହୁତ ପଇସା ଅଛି, ଭାରତ ସବୁଠାରୁ ଅଧିକ ଶୁଳ୍କ ଲାଗୁ କରୁଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ, ଖାସ କରି ଆମେରିକା ଉପରେ, ମୁଁ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନ କରୁଛି, କିନ୍ତୁ ୧୮୨ କୋଟି ଟଙ୍କା କାହିଁକି?'। ପୁଣି କିଛିଦିନ ପରେ ଟ୍ରମ୍ପ ଏହି ପାଣ୍ଠି ଦେବା ନେଇ ତାଙ୍କ ମନ୍ତବ୍ୟକୁ ଦୋହରାଇଥିଲେ। ଏହିକ୍ରମରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ଉଲ୍ଲେଖ କରିଥିଲେ। ଫେବୃଆରୀ ୨୧ରେ ସେ କହିଥିଲେ ଯେ, ଭାରତରେ ଭୋଟ୍ ପ୍ରତିଶତ ବୃଦ୍ଧି କରିବାକୁ ପାଣ୍ଠି ଦିଆଯାଇଛି। କେବଳ ଭାରତ ନୁହଁ, ଟ୍ରମ୍ପ ମୋଲଡୋଭାକୁ ୧୯୦ କୋଟି ଓ ବାଂଲାଦେଶକୁ ୨୫୧ କୋଟି ଟଙ୍କା ଏବଂ ତିବ୍ବତରେ ଶିକ୍ଷାର ବିକାଶ ପାଇଁ ଆମେରିକା ୨୫୫ କୋଟି ଟଙ୍କାର ପାଣ୍ଠି ପ୍ରଦାନ କରିଥିଲା। ଆଗାମୀ ସେପ୍ଟେମ୍ବର ୨ରୁ ଆମେରିକାର ସବୁ ଅନୁଦାନ (ୟୁଏସ୍‌ଏଆଇଡି) ବନ୍ଦ ହେବ ବୋଲି ଆମେରିକା ଦୂତାବାସ କହିସାରିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁଏସ୍‌ଏଆଇଡିର ୮୩ ପ୍ରତିଶତ କର୍ଯ୍ୟକ୍ରମ ଆମେରିକା ବନ୍ଦ କରିସାରିଛି। ଆମେରିକା ତା'ର ୯୪ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି।

# ସରକାରଙ୍କ ଗଳାରେ 'ଏନ୍‌ଏସି' କଣ୍ଟା

## ୧୨କୁ ମିଳିଛି ମାନ୍ୟତା, ଆଉ ୯ ପାଇଁ ପ୍ରକ୍ରିୟା ଜାରି

**୫୭ ନୂଆ ଏନ୍‌ଏସି ଘୋଷଣା କରିଥିଲେ ପୂର୍ବ ସରକାର**

**ବାକି ଜିଲ୍ଲାରେ ବିକ୍ଷୋଭ ପ୍ରତିବାଦ ସହ ତେଜୁଛି ଅସନ୍ତୋଷ**

**ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ବି ଶୀତଳଭଣ୍ଡାରରେ**

ଭୁବନେଶ୍ୱର, ୨୨।୮ (ସମିସ): ନିକଟରେ ରାଜ୍ୟ ସରକାର ୧୨ ଟି ସହରାଞ୍ଚଳକୁ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି ମାନ୍ୟତା ଦେଇଛନ୍ତି। ସେହିପରି ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତଶାସନ ଦିବସରେ ଆଉ ୯ ସହରାଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ କଥା ସତ ହେଲେ ରାଜ୍ୟରେ ମୋଟ ୨୧ଟି ନୂଆ ସହରାଞ୍ଚଳ ଏନ୍‌ଏସି ମାନ୍ୟତା ପାଇବ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୧ଟି ନୂଆ ଏନ୍‌ଏସି ଘୋଷଣା ସରକାରଙ୍କ ପାଇଁ ପରୋକ୍ଷରେ ବୁମେରାଂ ପାଲଟିଛି । ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ୫୭ ଟି ନୂଆ ଏନ୍‌ଏସି ନେଇ ଘୋଷଣା ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସହରଗୁଡ଼ିକ ସାମିଲ ରହିଥିଲା। ମାତ୍ର ବିଜେପି ସରକାର ଏହି ସଂଖ୍ୟାକୁ ହ୍ରାସ କରିବା ଯୋଗୁଁ ଅବଶିଷ୍ଟ ୩୬ଟି ସହରାଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ଏକାଧିକ ସ୍ଥାନ ଯଥା ବେଗୁନିଆ, ଚଣ୍ଡିଖୋଲ୍ ଓ ଜୟପାଟଣା ଆଦିରେ ଏନ୍‌ଏସି ମାନ୍ୟତା ଦାବି କରି ଧାରଣା ଓ ବନ୍ଦ ଡାକରା ଦିଆଯାଇଛି। ଏଠାରେ ସ୍ଥାନୀୟ ବାସିନ୍ଦା ପୂର୍ବ ସରକାରଙ୍କ ଘୋଷଣାକୁ ମନେ ପକାଇ ସେମାନଙ୍କୁ କାହିଁକି ଏନ୍‌ଏସି ମାନ୍ୟତାରୁ ବାଦ୍ ଦିଆଗଲା ବୋଲି ଡବଲ ଇଂଜିନ ସରକାରକୁ ପ୍ରଶ୍ନ କରିଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୫୭ ଟି ନୂତନ ଏନ୍‌ଏସି ଘୋଷଣା କରିବା ପରେ ସଂପୃକ୍ତ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୨ସହରକୁ ଏନଏସି ମାନ୍ୟତା ମିଳିବା ପରେ ଦୀର୍ଘ ବର୍ଷ ଧରି ହେଉଥିବା ଦାବି ସାକାର ହୋଇଥିଲା। ଅନେକବାର ବନ୍ଦ, ଆନ୍ଦୋଳନ ପରେ ତତ୍‌କାଳୀନ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣି ଏନ୍‌ଏସି ଘୋଷଣା କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ମଧ୍ୟ ଜଣାଇଥିଲେ। ହେଲେ ଏନ୍‌ଏସି ଖୁସି ଏବେ ମିଳାଇଯିବା ପରେ ପୁଣିଥରେ ସେମାନେ ଆନ୍ଦୋଳକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ବର୍ତ୍ତମାନ ଯେଉଁ ଏନ୍‌ଏସି ରହିଛି, ସେଥି ମଧ୍ୟରୁ ୫ ଟି ଏନ୍‌ଏସିକୁ ମ୍ୟୁନସିପାଲଟିକୁ ଉନ୍ନୀତ କରାଯିବା ନେଇ ନବୀନ କରିଥିବା ଘୋଷଣା ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ।

ସମ୍ପ୍ରତି ଯେଉଁ ଆନ୍ଦୋଳନ ଦାନା ବାନ୍ଧୁଛି, ତାକୁ ଦଳମତ ନିର୍ବିଶେଷରେ ସହଯୋଗ ମିଳୁଛି। ଅନେକ ସଂଗଠନ ଏହି ଦାବିରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପାଇଁ ଆଗକୁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଜି ଜୟପାଟଣାରେ ବନ୍ଦ ଡାକରାକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ବିଜୁ ଜନତା ଦଳ ତରଫରୁ ଧାରଣା ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପାଟଣାକୁ ଏନ୍‌ଏସି ଘୋଷଣା କହିଥିଲେ। ହେଲେ ଡବଲ ଇଞ୍ଜିନ ସରକାର ତାକୁ ଅଣଦେଖା କରିଛନ୍ତି। ତେଣୁ ଏଠାରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ସହ ଅଖ ଚକ ବନ୍ଦ ରହିଛି। ଦୋକାନ ବଜାର ବନ୍ଦ କରି ଏହାକୁ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ସେହିପରି ବେଗୁନିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସଙ୍ଗଠନ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏଠାରେ ବନ୍ଦ ରହିଛି। ଗତ ବିଜେଡି ସରକାର ଅମଳରେ ବେଗୁନିଆକୁ ଏନଏସି ମାନ୍ୟତା ମିଳିଥିଲା। ବର୍ତ୍ତମାନ ବିଜେପି ସରକାର ରାଜନୈତିକ ଅଭିସନ୍ଧି ରଖି ଏହାକୁ କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି କରି ଚଣ୍ଡିଖୋଲ ଛକରେ ବଡ଼ଚଣା ବିଜେଡି ପକ୍ଷରୁ ଗଣଧାରଣା ଦିଆଯାଇଛି।

■ ବିବାହ ଆଳରେ ଯୁବତୀଙ୍କୁ ଦୁଷ୍କର୍ମ

# ସୁନ୍ଦରଗଡ଼ରୁ ଏଏସ୍‌ଓ ଗିରଫ

ଭୁବନେଶ୍ୱର, ୨୨।୮ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍(ଏଏସ୍‌ଓ)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ନୂଆପଲ୍ଲୀ ରେଣ୍ଟାଲ କଲୋନୀରେ ରହୁଥିବା ଯାଜପୁର ଟାଉନ୍ ଥାନା କପିଳେଶ୍ୱର ଗାଁର ସୁଶାନ୍ତ କୁମାର ଜେନା (୩୩)। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ତାକୁ ଗିରଫ କରିଛି।



ପୁଲିସ ସୂଚନା ମୁତାବକ, ୨୦୨୩ ନଭେମ୍ବର ମାସରେ ଚାକିରି ଅନ୍ୱେଷଣରେ ଭୁବନେଶ୍ୱର ଆସିଥିବା ଯୁବତୀଜଣଙ୍କ ୨୦୨୪ ମସିହା ପରଠାରୁ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାରେ ଚାକିରି କରୁଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ ଏଏସ୍‌ଓ ସୁଶାନ୍ତଙ୍କ ସହ ତାଙ୍କର ଉତ୍ତମ ବନ୍ଧୁତା ହୋଇଥିଲା। ପରେ ସୁଶାନ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିଥିଲା। ଏଥିସହ ଯୁବତୀଙ୍କ ଅଗୋଚରରେ ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରିନେଇଥିଲା। ଏହାର କିଛି ଦିନ ପରେ ସୁଶାନ୍ତ ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲା। ଉଭୟଙ୍କ ସମ୍ପର୍କକୁ ବାହାରେ ପ୍ରଘଟ କଲେ ଫଟୋ ଓ ଭିଡିଓଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏଥିସହ ତାଙ୍କୁ ବିବାହ କରିବା ଲାଗି ରୋକଠୋକ ମନା କରିଦେଇଥିଲା। ପୀଡ଼ିତାଙ୍କ ପରିବାରଲୋକେ ସୁଶାନ୍ତଙ୍କ ପରିବାରକୁ ଭେଟି ଉଭୟଙ୍କ ବିବାହ ଲାଗି ଅନୁରୋଧ କରିଥିଲେ। ସେମାନେ ରାଜି ହେବା ପରିବର୍ତ୍ତେ ଘଟଣା ସମ୍ପର୍କରେ ଅଭିଯୋଗ କଲେ ସେ ପୀଡ଼ିତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଶେଷରେ ନିରାଶ ହୋଇ ପୀଡ଼ିତା ମହିଳା ଥାନାରେ ଏତଲା ଦେଇଥିଲେ। ମହିଳା ଥାନା ପୁଲିସ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରୁ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ

# ଯୋଗ ଦେଇପାରନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟମ୍ବର ୨୮ ତାରିଖରେ ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବ। ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇପାରନ୍ତି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବ ବର୍ଷ ମେଡିଏସନ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାକୁ ମହାମହିମ ରାଷ୍ଟ୍ରପତି ଉଦଘାଟନ କରିଥିଲେ। ଏହାସହ ସୁପ୍ରିମକୋର୍ଟ ପ୍ରଧାନବିଚାର ପତିଙ୍କ ସମେତ ସମସ୍ତ ରାଜ୍ୟର ଆଡଭୋକେଟ୍ ଜେନେରାଲ ମାନେ ଉପସ୍ଥିତ ଥିଲେ। ଆଇନ ପ୍ରଣୟନ ସହ ସମ୍ପର୍କ ଥିବା ରାଜ୍ୟର ପ୍ରମୁଖ ଲୋକଙ୍କ ସହ ସମ୍ମିଳନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଦ୍ୱିତୀୟ ମେଡିଏସନ ସମ୍ମିଳନୀ ଓଡ଼ିଶାରେ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସଚିବ ସ୍ତରୀୟ ବୈଠକ ସହ ହାଇକୋର୍ଟ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସଫଳତା ସହ ଏହା ଯେମିତି ଅନୁଷ୍ଠିତ ହେବ, ସେଥିପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନବିଚାରପତିଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମୁଖ୍ୟବିଚାରପତି ଓ ବିଚାରପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏଠାରେ ମେଡିଏସନର କେମିତି ପ୍ରକ୍ରିୟା ରହିଛି ସେହିସବୁ ବିଷୟରେ ଆଲୋଚନା ହେବ। ଫଳରେ ଆଗାମୀ ଦିନରେ ବିଭିନ୍ନ କେଶ୍‌ରେ ଲିଟିଗେସନ କମିବ। ସରକାରୀ ସ୍ତରରେ ଆଇନକୁ ନେଇ ଯେଉଁ ପ୍ରକ୍ରିୟା ରହିଛି ଏହି ମେଡିଏସନ ଆମକୁ ନୂଆ ରାସ୍ତା ଦେଖାଇବ। ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ଆସିବା ପାଇଁ ଅନୁରୋଧ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୋଧ ପତ୍ର ପଠାଇଛନ୍ତି। ସବୁ ରାଜ୍ୟର ନ୍ୟାୟିକ ବ୍ୟବସ୍ଥାର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ପାଖାପାଖି ୨୦୦ ପ୍ରତିନିଧି ଏଥିରେ ଯୋଗ ଦେବେ।

ରାଜ୍ୟରେ ଏଚ୍‌ଆଇଭି ସଂକ୍ରମଣକୁ ନେଇ ତନାଘନା

# ଯୁବପିଢ଼ିଙ୍କୁ ସଚେତନ କରିବାକୁ ଯୁବସେବା ବିଭାଗକୁ ଚିଠି

ଭୁବନେଶ୍ୱର, ୨୨।୮ (ସମିସ): ରାଜ୍ୟରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଓ ଚାରି ହଜାର ସଂକ୍ରମିତ ନିଖୋଜକୁ ନେଇ ଚିନ୍ତାବ୍ୟକ୍ତ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ । ଯୁବଗୋଷ୍ଠୀ ମଧ୍ୟରେ ଏଚ୍‌ଆଇଭି ବ୍ୟାପୁଥିବା ସଂକ୍ରାନ୍ତରେ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ସହ କ୍ରୀଡ଼ା ଓ ଯୁବସେବା ବିଭାଗକୁ ସଚେତନତା ସୃଷ୍ଟି ନିମନ୍ତେ ଚିଠି ଲେଖିଛି ।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବ ଗୋଷ୍ଠୀ। ସେପଟେ ପଞ୍ଜିକୃତ ଏଡସ୍ ରୋଗୀଙ୍କ ଭିତରୁ ପ୍ରାୟ ହଜାରରୁ ଅଧିକ ଲୋକଙ୍କ ପତ୍ତା ନ ମିଳୁଥିବାରୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ସମଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ଏହି ଭୟକୁ ଅଧିକ ବଢ଼ାଇଛି। ଏପରିକି ୧୭ରୁ ୩୫ ବର୍ଷ ବୟସର ଯୁବଗୋଷ୍ଠୀଙ୍କଠାରୁ ସଂଗୃହୀତ ନମୁନାର ୪୧ % ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଭୟାବହ ସ୍ଥିତିକୁ ଦର୍ଶାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଞ୍ଜିକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୧୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି ବା କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା କରିଛି ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି । ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ଆଧାରରେ ସ୍ୱାସ୍ଥ୍ୟ ବିଭାଗ ତନାଘନା ଆରମ୍ଭ କରିଛି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ ଚିଠି ଲେଖିଛି।

ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ପ୍ରୟାସର ପ୍ରସାର ଏବଂ ପ୍ରଭାବକୁ ବୃଦ୍ଧି କରିବା ପାଇଁ କ୍ରୀଡା, ଯୁବ ସେବା ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ସ୍ଥାନ, ଛାତ୍ରାବାସରେ ନିୟମିତ ବ୍ୟବଧାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପଦକ୍ଷେପ ନିଆଯାଉଛି। ଏଥିସହ ମିନି ମାରାଥନ, ମହୋତ୍ସବ, ଭାବ ବିନିମୟ କାର୍ଯ୍ୟକ୍ରମ, ଶିବିର ଏବଂ ଅନ୍ୟାନ୍ୟ ଜାତୀୟ/ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ନେଇ ପଦକ୍ଷେପ ନେବାକୁ କୁହାଯାଇଛି। ସେହିଭଳି ରେଡ ରିବନ୍ କ୍ୟାପ ପିନ୍ଧିବା ଏବଂ ରେଡ ରିବନ ପତାକା ପ୍ରଦର୍ଶନ କରିବା ଆଦି ସଚେତନତା ଅଭିଯାନ ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ କ୍ରୀଡା ବିଭାଗ ଦ୍ୱାରା ପ୍ରଖ୍ୟାତ କ୍ରୀଡାବିତ୍‌ମାନଙ୍କର ମନୋନୟନ କରିବାକୁ କୁହାଯାଇଛି। ବିଶ୍ୱ ଏଡସ୍ ଦିବସ ପାଳନର ଅଂଶ ଭାବରେ କ୍ରୀଡା-ଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କୁହାଯାଇଛି।

# ସେପ୍ଟେମ୍ବର ୧୫ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ଭୁବନେଶ୍ୱର,୨୨।୮ (ସମିସ): ଆସନ୍ତା ସେପ୍ଟେମ୍ବର ୧୫ରୁ ପୁରୀ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। କାର୍ତ୍ତିକରେ ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ଏଥିପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବା ନେଇ ଦାବି ହୋଇଆସୁଥିଲା। ପାଖାପାଖି ଏକ ବର୍ଷ ହେବ ଧାଡ଼ି ଦର୍ଶନ ନେଇ ଯୋଜନା ହେଉଥିବେବେଳେ, ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ ହୋଇପାରିବ, ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ ହେବ। ୩ରୁ ୪ ଦିନ ଭିତରେ ପରିଚାଳନା କମିଟି ଗଠନ ହେବ। ପ୍ରଥମ ବୈଠକରେ ହୁଣ୍ଡି ସିଫ୍ଟ ନେଇ ନିଷ୍ପତ୍ତି ହେବ। ଏହାପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଧାଡ଼ି ଦର୍ଶନ ବ୍ୟବସ୍ଥା ହେଲେ ବ୍ୟାରିକେଡ୍‌ରେ ଯାଇ ରାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ। ଫଳରେ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି। ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧି ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୨।୮ (ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠପଢ଼ା ବା ଏମ୍‌ବିବିଏସ୍ ପାଠ୍ୟକ୍ରମ ଫି' ଅହେତୁକ ବୃଦ୍ଧି ନେଇ ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ଅଗଷ୍ଟ ୧୬ର ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ, ଜାତୀୟ ମେଡିକାଲ କମିସନ, ଡିଏମଇଟିଙ୍କୁ ନୋଟିସ୍ ଜାରି କରିଛନ୍ତି। ଫି' ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି ବିଚାରାଧୀନ ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ସଂଗ୍ରାମ ରାଉତ, ଚୌଧୁରୀ ଆକାଶ କୁମାର ବେହେରା, ସୀତାଂଶୁ ପାଣି ଓ ଅନ୍ୟମାନଙ୍କ ତରଫରୁ ଦାୟର ତିନି ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଗଷ୍ଟ ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୩ଟି ମେଡିକାଲ କଲେଜ ଯଥା ହାଇକେଟ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ଏମବିବିଏସ ପାଠ୍ୟକ୍ରମ ଫି' ବୃଦ୍ଧି କରାଯାଇଥିଲା। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଜେଇଇ କର୍ତ୍ତୃପକ୍ଷ ଫି' ବୃଦ୍ଧି ନେଇ ବିଜ୍ଞପ୍ତି ଜାରି କରିଥିଲେ। ୨୦୨୫-୨୬ବର୍ଷ ପାଇଁ ଏମବିବିଏସ୍ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ଫି' ବୃଦ୍ଧି ହଠାତ୍ କରାଯିବା ଦ୍ୱାରା ଆଶାୟୀ ଛାତ୍ରଛାତ୍ରୀ ସମସ୍ୟାରେ ପଡ଼ିଛନ୍ତି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିପ୍ଳବ ବାହାଲି, ସୌରଭ ଦାସ, ରଜତ କୁମାର ମିଶ୍ର ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

ପାର୍ବଣ ପାଇଁ ପୁଲିସର ପ୍ରସ୍ତୁତି

# ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ

କଟକ, ୨୨।୮ (ସମିସ): ପାର୍ବଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ। ଏହାସହ ବେଆଇନ ଗୋ-ଚାଲାଣ ଏବଂ ବେଆଇନ ବାଣ ବିକ୍ରି ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କହିଛନ୍ତି। ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ନିର୍ଦ୍ଦିଷ୍ଟ କେତୋଟି ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୋସିଆଲ ମିଡିଆରେ ଗୁଜବ ପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଭସାଣି ସମୟରେ ସତର୍କତା ପଦକ୍ଷେପ ଆଦି ପ୍ରସଙ୍ଗରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଥିଲା।

ବୈଠକରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି ସତୀଶ ଗଜଭିୟେ, ସଫିନ ଅହମ୍ମଦ, ଡଃ ସାର୍ଥକ ଷଡ଼ଙ୍ଗୀ, ଚରଣସିଂ ମିନା, ଯୁଗଳ କିଶୋର କୁମାର ବନୋଥ, କଟକ ଏସପି ଭିନୀତ ଅଗ୍ରୱାଲଙ୍କ ସମେତ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସମେତ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଆଇଜି, ଡିଆଇଜି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମିକାର ତଣ୍ଟି କାଟି ବିଷ ପିଇଲେ ଯୁବକ

ବଲାଙ୍ଗିର, ୨୨।୮ (ସମିସ): ପ୍ରେମିକାର ତଣ୍ଟି କାଟିବା ପରେ ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ। ଏଭଳି ଏକ ଅଭାବନୀୟ ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁର ସୁକାନ୍ତୀ ବରିହା ଓ ଲରମ୍ବା ଥାନା ପଣ୍ଡରିପାଣି ଗାଁର ହଳଧର ବରିହା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏହି ଅଘଟଣ ଘଟିଛି, ତାହା ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ଗୁରୁବାର ହଳଧର ତାଙ୍କ ସଂପର୍କୀୟ ମାୟାବର୍ହା ଗାଁର ରତ୍ନ ବରିହାଙ୍କ ଘରକୁ ଆସିଥିଲେ। ସେଠାରେ ସେ ରତ୍ନଙ୍କ ଝିଅ ସୁକାନ୍ତୀଙ୍କୁ ବିବାହ କରିବେ ବୋଲି ତାଙ୍କ ଘରଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପରିବାରଲୋକଙ୍କୁ ସାଙ୍ଗରେ ଆଣି ଏ ସଂପର୍କରେ କଥା ହେବା ପାଇଁ ହଳଧରଙ୍କୁ ରତ୍ନ ପରାମର୍ଶ ଦେଇଥିଲେ। ପରେ ଖାଇପିଇ ସମସ୍ତେ ଶୋଇଥିଲେ। ହଳଧର ମଧ୍ୟ ସେଠାରେ ରାତ୍ରିଯାପନ କରିଥିଲେ। ଆଜି ସକାଳୁ ହଳଧର ଘରକୁ ଯିବା ପାଇଁ ବାହାରିବା ପୂର୍ବରୁ ସୁକାନ୍ତୀଙ୍କ ମା'ଙ୍କୁ ପାଣି ମାଗିଥିଲେ। ଏହି ସମୟରେ ସୁକାନ୍ତୀଙ୍କୁ ଏକୁଟିଆ ପାଇ ହଳଧର ତାଙ୍କ ତଣ୍ଟି କାଟି ଫେରାର୍ ହୋଇଯାଇଥିଲା। ପରିବାରଲୋକେ ସୁକାନ୍ତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ହଳଧର ନିଜ ଘରକୁ ଆସି ବିଷ ପିଇ ଦେଇଥିଲେ। ପରିବାରଲୋକ ତାଙ୍କୁ ପ୍ରଥମେ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ସୁକାନ୍ତୀଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରୁଛି। କେବଳ ପ୍ରେମ ସଂପର୍କ ନା ଅନ୍ୟ କେଉଁ କାରଣରୁ ଏହି ଘଟଣା ଘଟିଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

ଅସୁରକ୍ଷିତ ବଡ଼ଦେଉଳ

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

**ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା**

**ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ ଓ ଏସ୍‌ପି**

**ସଚେତନତା ପାଇଁ ମନ୍ଦିର ବାହାରେ ଲାଗିବ ସାଇନବୋର୍ଡ**

**ଆନନ୍ଦ ବଜାରରେ ହେବ ସ୍ୱତନ୍ତ୍ର ସିସିଟିଭି କଣ୍ଟ୍ରୋଲ ରୁମ୍**

ପୁରୀ, ୨୨।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଆଜି ପୁଣି ଜଣେ ଶ୍ରଦ୍ଧାଳୁ ଚଢ଼ିବାକୁ ଚେଷ୍ଟା କରିଛନ୍ତି। ବେହେରଣ ଦ୍ୱାର ଦେଇ ସେ ପାଖାପାଖି ୫ ଫୁଟ୍ ଉପରକୁ ଉଠିଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ବ୍ୟକ୍ତିଜଣଙ୍କ ହେଲେ, ଉତ୍ତରପ୍ରଦେଶର ମନୋଜ ସିଂ। ପୁଲିସ୍ ତାଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ମାନସିକ ପୂରଣ ହୋଇଥିବାରୁ ସେ ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ଆଗରେ କହିଛନ୍ତି। ତେବେ ମନ୍ଦିର ଉପରକୁ ଶ୍ରଦ୍ଧାଳୁ ଚଢ଼ିବା, ସପ୍ତାହକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ, ତାହାର ସମୀକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଏସ୍‌ପି। ଏଥିପାଇଁ କ'ଣ କ'ଣ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ତାହା ମଧ୍ୟ ସ୍ଥିର କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ଓଡ଼ିଶା ପୁଲିସ, ସ୍ୱତନ୍ତ୍ର ସୁରକ୍ଷା ବାହିନୀ, ଜେଟିପିଙ୍କ ଭଳି ମାଳମାଳ ସୁରକ୍ଷାକର୍ମୀ ନିୟୋଜିତ ଥିବା ବେଳେ ବିଭିନ୍ନ ଜାଗାରେ ସିସିଟିଭି ଲାଗିଛି। ଏହା ସତ୍ତ୍ୱେ ଶ୍ରଦ୍ଧାଳୁ ମନ୍ଦିର ଉପରକୁ ଚଢ଼ିଯାଉଛନ୍ତି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି ବୋଲି କିଛି ସଚେତନ ନାଗରିକ କହିଛନ୍ତି। ଯଦି ସମ୍ପୃକ୍ତର ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥା'ନ୍ତା, ସେଥିପାଇଁ କି'ଏ ଦାୟୀ ରହିଥାନ୍ତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ, ସେନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଏସ୍‌ପି ପିନାକ ମିଶ୍ର ମନ୍ଦିର ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଭିତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଆନନ୍ଦବଜାରରେ ସ୍ୱତନ୍ତ୍ର ସିସି ଟିଭି କଣ୍ଟ୍ରୋଲ ରୁମ୍ କରାଯିବା ସହ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ ହେବେ। ଏଥିସହ ଆହୁରି ଅତିରିକ୍ତ ସୁରକ୍ଷା କର୍ମୀ ମନ୍ଦିର ଭିତରେ ନିୟୋଜିତ କରାଯିବା ନେଇ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି।

ଅପରପକ୍ଷେ, ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି ଯେ ଶ୍ରୀମନ୍ଦିରରେ ଅନେକ ସମ୍ବେଦନଶୀଳ ସ୍ଥାନ ରହିଛି, ଯେଉଁ ବାଟଦେଇ ଭକ୍ତମାନେ ଅତି ସହଜରେ ମନ୍ଦିର ଉପରକୁ ଚଢ଼ିପାରୁଛନ୍ତି। ସେହିସବୁ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ୨୪ ଘଣ୍ଟିଆ ପହରା ଦେବେ। ଏଥିସହ ଶ୍ରୀମନ୍ଦିର ଭିତରେ ପୁଲିସ ଆଉଟ୍‌ପୋଷ୍ଟ କରିବା ନେଇ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ସାଇନ୍ ବୋର୍ଡ ଲଗାଯିବ। ଫଳରେ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ବିଭିନ୍ନ କଟକଣା ବାବଦରେ ଅବଗତ ହୋଇପାରିବେ। ଏସବୁ କାମ ପାଇଁ ଏଏସ୍‌ଆଇକୁ ମଧ୍ୟ ଅବଗତ କରାଯିବ। ମନ୍ଦିର ଭିତରେ ଲାଗିଥିବା ସିସିଟିଭିଗୁଡ଼ିକୁ ଆନନ୍ଦବଜାରରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ସମସ୍ତ ଗତିବିଧି ଉପରେ ନଜର ରଖାଯିବ।

■ ବଢ଼ୁଛି ହୀରାକୁଦ ଜଳସ୍ତର

# ପୁଣି ଖୋଲିବ ଗେଟ୍

ସମ୍ବଲପୁର, ୨୨।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର କ୍ରମାଗତ ଫୁଲିବାରେ ଲାଗିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଆଜି ସଂଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୮.୩୯ ଫୁଟ୍ ରହିଛି। ତେବେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ହୀରାକୁଦର ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଇଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୩୫,୮୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୬୪୧ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୫୬୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୮୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ନଦୀବନ୍ଧର ଉପରମୁଣ୍ଡରେ ୧୬.୪୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୨.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୦.୮୯ ଫୁଟ୍ ରହିଥିଲା।





# ରାଜଧାନୀ ଟ୍ରାଫିକ୍ | ବେହାଲ, ଅଣାୟତ୍ତ, ଅଣନିଃଶ୍ୱାସୀ





ଭୁବନେଶ୍ୱର, ୨୨।୮ (ସମିସ): ରାଜଧାନୀରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ଏବେ ରାଜଧାନୀର ପ୍ରାୟ ଅଧିକାଂଶ ଛକରେ ଟ୍ରାଫିକ ଜାମ୍ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ରାଜଧାନୀରେ ନିର୍ମାଣ ହୋଇଥିବା ଫ୍ଲାଏଓଭର ମଧ୍ୟ ଏହାର ସମାଧାନ କରିବାରେ ସଫଳ ହୋଇପାରିନାହିଁ। ଟ୍ରାଫିକ ସମସ୍ୟା ସୁଧାରିବାକୁ ରାଜ୍ୟ ବାହାରର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆପଣାଇବା ପାଇଁ ଅନେକ ଥର ଯୋଜନା କରାଯାଇଥିଲେ ମଧ୍ୟ ତାହା କେବଳ ଆଲୋଚନାରେ ସୀମିତ ରହିଯାଇଛି।

ରାଜଧାନୀର ପ୍ରମୁଖ ପ୍ରବେଶ ପଥ ହଂସପାଳ ଛକରୁ ଆରମ୍ଭ ହେଉଛି ଟ୍ରାଫିକ ସମସ୍ୟା। ରାଜପଥରେ କଟକରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କ ପାଇଁ ଏହା ଏକମାତ୍ର ରାସ୍ତା। ଏଥିସହିତ ଏହି ଛକରୁ ବାଲିଅନ୍ତା ଆଡ଼କୁ ରାସ୍ତା ସଂଯୋଗ ହୋଇଛି। ପଳାସୁଣୀ ଛକରେ ଭିଡ଼ ଦେଖିବାକୁ ମିଳୁଛି। ୬ ଲେନ୍ ବିଶିଷ୍ଟ ରାସ୍ତା ଗଙ୍ଗୁଆ ନାଳ (ପଳାସୁଣୀ) ବ୍ରିଜ ଉପରେ ୪ ଲେନ୍ ହୋଇଯାଇଛି। ଫଳରେ ସବୁଦିନ, ବିଶେଷ କରି ସକାଳ ଓ ସନ୍ଧ୍ୟାରେ ଭିଡ଼ ପରିଲକ୍ଷିତ ହେଉଛି। କେବଳ ଏତିକି ନୁହେଁ, ରସୁଲଗଡ଼ ଠାରୁ ଆରମ୍ଭ କରି ବମିଖାଲ, ଲକ୍ଷ୍ମୀସାଗର, କଳ୍ପନା ଛକ ପର୍ଯ୍ୟନ୍ତ ଉପୁଜୁଥିବା ଟ୍ରାଫିକ ସମସ୍ୟା ସହିତ ଲୋକମାନେ ଲଢେଇ କରୁଛନ୍ତି। ସେପଟେ ପୁରୀ ପଟରୁ ଭୁବନେଶ୍ୱରର ପ୍ରବେଶ ପଥ ରବି ଟକିଜ୍ ଛକରେ ମଧ୍ୟ ସମାନ ଅବସ୍ଥା। ଛତୁ ଫୁଟିଲା ଭଳି ଘରୋଇ ସ୍କୁଲ ଓ କଲେଜ, ବେସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ପର୍ଯ୍ୟଟନସ୍ଥଳୀ ପାଇଁ ଜୟଦେବ ବିହାର - ନନ୍ଦନକାନନ ରାସ୍ତାରେ ପ୍ରତିଦିନ ହଜାର ହଜାର ଗାଡ଼ି ଗଡ଼ୁଛି। ଜନସଂଖ୍ୟା ସାଙ୍ଗକୁ ଗାଡ଼ି ସଂଖ୍ୟା ଢେର୍ ବଢ଼ିଥିବା ବେଳେ ରାସ୍ତା ଯେମିତି ସେମିତି ରହିଯାଇଛି। ଫଳରେ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି। ଏହି ଭିଡ଼ରେ ରୋକ୍ ଲଗାଇବା ପାଇଁ ସମାନ୍ତରାଳ ରାସ୍ତା କରାଯାଇଥିଲେ ମଧ୍ୟ ତାହା ଏବେବି ଅସମ୍ପୂର୍ଣ୍ଣ।

### ସୌନ୍ଦର୍ଯ୍ୟକରଣ ନାଁରେ ସଙ୍କୁଚିତ

ଭୁବନେଶ୍ୱରକୁ ସରସ ସୁନ୍ଦର କରିବାକୁ ସୌନ୍ଦର୍ଯ୍ୟକରଣ କରାଯାଉଛି। ତେବେ ଏହାର ଯୋଜନା ସମୟରେ ଟ୍ରାଫିକ ପୁଲିସର ମତାମତ ଲୋଡ଼ା ନ ଯିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯଦି ଆମେ ସିଆରପି ଛକକୁ ଉଦାହରଣ ସ୍ୱରୂପ ନେବା, ତାହାଲେ ପୂର୍ବରୁ ନୂଆପଲ୍ଲୀ ପଟରୁ ୟୁନିଟ୍ ୮ ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକୁ ସିଆରପି ଛକରେ ରହୁ ନ ଥିଲେ। ଗାଡ଼ି ଗୁଡ଼ିକ ସିଆରପି ଛକ ଟ୍ରାଫିକ ପୋଷ୍ଟରେ ନ ଅଟକି ଲେଫ୍ଟ କଟ ଦେଇ ଷ୍ଟୁଆର୍ଟ ସ୍କୁଲ ଓ ୟୁନିଟ୍ ୮ ଡିଏଭି ଆଡ଼କୁ ଯାଉଥିଲେ। ହେଲେ ଏବେ ସୌନ୍ଦର୍ଯ୍ୟକରଣ ଆଳରେ ସେହି ଲେଫ୍ଟ କଟକୁ ବନ୍ଦ କରିଦିଆଯାଇଛି। ଫଳରେ ନୂଆପଲ୍ଲୀ ପଟରୁ ଆସୁଥିବା ଗାଡ଼ିଗୁଡ଼ିକ ବାମ ପଟକୁ ଯିବାକୁ ହେଲେ ଟ୍ରାଫିକ ସିଗ୍ନାଲକୁ ଅପେକ୍ଷା କରୁଛନ୍ତି। କେବଳ ଏତିକି ନୁହେଁ, ଫ୍ଲାଏଓଭରକୁ ଲାଗି ହୋଇଥିବା ଫୁଟପାଥ ମଧ୍ୟ ରାସ୍ତା ମାଡ଼ିବସିଛି। ଫଳରେ ପୂର୍ବରୁ ୯ ମିଟର ଚଉଡ଼ା ଥିବା ସର୍ଭିସ୍ ରାସ୍ତା ଏବେ ୩ ମିଟର ହ୍ରାସ ପାଇ ୬ ମିଟରରେ ପହଞ୍ଚିଛି। ସହରର ଅନେକ ରାସ୍ତା ଏପରି ସୌନ୍ଦର୍ଯ୍ୟକରଣ ଆଳରେ ସଙ୍କୁଚିତ ହୋଇଛି।



## ନାକେଦମ୍ କରୁଛି ଆୟୁର୍ବେଦ ହସ୍ପିଟାଲ ଛକ

ରାଜଧାନୀର ଅନ୍ୟତମ ବ୍ୟବସ୍ତବହୁଳ ତଥା ଜନବହୁଳ ରାସ୍ତା ହେଉଛି କଳିଙ୍ଗ ଷ୍ଟୁଡିଓ ଛକରୁ ସମ ହସ୍ପିଟାଲ ଆଡକୁ ଯାଇଥିବା ରାସ୍ତା। ରାଜଧାନୀର ବିଭିନ୍ନ ରାସ୍ତା ଜାମ୍ ହେଉଥିବା ଏକ ସାଧାରଣ ଘଟଣା ହୋଇଥିବା ବେଳେ ଏହି ରାସ୍ତାରେ ନିୟମିତ ୫୦ରୁ ଊର୍ଦ୍ଧ୍ୱ ଆମ୍ବୁଲାନ୍ସ ସମେତ ସାଧାରଣ ଲୋକେ ଯାତାୟତ କରନ୍ତି। ବିଶେଷ କରି ଏଠାରେ ସମ୍ ହସ୍ପିଟାଲ, ସମ୍ ଅଲଟିମେଟ୍ ଏବଂ ଆୟୁର୍ବେଦ ହସ୍ପିଟାଲ ରହିଛି। ଫଳରେ ବିଭିନ୍ନ ଜିଲ୍ଲାରୁ ଶହଶହ ଲୋକେ ଏଠାକୁ ଚିକିତ୍ସା ପାଇଁ ଆସନ୍ତି। ତେବେ ଏହି ରାସ୍ତାରେ ସକାଳ ୯ଟାରୁ ରାତି ୯ଟା ଯାଏ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଏମିତିକି ଆମ୍ବୁଲାନ୍ସ ମଧ୍ୟ ଯାଇ ନପାରି ଘଣ୍ଟା ଘଣ୍ଟା ଅଟକି ରହୁଥିବା ଦେଖିବାକୁ ମିଳିଛି। ତେବେ ଷ୍ଟୁଡିଓ ଛକରେ ଟ୍ରାଫିକ୍ କର୍ମଚାରୀ ଉପସ୍ଥିତ ରହୁଥିବା ବେଳେ ଆୟୁର୍ବେଦ ହସ୍ପିଟାଲ ଛକରେ ଜଣେ ଟ୍ରାଫିକ୍ କର୍ମଚାରୀ ଉପସ୍ଥି ରହିବା ନିହାତି ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା ଏସ୍ କେ ଶାହାବୁଦ୍ଦିନ କହିଛନ୍ତି। ତାଙ୍କ କହିବା ଅନୁସାରେ ଏଠାରେ ହସ୍ପିଟାଲ ଓ ମେଡିକାଲ କଲେଜ ଗୁଡ଼ିକ ରହିଥିବାରୁ ଭିଡ଼ ହେବା ସ୍ୱାଭାବିକ କଥା। କିନ୍ତୁ ଷ୍ଟୁଡିଓ ଛକ ଟ୍ରାଫିକ ଅତିକ୍ରମ କରିବା ପରେ ଯେଉଁମାନେ ଆୟୁର୍ବେଦ ହସ୍ପିଟାଲକୁ ରାଇଟ ଟର୍ଣ୍ଣ ନେଉଛନ୍ତି ସେମାନଙ୍କ ପାଇଁ କୌଣସି କଟକଣା ରହୁନି। ତେଣୁ ପଛକୁ ପଛ ଗାଡ଼ି ଅଟକି ରହୁଛି। ଯାହା କି ୫ ମିନିଟ୍ ମଧ୍ୟରେ ଟ୍ରାଫିକ୍ ଜାମ ଯୋଗୁଁ ଏଭଳି ସ୍ଥିତି ଉପୁଜୁଛି। ଏହାଦ୍ୱାରା ଏଠାରେ ରହିଥିବା ବ୍ୟବସାୟୀମାନଙ୍କ ବ୍ୟବସାୟ ମଧ୍ୟ ହେଉନି। କାରଣ ଭିଡ଼ରେ ଗାଡ଼ି ରଖିବା ଅସମ୍ଭବ ହୋଇପଡୁଛି। ଫଳରେ ଦୋକାନ ଘର ଭଡ଼ା ବାବଦକୁ ମାସିକ ଟଙ୍କା ଗଣୁଥିବା ବ୍ୟବସାୟୀ ଲାଭ ବଦଳରେ କ୍ଷତି ସହୁଥିବା କହିଛନ୍ତି। ଅନେକ ସମୟରେ ଭିଡ଼ ଯୋଗୁଁ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳିଛି। ତେଣୁ ଆୟୁର୍ବେଦ ହସ୍ପିଟାଲ ଛକରେ ଟ୍ରାଫିକ କର୍ମଚାରୀ ରହିଲେ ହିଁ ଲୋକେ ମନଇଚ୍ଛା ଏଣେତେଣେ ଯାଇ ପାରିବେ ନାହିଁ ଏବଂ ଭିଡ଼ ମଧ୍ୟ ନିୟନ୍ତ୍ରଣ ହେବ ବୋଲି ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଗାଡ଼ିଚାଳକ ମାନେ କହିଛନ୍ତି।

### ଭିଡ଼ ବଢ଼ାଉଛି ଆମ ବସ୍ଷ୍ଟାଣ୍ଡ

ଲୋକମାନଙ୍କ ଗମନାଗମନକୁ ସହଜ କରିବା ପାଇଁ ଆମ ବସ୍ ଗଡ଼ୁଛି। ବିଭିନ୍ନ ଛକରେ ଆମ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇଛି। ବସ୍ଷ୍ଟାଣ୍ଡ ନିର୍ମାଣରେ ହୋଇଥିବା ସାମାନ୍ୟ ତ୍ରୁଟି ଏବେ ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ପାଲଟିଛି। ଫାୟାର ଷ୍ଟେସନ, ସିଆରପି, ଜୟଦେବ ବିହାର, ଆଚାର୍ଯ୍ୟ ବିହାର ସମେତ ସହରରେ ଥିବା ଅନେକ ଆମ ବସ୍ଷ୍ଟାଣ୍ଡ ଟ୍ରାଫିକ ପୋଷ୍ଟକୁ ଲାଗି ନିର୍ମାଣ କରାଯାଇଛି। ଫଳରେ ବସ୍ଗୁଡ଼ିକ ଷ୍ଟାଣ୍ଡରେ ଅଟକିବା ସମୟରେ କୃତ୍ରିମ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ସିଗ୍ନାଲ ଛାଡ଼ିଲେ ମଧ୍ୟ ସାମ୍ନାରେ ବସ୍ ଥିବାରୁ ଗାଡ଼ି ଚାଳକ ମାନଙ୍କୁ ସାମାନ୍ୟ ଦିଗ ପରିବର୍ତ୍ତନ କରିବାକୁ ପଡ଼ୁଛି। ଫଳରେ ଗାଡ଼ିଗୁଡ଼ିକ ଯେଉଁ ମାତ୍ରାରେ ଟ୍ରାଫିକ ପୋଷ୍ଟ ପାର କରିବା କଥା ତାହା କରିପାରୁ ନାହାଁନ୍ତି। ଏଥିସହିତ ଟ୍ରାଫିକ ଫ୍ଲୋ ମଧ୍ୟ ନଷ୍ଟ ହେଉଛି। ବସ୍ଷ୍ଟାଣ୍ଡକୁ ଲାଗି ରହିଥିବା ସରକାରୀ ଜମି ଜବରଦଖଲ ହୋଇଥିବାରୁ 'ବସ୍ ବେ' ନିର୍ମାଣ ହଇପାରୁନାହିଁ।

### ସିଗ୍ନାଲ ସରୁଛି, ଗାଡ଼ି ସରୁନି

ରାସ୍ତା ସଙ୍କୁଚିତ କଥା ହେଉ ଅବା ଆମ ବସ୍ ଷ୍ଟାଣ୍ଡ ଯୋଗୁଁ ଉପୁଜୁଥିବା କୃତ୍ରିମ ଭିଡ଼ କଥା ହେଉ। ଏହାର ପ୍ରଭାବ ସିଧାସଳଖ ଟ୍ରାଫିକ ପରିଚାଳନା ଉପରେ ପଡୁଛି। ଏହି ସମସ୍ୟା ଯୋଗୁଁ ସିଗ୍ନାଲ ପାଇବା ପରେ ଗାଡ଼ିଗୁଡ଼ିକ ଟ୍ରାଫିକ ପୋଷ୍ଟ ଛାଡ଼ି ଆଗକୁ ବଢୁଛନ୍ତି। ହେଲେ କୃତ୍ରିମ ଭିଡ଼ ଯୋଗୁଁ ସେମାନଙ୍କୁ ସାମାନ୍ୟ ଦିଗ ପରିବର୍ତ୍ତନ କରିବାକୁ ପଡୁଛି। ଫଳରେ ଥରେ ସିଗ୍ନାଲ ଛାଡ଼ିବା ଦ୍ୱାରା ଯେତିକି ଗାଡ଼ି ଟ୍ରାଫିକ ପୋଷ୍ଟ ପାରି ହେବା କଥା, ସେତିକି ହୋଇ ପାରୁନାହିଁ। ସିଗ୍ନାଲ ସମୟସୀମା ମଧ୍ୟରେ ଅନେକ ଗାଡ଼ି ଟ୍ରାଫିକ ପୋଷ୍ଟ ପାର କରି ପାରୁନାହାଁନ୍ତି।

### ଭିଡ଼ ଅଛି, ଟ୍ରାଫିକ ପୋଷ୍ଟ ନାହିଁ

ରାଜଧାନୀ ତାର କାୟା ବିସ୍ତାର କରୁଥିବା ବେଳେ ଗତ କିଛିବର୍ଷ ମଧ୍ୟରେ ଗାଡ଼ି ମୋଟର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଦୁଇଟି ଯାକ ଆରଟିଓରେ ଗାଡ଼ି ପଞ୍ଜୀକରଣ ସଂଖ୍ୟା ପ୍ରାୟତଃ ୨୦ ଲକ୍ଷ ହେଲାଣି। ପ୍ରାୟ ଦେଢ଼ ଲକ୍ଷ ଗାଡ଼ି ପ୍ରତିଦିନ ରାଜଧାନୀରେ ଗଡ଼ୁଛି। ପ୍ରତିଦିନ ଶହ ଶହ ଗାଡ଼ି ସହର ବାହାରକୁ ଓ ଭିତରକୁ ଯିବା ଆସିବା କରୁଛି। ଜନସଂଖ୍ୟା ତୁଳନାରେ ରାସ୍ତାଘାଟ ଆହୁରି ସଙ୍କୀର୍ଣ୍ଣ ହୋଇଗଲାଣି। ସହରର ସମ୍ ହସପିଟାଲ, ନାକା ଗେଟ୍, ଭିଏସ୍ଏସ୍ ନଗର ଭଳି ଛକରେ ଟ୍ରାଫିକ ସମସ୍ୟା ଗାଡ଼ି ଚାଳକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ହେଲେ ଏହିସବୁ ଛକରେ ଏପର୍ଯ୍ୟନ୍ତ ଟ୍ରାଫିକ ପୋଷ୍ଟ ଟିଏ ମଧ୍ୟ ନାହିଁ। ପୋଷ୍ଟ ତ ଦୂରର କଥା, ଟ୍ରାଫିକ ପୁଲିସ ମଧ୍ୟ ରହୁ ନାହାଁନ୍ତି। ଫଳରେ ଲୋକମାନେ ମନଇଚ୍ଛା ଯାଆସ କରୁଛନ୍ତି। ଏହାଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି।

## ରାଜଧାନୀରେ ହେବ କୁକୁର ଗଣନା



ଭୁବନେଶ୍ୱର, ୨୨।୮ (ସମିସ): ରାଜଧାନୀରେ ଖୁବ୍ଶୀଘ୍ର ହେବ କୁକୁର ଗଣନା। ଏ ନେଇ ସୂଚନା ନେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ। ଶ୍ରୀମତି ଦାସ କହିଛନ୍ତି ରାଜଧାନୀରେ ବିଏମସି ପକ୍ଷରୁ ପ୍ରଥମ ଥର ପାଇଁ କୁକୁର ଗଣନା ହେବ। ଉଭୟ ବୁଲା କୁକୁର ଓ ପୋଷା କୁକୁରଙ୍କ ଗଣନା ହେବ। କାନରେ ଟ୍ୟାଗ ଏବଂ ଜିଓ ଟ୍ୟାଗ୍ ଲାଗିବ। ବିଏମ୍ସି ପାଖରେ କୁକୁରଙ୍କ ସମସ୍ତ ତଥ୍ୟ ରହିବ। ବନ୍ଧ୍ୟାକରଣ ଓ ଭେକସିନ ହେଇଛି କି ନାହିଁ ସମସ୍ତ ତଥ୍ୟ ଚିପରେ ରହିବ। ଏହା ଦ୍ୱାରା କୁକୁରାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଜାଣି ହେବ। ରାଜଧାନୀରେ କେତେ କୁକୁର ଅଛନ୍ତି। ବନ୍ଧ୍ୟାକରଣ ପରେ କୁକୁର ସଂଖ୍ୟା ବଢୁଛି କମୁଛି ସବୁକିଛି ନଜରରେ ରହିବ ବୋଲି ମେୟର କହିଛନ୍ତି।

### ଇଞ୍ଜିନିୟରିଂ କଲେଜକୁ ଓଏଚ୍ଆର୍ସିର ନିର୍ଦ୍ଦେଶ

## ୨୯ ଛାତ୍ରଛାତ୍ରୀଙ୍କୁ ଲକ୍ଷେ ଟଙ୍କା ଲେଖାଏ ଦିଅ

ଭୁବନେଶ୍ୱର, ୨୨।୮ (ସମିସ): ପାଠପଢ଼ା ସରିବା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ନ ଦେଇ ଫସିଛି ଏକ ଘରୋଇ ଇଞ୍ଜିନିୟରିଂ କଲେଜ। ୨୯ ଜଣ ଛାତ୍ରଛାତ୍ରୀଙ୍କୁ କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ସମ୍ପୃକ୍ତ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟମାନବାଧିକାର କମିଶନ (ଓଏଚ୍ଆରସି)। ନଖରା ନିକଟସ୍ଥ ଏକ ଘରୋଇ ଇଞ୍ଜିନିୟରିଂ କଲେଜ କୋର୍ସ ସରିବା ସତ୍ତ୍ୱେ ପିଲାଙ୍କୁ ଗ୍ରେଡ୍ ସିଟ୍ସ ଓ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରିବାରେ ବିଳମ୍ବ କରିଛି। ଛାତ୍ରଛାତ୍ରୀଙ୍କ କ୍ୟାରିୟର ସହିତ ଖେଳିବା ନେଇ ସମ୍ପୃକ୍ତ କଲେଜକୁ ରାଜ୍ୟ ମାନବାଧିକାର କମିଶନଙ୍କ ଛାଟ ବାଜିଛି। କଲେଜକୁ ଏବେ ୨୯ ଜଣେ ପିଲାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ସହ ସାର୍ଟିଫିକେଟ୍ ବାବଦକୁ ଅତିରିକ୍ତ ୨୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଶିକ୍ଷାନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟ ସିଜ୍ କରି ଅସୁବିଧା ଭୋଗିଥିବା ପିଲାଙ୍କୁ ଟଙ୍କା ଦେବାକୁ ସରକାରଙ୍କୁ ଅପିଲ୍ କରାଯାଇଛି। ୬୦ ଦିନରେ କ୍ଷତିପୂରଣ ନ ଦେଲେ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ଟଙ୍କା ଦେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ରହିଛି। ଆୟୋଗଙ୍କ ନିକଟରେ ଆବେଦନ କରିଥିବା ପିଲାଙ୍କୁ ୧ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ କୁହାଯାଇଥିବା ବେଳେ ବାକି ପିଲାଙ୍କୁ ୨୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ କ୍ଷତିପୂରଣ ଦେବା ପରେ ୨ଟି ପ୍ରମୁଖ ଖବର କାଗଜରେ କ୍ଷମାପ୍ରାର୍ଥନା କରିବାକୁ ମଧ୍ୟ କୁହାଯାଇଛି।

## ରାଜଧାନୀରେ ମିଳିବ ଶସ୍ତା ଘର

ଭୁବନେଶ୍ୱର, ୨୨।୮ (ସମିସ): ଭୁବନେଶ୍ୱରରେ ଘରଟିଏ ପାଇଁ ଲୋକେ ବ୍ୟସ୍ତ। ବିଶେଷକରି ମଧ୍ୟବିତ ଶ୍ରେଣୀର ଲୋକେ ନିଜସ୍ୱ ଘରଖଣ୍ଡେ ପାଇଁ ବ୍ୟସ୍ତ ହେଉଥିବା ବେଳେ ଏହି ସୁବିଧା ଯୋଗାଇ ଦେବା ପାଇଁ ମନ୍ତ୍ରୀ ଘୋଷଣା କରିଛନ୍ତି। ଭୁବନେଶ୍ୱରରେ ନିର୍ମାଣ ହେବ ସୁଲଭ ଆବାସ ପ୍ରକଳ୍ପ। ଏହି ଯୋଜନା ଅଧୀନରେ ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ଶସ୍ତାରେ ଘର ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ରାଜଧାନୀରେ ୨ଟି ସ୍ଥାନ ଚିହ୍ନଟ ହୋଇଛି। ସେଗୁଡ଼ିକ ହେଲା ଗଡ଼କଣ ଏବଂ ଘଟିକିଆ। ଏନେଇ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବିଡିଏ ଏବଂ ଓଡ଼ିଶା ରାଜ୍ୟ ଏବଂ ଗୃହ ନିର୍ମାଣ ନିଗମ ବୋର୍ଡ ପକ୍ଷରୁ ନିର୍ମାଣ କରାଯିବ। ପିପିପି ମଡ଼୍ରେ କାମ ହେବ। ଖୁବ୍ଶୀଘ୍ର କାମ ଆରମ୍ଭ ହେବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଅନ୍ୟ ସହର ଗୁଡ଼ିକରେ ମଧ୍ୟ ଏଭଳି ଯୋଜନା କରାଯାଉଛି। ଲୋକଙ୍କୁ ପ୍ରାୟ ୧୫ଲକ୍ଷରୁ ୫୦ଲକ୍ଷ ଟଙ୍କା ମଧ୍ୟରେ ଯୋଗାଇ ଦିଆଯିବ।

## ଘର ଝରକା ତାଡ଼ି ଲୁଟ୍; ୪ ଗିରଫ



ହଂସପାଳ, ୨୨।୮ (ସମିସ): ଘର ଝରକା ତାଡି ଚୋରି କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ସଦର ଥାନା ଏକତାଲାର କୁନା ପାଣ୍ଡବ (୩୦), ସାଥିଆପଲି ଗ୍ରାମର କୁଳମଣି ସାହୁ (୨୯), ଇନ୍ଫୋସିଟୀ ଥାନା ନନ୍ଦନ ବିହାରର ସନାତନ ବେହେରା (୩୦), କୋଣାର୍କ ଥାନା ଯଦୁପୁର ଗ୍ରାମର ନରେଶ ରାଉତ (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ ଗତ ୨୬ ତାରିଖ ମଧ୍ୟରାତ୍ରିରେ, ଲୁଟେରାମାନେ ଘର ଝରକା ଖୋଲି ନଗଦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍, ଗୋଟିଏ ସୁନା ଚେନ୍ ଏବଂ ଗୋଟିଏ ରୂପା ବ୍ରେସଲେଟ୍ ଚୋରି କରିଥିଲେ। ଘଟଣାର ତଦନ୍ତ କରାଯାଇ ଚୋରି ମୋବାଇଲ୍ ଫୋନ୍ ଠାବ କରାଯାଇଥିଲା। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଭିଯୁକ୍ତ କୁନା ଏବଂ କୁଳମଣିଙ୍କୁ ଭୁବନେଶ୍ୱରର ୟୁନିଟ୍-୪ ମାର୍କେଟ୍ ନିକଟରୁ ଗିରଫ କରାଯାଇଥିଲା ଏବଂ ସେମାନଙ୍କଠାରୁ ଅନେକ ଚୋରି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିଲା। ଚୋରି ସୁନା ଚେନ୍ ସେମାନଙ୍କ ସହଯୋଗୀ ନରେଶ ଏବଂ ସନାତନଙ୍କୁ ହସ୍ତାନ୍ତର କରିଥିବା ନେଇ ପ୍ରକାଶ କରିଥିଲେ। ପରେ ନରେଶ ଏବଂ ସନାତନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେମାନଙ୍କ ହେପାଜତରୁ ମୋବାଇଲ ଫୋନ ଏବଂ ଏକ ଘରୋଇ ଫାଇନାନ୍ସରୁ ବନ୍ଧକ ସୁନା ଚେନ୍ ଜବତ କରାଯାଇଥିଲା। ଯାଞ୍ଚରୁ କୁନା ଆଉ କୁଳମଣି ନାମରେ ପୂର୍ବରୁ ୩ ଟି ମାମଲା, ସନାତନ ପୂର୍ବରୁ ୨ ଟି ମାମଲା ଏବଂ ନରେଶ ପୂର୍ବରୁ ୧୨ଟି ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା। ଏହି ମାମଲାରେ ମୋଟ ୯ଟି ମୋବାଇଲ୍ ଫୋନ୍ ଏବଂ ଗୋଟିଏ ସୁନା ଚେନ୍ ଉଦ୍ଧାର କରାଯାଇଥିଲା।

### ବଢୁଛି ସୁନାରଣ ଠକେଇ

## ନକଲି ରଖି ବିକିଦେଉଛନ୍ତି ଅସଲି

ଭୁବନେଶ୍ୱର, ୨୨।୮ (ସମିସ): ରାଜଧାନୀ ସମେତ ଓଡ଼ିଶାରେ ଅନେକ ସ୍ଥାନରେ ନୂଆ ତରିକାରେ ଠକେଇ ବଢୁଛି। ନକଲି ସୁନା ରଖି ଅସଲି ସୁନାକୁ ବିକ୍ରି କରି ଦେଉଛନ୍ତି ସୁନାରଣ ପ୍ରଦାନକାରୀ ସଂସ୍ଥା। ଗତ ୩ ବର୍ଷରେ ଏଭଳି ଠକେଇ ମାମଲାରେ ରାଜଧାନୀରେ ୮୦ରୁ ଅଧିକ ଅଭିଯୁକ୍ତ ଗିରଫ ହେଲେଣି। ଯାହାକୁ ନେଇ ସନ୍ଦେହ ଘେରରେ ଏକାଧିକ ସୁନାରଣ ପ୍ରଦାନକାରୀ ସଂସ୍ଥା। ଅଧିକାଂଶ ମାମଲାରେ ଏହି ଠକେଇ ପଛରେ ଉକ୍ତ ସଂସ୍ଥାର କର୍ମଚାରୀ ସମ୍ପୃକ୍ତ ରହୁଛନ୍ତି। ସେମାନେ ଗରିବ ଶ୍ରେଣୀର ଲୋକଙ୍କୁ ଟାର୍ଗେଟ କରି ଠକେଇ କରୁଛନ୍ତି। ଲୋକେ ବନ୍ଧକ ରଖୁଥିବା ଅସଲି ସୁନା ବଦଳରେ ଋଣ ପ୍ରଦାନ କରୁଛନ୍ତି। କିନ୍ତୁ କିଛି ଦିନ ପରେ ଉକ୍ତ ସଂସ୍ଥାର କର୍ମଚାରୀ ଅସଲି ସୁନାକୁ ନେଇ ନକଲି ସୁନା ରଖିଦେଉଛନ୍ତି। ଅସଲି ସୁନା ନେଇ ସେମାନେ ବାହାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଉକ୍ତ ସଂସ୍ଥାର ତଳଠୁ ଉପର ପର୍ଯ୍ୟନ୍ତ ସମସ୍ତେ ସାମିଲ ରହୁଛନ୍ତି।

ନିକଟରେ ମଞ୍ଚେଶ୍ୱର ଥାନା ପୁଲିସ ଗିରଫ କରିଥିବା ଆଇସିଏଲ୍ ଫିନକର୍ପ ଲିମିଟେଡର ଶାଖା ପ୍ରବନ୍ଧକ ଗିରଫ ହେବା ପରେ ଏଭଳି କାରନାମା ଜଣାପଡ଼ିଥିଲା। ଏହି ସଂସ୍ଥା ଗ୍ରାହକଙ୍କୁ ୧୬ ପ୍ରତିଶତ ସୁଧ ହାତରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ଯୋଗାଇଥାଏ। ସଂସ୍ଥାର ଶାଖା ପ୍ରବନ୍ଧକ ଗୋପାଳ ଗ୍ରାହକଙ୍କ ନାମରେ ଜାଲ ଦସ୍ତଖତ କରି ଋଣ ଉଠାଇ ନେଇଥିଲେ। କିନ୍ତୁ କାଗଜ କଲମରେ ଗ୍ରାହକଙ୍କ ନାମରେ ଋଣର ବୋଝ ଗଡୁଥିଲା। ଏପରିକି ଗ୍ରାହକ ବନ୍ଧକ ରଖିଥିବା ସୁନା ଗହଣାକୁ ନେଇ ସେଥିରେ ନକଲି ଗହଣା ରଖିଦେଇଥିଲେ ଗୋପାଳ। ସଂସ୍ଥାର ଅଡିଟ୍ ହେବା ପରେ ୪ଜଣ ଗ୍ରାହକ ଦୁଇଥର ଋଣ ନେଇଥିବା ସ୍ପଷ୍ଟ ହେବା ପରେ ସନ୍ଦେହ ବଢ଼ିଥିଲା। ଯାଞ୍ଚ ପରେ ଏଭଳି ନକଲି ସୁନା ରଖି ଅସଲି ଲୁଟ ହୋଇଥିବା ସ୍ପଷ୍ଟ ହୋଇଥିଲା। ସେହିପରି ଖୋର୍ଦ୍ଧାରେ ମଧ୍ୟ ଏଭଳି ଭାବେ ଠକେଇ ହୋଇଥିଲା। ଗରୀବ ଶ୍ରେଣୀର ଲୋକେ ସୁନା ବନ୍ଧକ ରଖି ଟଙ୍କା ନେଇଥିଲେ। କିନ୍ତୁ ଏହି ସୁନାରଣ ପ୍ରଦାନକାରୀ ସଂସ୍ଥା ନକଲି ସୁନା ରଖି ଅସଲି ସୁନାକୁ ଲୁଟି ନେଇଥିଲେ। ଅନେକ ଗ୍ରାହକ ସେମାନଙ୍କ ସୁନା ନେବାକୁ ଆସିବା ପରେ ତାହା ନକଲି ଥିବା ଜଣାପଡ଼ିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ୨୦୨୦ ମସିହାରେ କଟକର ଏଭଳି ଗୋଲ୍ଡଲୋନ୍ ସ୍କାମ୍ ପଦାକୁ ଆସିଥିଲା। ସଂସ୍ଥାର ନିଜ କର୍ମଚାରୀ ବନ୍ଧକ ଥିବା ଅସଲି ସୁନାକୁ ଲୁଟିନେଇ ନକଲି ସୁନା ରଖିଦେଉଥିଲେ। ଶେଷରେ ଏଭଳି ଲୁଟ ଜଣାପଡ଼ିବା ପରେ ୮ ଜଣ ଗିରଫ କରାଯାଇଥଲା।



ତିନିବର୍ଷରେ ୮୦ କର୍ମଚାରୀ ଗିରଫ

କଟକଠୁ ଭାରି ପଡୁଛି ଭୁବନେଶ୍ୱର

ସନ୍ଦେହରେ ବଣିଆ, ଟାର୍ଗେଟରେ ଅପାଠୁଆ।

ରାଜଧାନୀରେ ଥିବା ଏକାଧିକ ସୁନାରଣ ପ୍ରଦାନକାରୀ ସଂସ୍ଥାରେ କାମ କରୁଥିବା ବଣିଆମାନଙ୍କ ଭୂମିକା ସନ୍ଦେହ ଘେରରେ। କାରଣ ରାଷ୍ଟ୍ରାୟତ ବ୍ୟାଙ୍କ୍ରେ କାମ କରୁଥିବା ବଣିଆମାନଙ୍କ ଚାକିରି ସ୍ଥାୟୀତ୍ୱ ରହିଛି। କିନ୍ତୁ ଏହି ଗୋଲ୍ଡଋଣ ପ୍ରଦାନ କାରୀ ସଂସ୍ଥାରେ କାମ କରୁଥିବା ବଣିଆମାନଙ୍କ ଚାକିରି ସ୍ଥାୟିତ୍ୱ ନାହିଁ। ଏପରିକି ସେମାନଙ୍କ ଦରମା ମଧ୍ୟ ଖୁବ୍ କମ୍। ତେଣୁ ସେମାନେ ବନ୍ଧକ ରଖାଯାଉଥିବା ସୁନାଗହଣା ମାନ ଯାଞ୍ଚ ବେଳେ ହେରଫେର କରୁଛନ୍ତି। ୨୨ କ୍ୟାରେଟର ସୁନାକୁ କମାଇ ଦେଉଥିବା ବେଳେ ଅନେକ ସୁନାର ମାପକୁ ମଧ୍ୟ ହ୍ରାସ କରି ଦେଉଛନ୍ତି। ଯାହାଫଳରେ ଅନେକ ଗ୍ରାହକ ଜାଣିପାରୁନାହାନ୍ତି। ଯେଉଁଥି ପାଇଁ ଠକାମିର ଶିକାର ହେଉଛନ୍ତି।

ବିଶେଷ କରି ଏହି ସୁନାରଣ ଠକେଇ ଗରିବ ଏବଂ ଅପାଠୁଆଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ହେଉଛି। କାରଣ ସେମାନଙ୍କ ଅର୍ଥ ଆବଶ୍ୟକ ହେଉଥିବାରୁ ଏହି ସଂସ୍ଥାର ଦ୍ୱାରସ୍ଥ ହେଉଛନ୍ତି। ଯାହାର ଫାଇଦା ନେଉଛନ୍ତି ଏହି ସୁନାରଣ ପ୍ରଦାନକାରୀ ସଂସ୍ଥା। ସେମାନେ ବିଭିନ୍ନ ଉପାୟରେ ସୁନା ଠକି ନେଉଛନ୍ତି। ଅପାଠୁଆଙ୍କ ଏକାଧିକ ଦସ୍ତଖତ ନେଇଯାଉଛନ୍ତି। ପରବର୍ତ୍ତୀ ସମୟରେ ସୁନା ମୁକୁଳାଇବାକୁ ଗଲେ ସେମାନେ ଏହି ଦସ୍ତଖତକୁ ଦେଖାଇ ଭୁଆଁ ବୁଲାଉଛନ୍ତି। ଅନେକ ସମୟରେ ମଧ୍ୟ ସୁନାର ପରିମାଣକୁ ହ୍ରାସ କରି ଲୁଟୁଛନ୍ତି।

ରାଜଧାନୀରେ କେତେକ ଗୋଲ୍ଡଲୋନ୍ ପ୍ରଦାନକାରୀ ସଂସ୍ଥା ରହିଛି, ସେନେଇ ପୁଲିସ ନିକଟରେ କିଛି ତଥ୍ୟ ନାହିଁ। ସେମାନେ ବିନା ରେଜିଷ୍ଟ୍ରେସନ୍ରେ ମଧ୍ୟ ଏଭଳି ସଂସ୍ଥା ଚଳାଉଛନ୍ତି। ରାତିଆରାତି ଛତୁଫୁଟିଲା ପରି ଗଢି ଉଠୁଛି ସୁନରଣ ପ୍ରଦାନକାରୀ ସଂସ୍ଥା। ଏପରିକି ଗ୍ରାହକଙ୍କ ଠାରୁ ସୁନା ରଖି ମଧ୍ୟ ରାତିରାତି ସଂସ୍ଥା ଉଭାନ ହୋଇଯାଉଛି। ଅନେକ କ୍ଷେତ୍ରରେ ଅପରାଧି ମଧ୍ୟ ସୁନା ଲୁଟପାଟ କରି ଏହି ସଂସ୍ଥା ଗୁଡିକରେ ବନ୍ଧକ ରଖୁଛନ୍ତି। କିନ୍ତୁ ସୁନା ରସିଦ୍ ଅନ୍ୟାନ କାଗଜପତ୍ର ଯାଞ୍ଚ କରାଯାଉନାହିଁ।

### 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢ଼ୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତ୍ରାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

# ଭିଜିଲାନ୍ସ ଜାଲରେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

## ୨ଟି କୋଠା ସହ ୧୯ଟି ମୂଲ୍ୟବାନ ପ୍ଲଟ ଠାବ ■ ଅଢ଼େଇ ଏକରରେ କରିଛନ୍ତି କୁକୁଡ଼ା ଫାର୍ମ

କଟକ, ୨୨।୮ (ସମିସ): କଟକ ସିଟି ହସପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ତାଜୁବ ହୋଇଛି ଭିଜିଲାନ୍ସ। ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ସରକାରୀ ଅର୍ଥ ତୋଷରପାତ ସହ ଶ୍ରୀ ସାହାଣୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଚଢ଼ଉରୁ ଜଣାପଡ଼ିଛି।

**୧.୨୪ କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ ଅଭିଯୋଗ**

**ବିନା ବଦଳିରେ ୨୪ବର୍ଷ ଧରି ହସପିଟାଲରେ କାର୍ଯ୍ୟରତ ଥିଲେ**



ଚଢ଼ଉ ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା, ସୁନାଗହଣା ମିଳିଥିବା ବେଳେ ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। ଶ୍ରୀ ସାହାଣୀ ଓ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟରେ କଟକ ବଦାଳ ଅଞ୍ଚଳରେ ୩ଟି, ଚୌଦ୍ୱାରର ବିଭିନ୍ନ ସ୍ଥାନରେ ୧୨ଟି, ଯୋବ୍ରାରେ ଦୁଇଟି, ଜଟଣୀରେ ଗୋଟିଏ ଓ ସାଲେପୁର ଅଞ୍ଚଳରେ ଗୋଟିଏ ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରେ କଟକ ଯୋବ୍ରା ଅଞ୍ଚଳରେ ଅଢ଼େଇ ହଜାର ବର୍ଗଫୁଟ୍ ପରିମିତ ୩ ମହଲା ବିଶିଷ୍ଟ କୋଠା, ଚୌଦ୍ୱାର ପଧାନିଆରେ ଅଢ଼େଇ ଏକର ପରିମିତ ଅଞ୍ଚଳରେ ଏକ କୋଠା ସହ କୁକୁଡ଼ା ଫାର୍ମ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହାବାଦ୍ ତାଙ୍କ ଘରୁ ନଗଦ ୩ ଲକ୍ଷ ୩୦ ହଜାର ୮୦୦ଟଙ୍କା , ୧୩୫ଗ୍ରାମ ଓଜନର ସୁନା ଗହଣା ସହ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର ଓ ୩ଟି ବାଇକ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ଡାକଘରେ ତାଙ୍କର ୫୫ଲକ୍ଷ ୪୮ ହଜାର ୪୦୬ଟଙ୍କାର ଜମା ରାଶି ରହିଥିବା ଜଣାପଡ଼ିଛି।

ଶ୍ରୀ ସାହାଣୀ ୧କୋଟି ୨୪ଲକ୍ଷ ୫୮୫୪ଟଙ୍କାର ସରକାରୀ ଅର୍ଥର ଦୁରୁପଯୋଗ କରିଥିବା ନେଇ ଭିଜିଲାନ୍ସ ହାତରେ ଅନେକ ପ୍ରାଥମିକ ତଥ୍ୟ ଲାଗିଛି। ସିଟି ହସପିଟାଲରେ ଶ୍ରୀ ସାହାଣୀ ତାଙ୍କର ଦୀର୍ଘବର୍ଷର କାର୍ଯ୍ୟକାଳ ସମୟରେ ସରକାରୀ ଅର୍ଥକୁ ସରକାରୀ ବ୍ୟାଙ୍କ ଜମାଖାତାରେ ସେ ଜମା କରିନଥିଲେ। ଏପରିକି, ସରକାରୀ ବ୍ୟାଙ୍କ ଆକାଉଣ୍ଟରୁ ବ୍ୟକ୍ତିଗତ ଓ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ବେଆଇନ ଭାବେ ଟଙ୍କା ଟ୍ରାନ୍ସଫର କରି ଚାଲିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

୧୯୯୭ ଜାନୁଆରି ୭ତାରିଖରେ ମାହାଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନୁକମ୍ପା ନିଯୁକ୍ତି ଯୋଜନାରେ ଜୁନିଅର ଆସିଷ୍ଟାଣ୍ଟ ଭାବେ ଶ୍ରୀ ସାହାଣୀ ନିଯୁକ୍ତି ପାଇଥିଲେ। ବଦଳି ହୋଇ ବାଙ୍କୀରେ କିଛି ଦିନ କାର୍ଯ୍ୟ କରିବା ପରେ ଗତ ୨୦୦୧ ଏପ୍ରିଲ୧୬ରେ ସିଟି ହସପିଟାଲ ତଥା ସିଡିଏମଓଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଭାବେ ଯୋଗ ଦେଇଥିଲେ। ୨୦୧୬ ଡିସେମ୍ବର ୧ରୁ ବରିଷ୍ଠ ସହାୟକ ଭାବେ ପଦୋନ୍ନତି ପାଇ ଏହିଠାରେ ଅବସ୍ଥାପିତ ହୋଇଥିଲେ। ବିନା ବଦଳିରେ ଦୀର୍ଘ ଦୁଇଦଶନ୍ଧିରୁ ଅଧିକ ସମୟ (ପ୍ରାୟ ୨୪ବର୍ଷ) ଧରି ସେ ଏଠାରେ ନିଜର ଦବଦବା ଜାହିର କରି ବିଭିନ୍ନ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଥିଲା।

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଆଦେଶ ବଳରେ ଶ୍ରୀ ସାହାଣୀଙ୍କ ଆବାସିକ ଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଟିମ ଆଜି ସକାଳୁ ଏକକାଳୀନ ଚଢ଼ଉ କରିଥିଲା। ଚଢ଼ଉରେ ୯ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍ ଓ ୭ଜଣ ଏଏସ୍ଆଇ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

# ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ 'ଭାରତନେତ୍ର'ର ଶୁଭାରମ୍ଭ

ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' ଭାରତନେତ୍ରର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁରସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ୍) ସହଯୋଗରେ ଭୁବନେଶ୍ୱରକୁ ବିଶ୍ୱ ଆର୍ଥିକ ଟେକ୍ନୋଲୋଜି ଏବଂ ଇନୋଭେସନ୍ ହବ୍‌ରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।



ଶ୍ରୀ ପ୍ରଧାନ କହିଛନ୍ତି, ଭୁବନେଶ୍ୱରରେ ଜ୍ଞାନ ପରମ୍ପରା ଦୀର୍ଘ ଦିନରୁ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଆହ୍ୱାନ କରିଛନ୍ତି। ଏହି ସମୟରେ ୨୦୩୬ ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ଆଜିର ପଦକ୍ଷେପ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ପରିକଳ୍ପିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ। ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ ଡିଜିଟାଲ ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଯୁବପିଢ଼ିଙ୍କୁ ବିଶେଷ ଭାବେ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସୁଯୋଗକୁ ହାତଛଡ଼ା କରିବାକୁ ଦେବ ନାହିଁ। ଯୁବବର୍ଗଙ୍କୁ ଇନସ୍ୟୁରଟେକ୍, ଡିଜିଟାଲ ଫାଇନାନ୍ସ, ଏଆଇ, ବ୍ଲକ ଚେନ୍ ଏବଂ ଭବିଷ୍ୟତବାଦୀ ଦକ୍ଷତା କ୍ଷେତ୍ରରେ ଯୁବପିଢିଙ୍କୁ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବ। କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବରୁ ଆୟୋଜିତ ଏକ ସାକ୍ଷାତକାରରେ ସିଙ୍ଗାପୁର ଜିଏଫଟିଏନର ଗ୍ରୁପ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ସହ ବାର୍ତ୍ତାଳାପ କରିଥିଲେ କେନ୍ଦ୍ରମନ୍ତ୍ରୀ। ଓଡ଼ିଶାରେ ସିଙ୍ଗାପୁର ମଡେଲର କ୍ରିୟାନ୍ୱୟନ ନେଇ ଆସିଥିବା କଳ୍ପନା ସହ ଆର୍ଥିକ କ୍ଷେତ୍ରରେ ଭବିଷ୍ୟତକୁ ନୂଆ ଆକାର ଦେବା: ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ରାସ୍ତା କଥାବସ୍ତୁ ଉପରେ ମତ ରଖିଥିଲେ ଶ୍ରୀ ପ୍ରଧାନ। ଏହି ଅବସରରେ ଭାରତନେତ୍ର ହାକାଥନ ୱେବସାଇଟର ଶୁଭାରମ୍ଭ ସହ ଜିସିସି ପ୍ଲସ ଓଭରାଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସିଙ୍ଗାପୁର ଜିଏଫଟିଏନର ସିଇଓ ସୋପ୍ନେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ପୁଣି ୯୫ ଲକ୍ଷ ଟଙ୍କା ଲୁଟିନେଲେ ସାଇବର୍ ଠକ

## ଅର୍ଥ ମନ୍ତ୍ରାଳୟରୁ ଫୋନ୍ କରିଥିବା କହି ଲୁଟିନେଲେ

ଭୁବନେଶ୍ୱର,୨୨।୮ (ସମିସ): ଖଣ୍ଡଗିରିରେ ରହୁଥିବା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କଠାରୁ ସାଇବର୍ ଠକ ୯୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ହୋଇଥିବା ରାଜେଶ ବେହେରା ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ସାଇବର୍ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁସାରେ, ରାଜେଶ ଭିପୁଲ ଗାର୍ଡେନରେ ରୁହନ୍ତି। ସେ ୨୦୧୧ ମସିହାରେ ୬ଲକ୍ଷ ଟଙ୍କାର ମାକ୍ସ ଲାଇଫ୍ ଇନ୍ସୁରାନ୍ସ ପଲିସି କରିଥିଲେ। ପଲିସ୍‌ର ଦୁଇଟି କିସ୍ତି ଦେଇପାରିନଥିଲେ। ହେଲେ ୨୦୨୫ ଅଗଷ୍ଟରେ ଜଣେ ବ୍ୟକ୍ତି ଅଜଣା ନମ୍ବରରୁ ଫୋନ୍ କରିଥିଲା। ସେ ନିଜକୁ କେନ୍ଦ୍ର ଅର୍ଥ ମନ୍ତ୍ରାଳୟରୁ ଫୋନ୍ କରିଥିବା କହିଥିଲେ। ସେ ପଲିସିର ଦୁଇଟି କିସ୍ତି ଦେଇ ନ ଥିବାରୁ ତାଙ୍କର ଏଜେଣ୍ଟ ବୋନସ୍ ମିଳିବ ନାହିଁ ବୋଲି କହିଥିଲା। ଏହାର ଗୋଟିଏ ଦିନ ପରେ ପୁଣି ଆଉ ଜଣେ ଫୋନ୍ କରି ଏସ୍‌ବିଆଇରୁ ଫୋନ୍ କରିଥିବା କହି ବୋନସ୍ ଅର୍ଥ ମିଳିବ ନାହିଁ ବୋଲି କହିଥିଲେ। ଏହା ଶୁଣିବା ପରେ ରାଜେଶଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ଏତେବର୍ଷ ଧରି ସେ ପଲିସ୍ କରିଥିଲେ କିନ୍ତୁ ଟଙ୍କା ନମିଳିଲେ ସବୁ ବ୍ୟଥା ହୋଇଯିବ ବୋଲି ଭାବି ସଂପୃକ୍ତ ବ୍ୟକ୍ତିଙ୍କୁ ଫୋନ୍ କରିଥିଲେ। କ'ଣ କଲେ ପଲିସିର ବୋନ୍‌ସ ମିଳିବ ବୋଲି ପଚାରିଥିଲେ। କିନ୍ତୁ ଠକଜଣଙ୍କ ତାଙ୍କୁ ପ୍ରଥମେ ୧୦ଲକ୍ଷ ଦେବାକୁ ପଡ଼ିବ ବୋଲି କହିଥିଲେ। ଏହିଭଳି ଠକ କଥାରେ ବିଶ୍ୱାସ କରି ରାଜେଶ ଲକ୍ଷାଧିକ ଟଙ୍କା ଠକଙ୍କ ବିଭିନ୍ନ ଆକାଉଣ୍ଟକୁ ପଠାଇଥିଲେ। ଏହିଭଳି ଠକ ରାଜେଶଙ୍କଠାରୁ ୯୫ଲକ୍ଷ ଟଙ୍କା ଠକି ନେଇଥିଲା।

# ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକଙ୍କୁ ସରକାରୀ ପ୍ରତିଷ୍ଠାନ ଭଳି ବେତନ ହାର ଦିଅ: ହାଇକୋର୍ଟ

କଟକ,୨୨।୮ (ସମିସ): ସରକାରୀ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନର ଅଧ୍ୟାପକଙ୍କୁ ସରକାରୀ କଲେଜର ସମାନ ବର୍ଗର କର୍ମଚାରୀଙ୍କ ଭଳି ସମାନ ବେତନ ହାର ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଲୋକନାଥ ବେହେରାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଭଳି ଆଦେଶ ଦ୍ୱାରା ବହୁ ସଂଖ୍ୟାରେ ମକଦ୍ଦମା ଆସିପାରେ ବୋଲି ସରକାରଙ୍କ ଦଲିଲକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସରକାରଙ୍କୁ ଆଇନ ଅନୁପାଳନ କରିବାକୁ ପଡ଼ିବ। ଏଣୁ ମକଦ୍ଦମାର ଦ୍ୱାର ଉନ୍ମୁକ୍ତ ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ ଦାବି ଅନୁଯାୟୀ ପ୍ରାପ୍ୟ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ, ସରକାରୀ କର୍ତ୍ତୃପକ୍ଷ ଉକ୍ତ ଆଦେଶ ପାଳନରେ ବିଳମ୍ବ କଲେ ଅଦାଲତଙ୍କ ପକ୍ଷରୁ ଏହାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି।



'ଅପୂର୍ବା' ଦ୍ୱାରା ପ୍ରକାଶିତ ବିଖ୍ୟାତ ଲେଖକ ବିଭୂତି ପଟ୍ଟନାୟକଙ୍କ ପାଞ୍ଚୋଟି ଉପନ୍ୟାସକୁ ଲେଖକଙ୍କ ବାସଭବନରେ ବିଶିଷ୍ଟ ଲେଖକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଚନ୍ଦ୍ରଶେଖର ହୋତା, ବିଶିଷ୍ଟ କବି ତଥା ପଞ୍ଚବଟୀ ପତ୍ରିକା ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ଅପୂର୍ବା ସମ୍ପାଦକ କ୍ଷୀରୋଦ ପତି ଲୋକାର୍ପଣ କରୁଛନ୍ତି

# କୋହେନୂର୍ ହୀରା ଫେରାଇ ଆଣିବା ପ୍ରସଙ୍ଗକୁ ନେଇ ଜନସ୍ୱାର୍ଥ ମାମଲା

କଟକ, ୨୨।୮ (ସମିସ): କୋହେନୂର ହୀରା ଫେରାଇ ଆଣିବା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ତରଫରୁ ଏହି ଆବେଦନ ଦାୟର କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ୧୭୫୭ରୁ ୧୯୪୭ ମଧ୍ୟରେ କୋହେନୂର୍ ହୀରା ସମେତ ବହୁ ମୂଲ୍ୟବାନ ଗହଣା, ରତ୍ନପଥର, ସୁନା ରୁପା ବ୍ରିଟିଶମାନେ ଭାରତରୁ ନେଇଯାଇଥିଲେ। କୋହେନୂର୍ ହୀରାକୁ ମହାରାଜା ରଣଜିତ ସିଂ ଜଗନ୍ନାଥ ମହାପ୍ରଭୁଙ୍କୁ ଦାନ କରିଥିଲେ। କୋହେନୂର୍ ହୀରା ସମେତ ବହୁ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ସେହିଭଳି ପହଲଗାମ ଆତଙ୍କବାଦୀ ଅକ୍ରମଣ ଓ ପରେ ହୋଇଥିବା ଅପରେସନ୍ 'ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ବିରୋଧରେ କେତେକ ବ୍ୟକ୍ତି ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। ଏପରି ଅସାମାଜିକ, ଦେଶଦ୍ରୋହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଉଲ୍ଲେଖ କରାଯାଇଛି।

# ସାମ୍ବାଦିକଙ୍କ ସୁରକ୍ଷା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ସଂଘ

ଭୁବନେଶ୍ୱର, ୨୨।୮ (ସମିସ): ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ପେନସନ୍ ଦିଆଯାଉ। ଅଧିସ୍ୱୀକୃତି କମିଟି ଗଠନ ସହ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଭେଟିଛି ଉତ୍କଳ ସାମ୍ବାଦିକ ସଂଘ। ସଂଘ ପକ୍ଷରୁ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଶ୍ରୀ ଶର୍ମାଙ୍କ ସହ ଆଲୋଚନା ଅବସରରେ କହିଥିଲେ ଯେ ଦେଶର ଅନ୍ୟାନ୍ୟ ୧୮ ଟି ରାଜ୍ୟ କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ୍ ଦେଉଛନ୍ତି। ସେହିଭଳି ଅନ୍ୟାନ୍ୟ ରାଜ୍ୟରେ ଅଧିସ୍ୱୀକୃତି କମିଟି ମାଧ୍ୟମରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ଦିଆଯାଉଥିବା ବେଳେ ଆମ ରାଜ୍ୟରେ ଅଧିସ୍ୱୀକୃତି କମିଟିକୁ ଦୀର୍ଘ ବର୍ଷ ହେବ ଭାଙ୍ଗି ଦିଆଯାଇଛି। ଫଳରେ ଯୋଗ୍ୟ ସାମ୍ବାଦିକମାନେ ଦୀର୍ଘ ବର୍ଷ ହେବ ଅଧିସ୍ୱୀକୃତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ରାଜ୍ୟର ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ କରାଯାଉ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ ହେଉ। ଆଲୋଚନାରେ ଶ୍ରୀ ଶର୍ମା ଦାବିଗୁଡ଼ିକ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ସହ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଯତ୍ନଶୀଳ ଅଛନ୍ତି ବୋଲି କହିଥିଲେ। ଦାବି ସମୂହର ସମାଧାନ ପାଇଁ ସରକାରୀସ୍ତରରେ ଆଶୁ ପଦକ୍ଷେପ ନିଆଯିବ ବୋଲି ସଂଘକୁ ଶ୍ରୀ ଶର୍ମା ଆଶ୍ୱସ୍ତ କରିଛନ୍ତି। ଏହି ଅବସରରେ ସଂଘର ଉପଦେଷ୍ଟା ପବିତ୍ର ମହାରଥା ଉପସ୍ଥିତ ଥିଲେ।





**ହାଇକୋର୍ଟରେ ନେତାଜୀ ସୁଭାଷଙ୍କ ସମ୍ପର୍କିତ ଜନସ୍ୱାର୍ଥ ମାମଲା**

# ସତ୍ୟପାଠ ଦାଖଲ ପାଇଁ ଶେଷ ସୁଯୋଗ

କଟକ, ୨୨।୮ (ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ରାଷ୍ଟ୍ରପୁତ୍ର ଘୋଷଣା, ତାଙ୍କ ଜନ୍ମଦିନକୁ ଜାତୀୟ ଛୁଟି ଦିବସ ଘୋଷଣା ସହ ତାଙ୍କ ସମ୍ପର୍କିତ ସମସ୍ତ ଗୁଇନ୍ଦା ତଥ୍ୟକୁ ସାର୍ବଜନୀନ କରିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାରେ ଆଜି ମଧ୍ୟ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିପାରିନାହାନ୍ତି। ଏହି ମାମଲାରେ ସତ୍ୟପାଠ ଦାଖଲ ପାଇଁ ପୁଣି ତୃତୀୟଥର ପାଇଁ ସମୟ ଲୋଡ଼ିଥିଲେ କେନ୍ଦ୍ର ସରକାର। କେନ୍ଦ୍ର ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନେତାଜୀ ଜୟନ୍ତୀ ତଥା ଜାନୁଆରି ୨୩କୁ ଜାତୀୟ ଦିବସ ଭାବେ ପାଳନ ସହ ତାଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ଜାତୀୟ ସ୍ମାରକୀ ଭାବେ ମାନ୍ୟତା ପ୍ରଦାନ ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି। ସେହିପରି ନେତାଜୀଙ୍କ ସମ୍ପର୍କିତ ସମସ୍ତ ଗୁପ୍ତ ତଥା ଗୁଇନ୍ଦା ବିଭାଗ ନଥିପତ୍ରକୁ ସାର୍ବଜନୀନ କରିବା ଓ ନେତାଜୀଙ୍କ ଅନ୍ତର୍ଦ୍ଧାନ ସମ୍ପର୍କରେ ଜଷ୍ଟିସ୍ ମୁଖାର୍ଜୀ କମିସନଙ୍କ ରିପୋର୍ଟକୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି।

# ଏସ୍‌ସିବିରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା

## ଚିକିତ୍ସାଧୀନ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଭେଟିଲେ

କଟକ, ୨୨।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱଥୀ ଆଜି ଏସ୍‌ସିବି ମେଡିକାଲ ପରିଦର୍ଶନ କରିବା ସହ ବିଭିନ୍ନ ୱାର୍ଡ ବୁଲି ରୋଗୀସେବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସଚିବ ଅଶ୍ୱଥୀ ପ୍ରଥମେ ପୁରୁଣା ଭେଷଜ ବିଭାଗ ୱାର୍ଡ ବୁଲି ଦେଖିଥିଲେ। ସେଠାରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଏ ବାବଦରେ ଆଲୋଚନା କରିଥିଲେ। ପରେ ମେରୁଦଣ୍ଡ ଆଘାତଜନିତ ଚିକିତ୍ସାକେନ୍ଦ୍ର ଓ ଟ୍ରମା କାଜୁଆଲଟି କୋଠା ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସର୍ଜରୀ ବିଭାଗ କେବିନ୍-୧ନମ୍ବରରେ ଚିକିତ୍ସିତ ହେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡିଙ୍କୁ ଭେଟିଥିଲେ। ପ୍ରକାଶଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ବୁଧବାର ଏସ୍‌ସିବି ସର୍ଜରୀ ବିଭାଗରେ ଭର୍ତ୍ତି ହୋଇଥିଲେ। ଗତକାଲି ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି। ସର୍ଜରୀ ବିଭାଗ ପ୍ରଫେସର ଏଲ. ଭି. ଗୌରୀଙ୍କ ନେତୃତ୍ୱରେ ୧୦ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଦଳ ୪୫ମିନିଟ୍ ଧରି ଅସ୍ତ୍ରୋପଚାର କରିଥିଲେ। ଶ୍ରୀମତୀ ମାରାଣ୍ଡିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି।

# ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜିଲ୍ଲା ଅଦାଲତଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ





**ଜିଲ୍ଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ**

କଟକ,୨୨।୮ (ସମିସ): ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜିଲ୍ଲା ଅଦାଲତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି। ବିଶେଷକରି ମହକିଲମାନଙ୍କୁ ନ୍ୟାୟ ପ୍ରଦାନରେ ବିଚାର ବିଭାଗୀୟ ଅଧିକାରୀମାନଙ୍କ ଉତ୍ତରଦାୟିତ୍ୱ ରହିଛି। ବିଚାର ବିଭାଗ ଅଧିକାରୀମାନେ ନିଜ ମଧ୍ୟରେ ଭାବବିନିମୟ କରିବା ସହ ସମ୍ମୁଖୀନ ହେଉଥିବା ସମସ୍ୟା ଉତ୍ଥାପନ ଓ ଏହାର ସମାଧାନ ପନ୍ଥା ବାହାର କରିବାକୁ କହିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ। ଓଡ଼ିଶା ଜୁଡିସିଆଲ ଏକାଡେମି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଜଜ୍ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନ ଯୋଗଦେଇ ଏହା କହିଛନ୍ତି।

ଏହି ସମ୍ମିଳନୀ ବିଚାର ବ୍ୟବସ୍ଥାକୁ ଆହୁରି ବିକଶିତ କରିବା ପାଇଁ ସହାୟକ ହୋଇପାରିବ। ଏହାଦ୍ୱାରା ପରସ୍ପର ମଧ୍ୟରେ ଭାବ ଓ ଅଭିଜ୍ଞତାର ଆଦାନ ପ୍ରଦାନ ହୋଇପାରିବ ବୋଲି ଜିଲ୍ଲା ଜଜ ମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟ ବିଚାରପତି। ଏଥିସହ ହାଇକୋର୍ଟର ବାର୍ଷିକ ରିପୋର୍ଟ -୨୦୨୪କୁ ଉନ୍ମୋଚନ କରିଥିଲେ ମୁଖ୍ୟ ବିଚାରପତି। ଏହି ସମ୍ମିଳନୀରେ ବିଚାରପତି ତଥା ଜିଲ୍ଲା ଜଜ୍ ସମ୍ମିଳନୀ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଭୁପ୍ରସାଦ ରାଉତରାୟ, ହାଇକୋର୍ଟ ବାର୍ଷିକ ରିପୋର୍ଟ କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇ ଜିଲ୍ଲାଜଜ୍ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜଷ୍ଟିସ ସାବିତ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀ ୩ ଦିନ ଧରି ଚାଲିବାକୁ ଥିବା ବେଳେ ଜିଲ୍ଲା ଜଜ୍‌ମାନେ ବିଚାର ବ୍ୟବସ୍ଥାରେ ଥିବା ବିଭିନ୍ନ ଚାଲେଞ୍ଜ ଓ ସମସ୍ୟା ସମ୍ପର୍କରେ ଅବଗତ ହେବେ। ଏହି ସମ୍ମିଳନୀରେ ୩୦ଟି ଜିଲ୍ଲାର ଜଜ୍‌ମାନେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ଅବସରରେ ଆସନ୍ତା ଦୁଇଦିନ ବିଭିନ୍ନ ସେସନ୍‌ରେ ଜିଲ୍ଲା ଜଜ୍‌ମାନେ ଆଲୋଚନା ପର୍ଯ୍ୟାଲୋଚନା କରିବେ। ଜିଲ୍ଲା ବିଚାର ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଫୌଜଦାରୀ ଆଇନର ବିଭିନ୍ନ ଦିଗ, ବିଚାର ବ୍ୟବସ୍ଥାର କାର୍ଯ୍ୟ ପ୍ରଣାଳୀ ଓ ଚାଲେଞ୍ଜ ଓ ନ୍ୟାୟିକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା ହେବ।

# ୨୦୨୬ ସୁଦ୍ଧା କେମିତି ସଫଳ ହେବ ମାଓମୁକ୍ତ ଅଭିଯାନ

ଭୁବନେଶ୍ୱର,୨୨।୮ (ସମିସ): ୨୦୨୬ ସୁଦ୍ଧା ଦେଶ ମାଓମୁକ୍ତ ହେବାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଟାର୍ଗେଟ୍ ଦେଇଛନ୍ତି। କିନ୍ତୁ ଏହି ମିସନ୍ କିଭଳି ଓଡ଼ିଶାରେ ସଫଳ ହେବ ତାହାକୁ ନେଇ ଚିନ୍ତା ବଢ଼ିଛି। କାରଣ ଏଠାରେ ଗୁଇନ୍ଦା ବ୍ୟବସ୍ଥା ଫେଲ୍ ମାରିଛି। ଯାହାର ଫାଇଦା ନେଉଛନ୍ତି ଏକାଧିକ ଖଣି ମାଲିକ। କାରଣ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ବିସ୍ଫୋରକ ସାମଗ୍ରୀ ସେମାନେ ମାଓବାଦୀଙ୍କୁ ବିକ୍ରି କରୁଛନ୍ତି। ଯାହାଫଳରେ ମାଓବାଦୀ ଏହି ବିସ୍ଫୋରକକୁ ନେଇ ସେମାନେ ଏକାଧିକ ହିଂସା ଘଟାଉଛନ୍ତି। କେଉଁଠି ଆଦିବାସୀ ଗ୍ରାମରେ ପଶି ଲୋକଙ୍କ ଘର ବିସ୍ଫୋରଣ କରି ଉଡାଉଥିବା ବେଳେ ଆଉ କେଉଁଠି ଜଙ୍ଗଲରେ ପଶି ଯବାନମାନଙ୍କୁ ଟିଫିନ୍ ବୋମା ସାହାର୍ଯ୍ୟରେ ଉଡାଇ ଦେଉଛନ୍ତି। ତେଣୁ ଏଭଳି ହିଂସା ପଛରେ ଖଣି ମାଲିକଙ୍କ ହାତ ରହିଛି। ସେମାନେ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିବାରୁ ଏଭଳି ହିଂସା ଘଟୁଛି।

ଓଡ଼ିଶାରେ ଏବେ ଆନ୍ଧ୍ର କ୍ୟାଡର ମାଓବାଦୀ ନିଜର ଦବ୍‌ଦବା ଦେଖାଇ ଷଡ଼ଯନ୍ତ୍ର କରିଛନ୍ତି। ସେମାନେ ପ୍ରଥମତଃ କିଛି ଖଣିମାଲିକଙ୍କ ସହ ସଂପର୍କ ରଖି ବିସ୍ଫୋରକ ହାତେଇବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାରୁ ଏକାଧିକ ସ୍ଥାନରେ ଏଭଳି ଘଟଣା ଘଟିବା ପରେ ଗୁଇନ୍ଦା ବିଭାଗ ଏବେ ସକ୍ରିୟ ହୋଇଯାଇଛି। ଏକାଧିକ ଖଣି ମାଲିକଙ୍କ ନିକଟକୁ ବିସ୍ଫୋରଣ ଯୋଗାଉଥିବା ସଂସ୍ଥାର ତାଲିକା ନେଇ ସେମାନଙ୍କ ଉପରେ ନଜର ରଖିଛନ୍ତି। ବିସ୍ଫୋରକ ଯୋଗାଉଥିବା ସଂସ୍ଥାର କର୍ମଚାରୀ ଏବଂ ଉପରିସ୍ଥ ଅଧିକାରୀ ମାଓବାଦୀଙ୍କ ସହ ଲିଙ୍କ୍ ଥିବା ସୂଚନା ମିଳିବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜି କଡା ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଗୁଇନ୍ଦା ବିଭାଗ ପୁରା ଆର୍ଲଟରେ ରଖି କାମ କରୁଛି। ଏଥିସହ ଓଡ଼ିଶା ଗୁଇନ୍ଦା ପୁଲିସ ଛତିଶଗଡ଼, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ଅଣ୍ଟାଭିଡ଼ିଛନ୍ତି। ମିଳିତ ଭାବରେ ଜଙ୍ଗଲରେ ଜୋରଦାର ଅପରେସନ କରୁଛନ୍ତି। ନିୟୋଜିତ ହୋଇଥିବା କେନ୍ଦ୍ରୀୟ ସୁରକ୍ଷା ବଳ ସାହାଯ୍ୟରେ ଅପରେସନ୍ କରାଯାଉଛି।

**ଖଣି ମାଲିକ ମାଓବାଦୀଙ୍କୁ ଯୋଗାଉଛନ୍ତି ବିସ୍ଫୋରକ**

**ଓଡ଼ିଶାରୁ ଏକାଧିକ ସ୍ଥାନରୁ ଜବତ ହେବା ପରେ ଚିନ୍ତା ପଶିଲା**

**ବିସ୍ଫୋରକ ଯୋଗାଉଥିବା ସଂସ୍ଥା ସମ୍ପର୍କରେ ସୂଚନା ନେଉଛି ଗୁଇନ୍ଦା**

ତେବେ ଏମିତି ସମୟରେ ଗୃହଶତ୍ରୁ ସାଜିଛନ୍ତି କିଛି ଖଣି ମାଲିକ। ସୁନ୍ଦରଗଡ଼ ସରଣ୍ଡା ଜଙ୍ଗଲରୁ ୫ ହଜାର ଟନ୍ ବିସ୍ଫୋରକ ଲୁଟ୍ ଏହି ସଙ୍କେତ ଦେଇଥିଲା। ତଥାପି ଚେତିଲାନି ପୁଲିସ କି ପ୍ରଶାସନ। ପଛକୁ ପଛ କନ୍ଧମାଳ ହୁମ୍ମା ଜଙ୍ଗଲରୁ ମାଟି ତଳୁ ଜବତ ହେଲା ୬୦୦ ଡିଟୋନେଟର। ଗଞ୍ଜାମରୁ ୧୦ ଟନ୍ ବିସ୍ଫୋରକ ବି ପାଇଲା ପୁଲିସ। ଏବେ ଝାଡ଼ଖଣ୍ଡ ସୀମାରୁ ବି ପୁଲିସକୁ ପାଇଛି ବିସ୍ଫୋରକ ସାମଗ୍ରୀ। ଏଭଳି ବିସ୍ଫୋରକ ଜବତ କରାଯାଉଥିବା ଭୟରେ ଥରୁଛନ୍ତି ସ୍ଥାନୀୟ ଆଦିବାସୀ ବାସିନ୍ଦା। କାରଣ ମାଓବାଦୀ ଏହି ବିସ୍ଫୋରକ ପାଇବା ପରେ ଗ୍ରାମବାସୀଙ୍କୁ ଟାର୍ଗେଟ କରୁଛନ୍ତି। ସେମାନେ ପୁଲିସର ଗତିବିଧି ଜାଣିବା ପାଇଁ ସ୍ଥାନୀୟ ଗ୍ରାମର ଲୋକଙ୍କୁ ସୂଚନା ଦେବା ପାଇଁ ସାମିଲ କରରୁଛନ୍ତି। ଯେଉଁମାନେ ପୁଲିସ ବିରୋଧରେ ସୂଚନା ଦେଉଛନ୍ତି, ସେମାନଙ୍କୁ ଅର୍ଥ ପୁରସ୍କାର ମଧ୍ୟ ଦେଉଛନ୍ତି। ଯାହାଫଳରେ ଗ୍ରାମରେ ଥିବା ବେକାର ଯୁବକମାନେ ଏହି ମାଓବାଦୀ ସଂଗଠନରେ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି। ବଡ଼ କଥା ହେଲା, ମାଓବାଦୀଙ୍କୁ କିଏ ଡିଟୋନେଟର ଦେଉଛି, ସେ ରହସ୍ୟର ମୂଳ ଯାଏଁ ପହଞ୍ଚିପାରୁନି ପୁଲିସ। ନିଷିଦ୍ଧ ଡିଟୋନେଟର ପ୍ରସ୍ତୁତି ପାଇଁ କିଏ ଲାଇସେନ୍ସ ଦେଉଛି ଜାଣିବାକୁ ଚାହୁଁନାହାନ୍ତି ସରକାର। ପୁଲିସ ଅଧିକାରୀ ଜାଣିଲେଣି ଯେ ମାଓବାଦୀଙ୍କ ସହ ହାତ ମିଳାଇଛନ୍ତି ଖଣି ମାଫିଆ। ହେଲେ ଏମାନେ କିଏ ଏ ନାଁ ସାମ୍ନାକୁ ଆସିପାରୁନି। ଏଠାରେ ପ୍ରଶ୍ନ ଉଠୁଛି, ଦେଶ ସୁରକ୍ଷା ସହ ସାଲିସ୍ କରୁଥିବା ଅପରାଧୀ ତତ୍ତ୍ୱଙ୍କ ସହିତ କିଏ, କାହିଁକି ବୁଝାମଣା କରୁଛି? ମାଓବାଦୀଙ୍କ ପଛର ଚେହେରାଙ୍କୁ ଆଗକୁ ଆଣିବାକୁ ପ୍ରଶାସନ କୁନ୍ଥକୁନ୍ଥ କାହିଁକି ? ଏନେଇ ଏହିଜି ସଞ୍ଜୀବ ପଣ୍ଡା କହିଛନ୍ତି ଯେ କିଛି ଖଣି ମାଲିକ ଏବଂ ବିସ୍ଫୋରକ ଯୋଗାଉଥିବା ସଂସ୍ଥା ଉପରେ ଏବେ ଗୁଇନ୍ଦା ବିଭାଗ ସ୍କାନରରେ ନେଇ ଛାନ୍‌ଭିନ କରୁଛି।

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

THE SAKALA

## ଓଡ଼ିଶାରେ ଗାଲିୟମ ଆଶା

ନିକଟରେ କେନ୍ଦ୍ର କ୍ୟାବିନେଟ ୪ଟି ସେମିକଣ୍ଡକ୍ଟର ୟୁନିଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ୟୁନିଟ ପ୍ରତିଷ୍ଠା ହେବ। ଅନ୍ୟ ଦୁଇଟି ଆନ୍ଧ୍ର ଓ ପଞ୍ଜାବକୁ ମିଳିଛି। ଏଥିଲାଗି ସରକାର ୪୫୯୪ କୋଟି ଟଙ୍କା ବିନିଯୋଗ କରିବେ। ସମୟର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ସେମିକଣ୍ଡକ୍ଟରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ରିଟେନର କ୍ଲାସ-ସିକ ୱାଫେର ଫାବ୍ ଲିମିଟେଡ ସହ ମିଳିତ ଉଦ୍ୟମରେ ସିକ୍ସେମ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ଏଡି ପ୍ରକଳ୍ପ ହାତକୁ ନେଇଛି। ଏହା ସିଲିକନ କାର୍ବାଇଡ ଉପକରଣ ଉତ୍ପାଦକ କରିବ। ସଂପୂର୍ଣ୍ଣ ବ୍ୟବସାୟିକ ଆଭିମୁଖ୍ୟ ରଖି ପ୍ରକଳ୍ପ ହାତକୁ ନିଆଯାଇଛି। ଭୁବନେଶ୍ୱରସ୍ଥ ଇନଫୋସିସ ଭ୍ୟାଲିକୁ ହିଁ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଛି। ୪ଟି ସେମକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାକୁ କାହିଁକି ଦୁଇଟି ମିଳିଛି ଏଭଳି ଏକ ପ୍ରଶ୍ନ ମନରେ ଉଙ୍କି ମାରିପାରେ। ଏଥିଲାଗି ଆବଶ୍ୟକ ଓ ଉପଯୋଗୀ ବିରଳ ଗାଲିୟମ୍ ଧାତବ ଆସନ୍ତା ୨ବର୍ଷ ମଧ୍ୟରେ ଓଡ଼ିଶାରୁ ଉତ୍ପାଦିତ ହେବ। ଏଥିଲାଗି ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ନାଲକୋ ଦାମନଯୋଡ଼ିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିସାରିଛି। ସମଗ୍ର ଦେଶରେ ପ୍ରଥମ କରି ଗାଲିୟମ ଓଡ଼ିଶା ହିଁ ଉତ୍ପାଦନ କରିବାକୁ ଯାଉଛି। ଏହାକୁ କେବଳ ଏକ ସଂଯୋଗ କହିଲେ ଠିକ ହେବ ନାହିଁ। ପରସ୍ପର ଉପରେ ନିର୍ଭରଶୀଳ ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥେଷ୍ଟ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି।

ଦେଶରେ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା କରି ବିଶ୍ୱରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଭାରତ ସରକାର ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ରୋକିବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗୁଆ ୩ଶହ ପ୍ରତିଶତ ଶୁଳ୍କ ଲାଗୁ କରିବାର ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଯେ ଅର୍ଥହୀନ ଓ ଅବାସ୍ତବ ଏକଥା ବୁଝିବାକୁ ବାକି ନାହିଁ। ତାଙ୍କର ଏହି ନାଲି ଆଖିରେ ଭାରତର ସେମିକଣ୍ଡକ୍ଟର ପ୍ରକଳ୍ପ ଯେ ବନ୍ଦ ହୋଇଯିବ ଏକଥା ନୁହେଁ। ଆମେରିକାକୁ ବାଦଦେଲେ ମଧ୍ୟ ଭାରତ ପାଇଁ ବିଶ୍ୱରେ ସେମିକଣ୍ଡକ୍ଟରର ବଜାରର ଅଭାବ ନାହିଁ। ଯେମିତି ଚୀନର ବିରଳ ମୃତ୍ତିକାକୁ ବାଦଦେଲେ ଆମେରିକାର ଏକାଧିକ ପ୍ରକଳ୍ପ କାର୍ଯ୍ୟ କ୍ଷମତା ହରାଇବ। ସେଥିସକାଶେ ଟ୍ରମ୍ପ ଚୀନ୍ ସହ ସାଲିସ କରିବାର ବାଧ୍ୟବାଧକତା ରହିଛି। ନାଲକୋର ଗାଲିୟମ ଧାତବ ଉତ୍ପାଦନ କ୍ଷମତାର ମଧ୍ୟ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଏହା କେବଳ ସେମିକଣ୍ଡକ୍ଟର ନୁହେଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଇଲୋକ୍ଟ୍ରୋନିକ ସାମଗ୍ରୀ, ଲେନ୍ସ, ଲେଜର ଓ ମେଡିକାଲ ଇମେଜିଂ ଭଳି ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ। ଏଭଳି ଉପଯୋଗୀ ବିରଳ ଧାତବ ସାମଗ୍ରୀ ଉତ୍ପାଦନ କରି ନବରତ୍ନ ରାଷ୍ଟ୍ରୀୟ ଉଦ୍ୟୋଗ ସ୍ତରରୁ ଊର୍ଦ୍ଧ୍ୱରେ ନିଜର ସ୍ଥିତି ଜାହିର କରିବାକୁ ଯାଉଛି ନାଲକୋ।

ନାଲକୋ ମଙ୍ଗଳବାର ବିରଳ ଧାତବ ସାମଗ୍ରୀ ଗାଲିୟମ ଉତ୍ପାଦନ ସଂପର୍କରେ ସୂଚନା ଦେଇ କହିଛି ଯେ ଏହି ପ୍ରକଳ୍ପ ଏଥିମଧ୍ୟରେ ବେଶ ଅଗ୍ରଗତି ହାସଲ କରିସାରିଛି ଏବଂ ଯେତେଦୂର ସମ୍ଭବ ଆସନ୍ତା ଦୁଇବର୍ଷ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ। ଭାବା ଆଣବିକ ଗବେଷଣା କେନ୍ଦ୍ର (ବାର୍କ) ଓ ଭାରି ଜଳ ବୋର୍ଡ(ଏଚ୍‌ଡବ୍ଲୁବି) ଏବଂ ଗବେଷଣା ଓ ଉନ୍ନୟନ ସଂସ୍ଥା ସହଯୋଗରେ ନାଲକୋ ଗାଲିୟମ ଧାତବ ନିଷ୍କାସନ ଏବଂ ଭାରିଜଳର ଅଣ ଆଣବିକ ପ୍ରୟୋଗ ନେଇ ଜାରି ରଖିଥିବା ଗବେଷଣାର ସୁଫଳ ମିଳିଛି। ବକ୍ସାଇଟରୁ ଆଲୁମିନା ଉତ୍ପାଦନର ଉପଜାତ ଦ୍ରବ୍ୟ ରୂପେ ଗାଲିୟମ ଧାତବ ସଂଗ୍ରହ କରାଯାପାରିବ। ଏଦିଗରେ ନିଜସ୍ୱ ଜ୍ଞାନକୌଶଳ ଉପଯୋଗ କରାଯାଉଛି। କୋରାପୁଟର ଦାମନଯୋଡ଼ିରେ ଥିବା ଆଲୁମିନା ରିଫାଇନାରୀ ନିକଟରେ ଗାଲିୟମ ଧାତବ ନିଷ୍କାସନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ବାର୍ଷିକ ୧୫ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ଲାଣ୍ଟରୁ ପରୀକ୍ଷାମୂଳକ ଭାବେ ୮/୯ ମାସ କାର୍ଯ୍ୟ ପରେ ଦୁଇବର୍ଷ ମଧ୍ୟରେ ବ୍ୟାବସାୟିକ ଉତ୍ପାଦନ ହେବ। ସୂଚନା ଯୋଗ୍ୟ କି ଏପର୍ଯ୍ୟନ୍ତ ଚୀନ ବିଶ୍ୱବଜାରରେ ଗାଲିୟମ ଯୋଗାଣରେ ପ୍ରାଧାନ୍ୟ ହାସଲ କରିଆସିଥିବା ବେଳେ ଭାରତରେ ଗାଲିୟମ ଧାତବ ଉତ୍ପାଦନ ପାଇଁ ନାଲକୋକୁ ହିଁ ନିରଙ୍କୁଶ ଅଧିକାର ମିଳିଛି।

ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ସକାଶେ ୩୫,୦୦୦ କୋଟି ଟଙ୍କା ନିବେଶର ସୂଚନା ଦେବା ଯେତେ ବଡ଼କଥା ନୁହେଁ, ବିରଳ ଖଣିଜ ସାମଗ୍ରୀ ଓ ମୃତ୍ତିକାର ଉପଯୋଗିତାକୁ ଦୃଷ୍ଟିରେ ରଖି ବିଦେଶରେ ବିପୁଳ ବିନିଯୋଗର ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ପ୍ରଗତିର ମାର୍ଗକୁ ଗତି ଦେବା ସକାଶେ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଆର୍ଜେଣ୍ଟିନାରେ ୫ଟି ଖଣି ନାଲ୍‌କୋ କିଣିଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ) ସହ ନାଲକୋ ସହଭାଗିତାରେଏହି ପଦକ୍ଷେପ ଗ୍ରହଣ କରିଛି। ସଂସ୍ଥା ଖୁବ୍‌ଶୀଘ୍ର ମାଇନିଂ ଆରମ୍ଭ ସକାଶେ କାର୍ଯ୍ୟ ପରିଚାଳନା ଏଜେନ୍ସି ସହ ଯୋଗାଯୋଗ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବ। ଯଦି ବ୍ୟବସ୍ଥିତ ଢଙ୍ଗରେ କାମ ଠିକ୍‌ଠାକ୍ ଚାଲେ ତେବେ ୨୦୨୭ ସୁଦ୍ଧା ମାଇନିଂ ଆରମ୍ଭ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଅଷ୍ଟ୍ରେଲିଆରେ ଲିଥିୟମ ମାଇନର ଅଂଶୀଦାର ହେବ ନାଲକୋ। ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟାଟେରି ପ୍ରସ୍ତୁତି ଓ ଶକ୍ତି ସଞ୍ଚୟ କ୍ଷେତ୍ରରେ ଲିଥିୟମର ଉପଯୋଗିତାକୁ ଦୃଷ୍ଟିରେ ରଖି ନାଲକୋ ଏହି ପଦକ୍ଷେପ ଗ୍ରହଣ କରୁଛି। କାବିଲ ସହଯୋଗରେ ଚିଲିରେ ଅନୁରୂପ ପଦକ୍ଷେପ ଗ୍ରହଣ କରାଯିବାର ସୂଚନା ମଧ୍ୟ ସେ ଦେଇଛନ୍ତି। ଯଦି ଏହି ପ୍ରୟାସ ସଫଳ ହୁଏ ତେବେ ଭାରତର ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବ।

ଟ୍ରମ୍ପଙ୍କ ୫୦ ପ୍ରତିଶତ ରପ୍ତାନି ଶୁଳ୍କ ବୃଦ୍ଧିର ପ୍ରତିକୂଳ ପ୍ରଭାବ ନାଲକୋର ବର୍ଦ୍ଧିତ ଆଲୁମିନିୟମ ଉତ୍ପାଦନ ଉପରେ ପ୍ରତିଫଳିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ କହିବା କଥା ହେଲା, ବ୍ରିଟେନର ଆବଶ୍ୟକତା ପୂରଣ ପାଇଁ ନାଲକୋ ଆଲୁମିନିୟମ ରପ୍ତାନି କରିପାରିବ। ମୁକ୍ତ ବାଣିଜ୍ୟ ଜୋନ୍ ସୁଯୋଗ ନେଇ ନିଃଶୁଳ୍କ ରାପ୍ତାନିରୁ ସଂସ୍ଥା ଲାଭବାନ ହେବ। ବିଦ୍ୟୁତ୍ ଚାଳିତ ଯାନ ଓ ସୋଲାର ପ୍ୟାନେଲର ବର୍ଦ୍ଧିତ ବଜାର ଦୃଷ୍ଟିରୁ ବ୍ରିଟେନର ଆଲୁମିନିୟମ ଚାହିଦା ବୃଦ୍ଧିପାଇଛି। ସେ ଦୃଷ୍ଟିରୁ ଆମେରିକା ଅପେକ୍ଷା ବ୍ରିଟେନ ବଜାର ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବ। ସବୁଠାରୁ ବଡ଼ କଥା ହେଲା, ସମୟରେ ଆବଶ୍ୟକତା ପ୍ରତି ଧ୍ୟାନ ଦେଇ ନାଲକୋ ନିବେଶର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ●

## ମଧ୍ୟବିତ୍ତ ପରିବାରରେ 'ଅର୍ଜୁନଙ୍କ ଦ୍ୱନ୍ଦ୍ୱ'

ଡକ୍ଟର ଅବଶ ପରିଡ଼ା

ମହାଭାରତର ଅର୍ଜୁନ କେବଳ ଜଣେ ପୌରାଣିକ ନାୟକ ନୁହନ୍ତି, ସେ ଏକ ଆଦର୍ଶ। ଭାରତୀୟ ମଧ୍ୟବିତ୍ତ ବର୍ଗର ପ୍ରତ୍ୟେକ ପିତାମାତା ନିଜ ପିଲାକୁ ଅର୍ଜୁନଙ୍କ ଭଳି ଦକ୍ଷ, ସଫଳ ଓ ସ୍ଥିର କରିବାକୁ ଚାହାନ୍ତି। ଅର୍ଜୁନଙ୍କ ସମାନ ମଧ୍ୟବିତ୍ତ ବର୍ଗ ମଧ୍ୟ ପ୍ରତିଯୋଗିତା, ଭୟ ଓ ନୈତିକ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ। ଯେଉଁଠି ସଫଳତା ହେଉଛି ମୂଲ୍ୟର ଚୂଡ଼ାନ୍ତ ମାପକାଠି। କୁରୁକ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ମଧ୍ୟବିତ୍ତ ଶ୍ରେଣୀର ବିବେକ ସହିତ ହେଉଥିବା ସଂଘର୍ଷର ଅନେକ ସମାନତା ଅଛି। ଶ୍ରୀକୃଷ୍ଣଙ୍କ ଜ୍ଞାନ ଦ୍ୱାରା ଅର୍ଜୁନ ପରିଚାଳିତ ହୋଇ ଧର୍ମର ସ୍ୱଚ୍ଛତା ଓ ଦ୍ୱନ୍ଦ୍ୱର ସମାଧାନ ଆଣିପାରିଥିଲେ। ସେହିପରି ମଧ୍ୟବିତ୍ତ ବର୍ଗ ମଧ୍ୟ ନିଜ ବିବେକ, ସ୍ଥିରତା, କର୍ତ୍ତବ୍ୟ ଓ ନୈତିକ ସନ୍ତୁଳନ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱର ସମାଧାନ ଖୋଜୁଛନ୍ତି।

ସଫଳତାର ପରିଭାଷା କ'ଣ ହେବ ତାହା ମଧ୍ୟବିତ୍ତ ଶ୍ରେଣୀ ନିଜେ ସ୍ଥିର କରିଛି। ଆର୍ଥିକ ସ୍ଥିରତା, ସାମାଜିକ ଗତିଶୀଳତା, ସାଂସ୍କୃତିକ ଆକାଂକ୍ଷା ସହ ପରିବାରର ଆଶା ଦ୍ୱାରା ଏହା ଆକୃତିପ୍ରାପ୍ତ। ଏହାମଧ୍ୟରୁ ଆର୍ଥିକ ସ୍ଥିରତା ହେଉଛି ମଧ୍ୟବିତ୍ତ ପରିବାରର ସଫଳତା ମାପିବା ପାଇଁ ସବୁଠାରୁ ଶକ୍ତିଶାଳୀ ଏବଂ ବହୁଳ ଭାବରେ ବ୍ୟବହୃତ ମାନଦଣ୍ଡ। ନିଜସ୍ୱ ଘର, ମାଲିକାନା, ସ୍ଥିର ଆୟ ଏବଂ ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ହେଉଛି ଆମ ପାଇଁ ଆର୍ଥିକ ସ୍ଥିରତା। କିଛିଦିନ ତଳେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ କୁହେ ଯେ ସତୁରି ପ୍ରତିଶତରୁ ଅଧିକ ଭାରତୀୟ ମଧ୍ୟବିତ୍ତ ପରିବାର ବ୍ୟକ୍ତିଗତ କ୍ୟାରିଅର ଅଭିବୃଦ୍ଧି ଅପେକ୍ଷା ପିଲାମାନଙ୍କ ଗୁଣାତ୍ମକ ଶିକ୍ଷାକୁ ସଫଳତାର ମାପକାଠି ବୋଲି ବିବେଚନା କରନ୍ତି। ସେହିପରି ଅକ୍ସଫାମ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ଶ୍ରେଣୀର ଅଭିଭାବକମାନେ ଅତିରିକ୍ତ କୋଚିଂ, ଘରୋଇ ବିଦ୍ୟାଳୟ ଓ ଡିଜିଟାଲ୍ ଉପକରଣ ଯଥା ମୋବାଇଲ, ଟାବଲେଟ, ଲାପଟପରେ ବିନିଯୋଗ କରିବା ପାଇଁ ନିଜର ଅବସର ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରନ୍ତି। ଏହା ହେଉଛି ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର 'ଶିକ୍ଷା-ଚାଳିତ' ସଫଳତାର ଧାରଣାର ଏକ ପ୍ରତିଫଳନ।

ଅପରପକ୍ଷେ, ଆଫ୍ରିକୀୟ ମଧ୍ୟବିତ୍ତ ଶ୍ରେଣୀ ନିମନ୍ତେ ବୃତ୍ତିଗତ ସଫଳତା ହିଁ ସାମାଜିକ ସମ୍ମାନ। 'ଚାକିରି ହରାଇବା' ହେଉଛି ଆଫ୍ରିକୀୟ ମଧ୍ୟବିତ୍ତଙ୍କ ପାଇଁ ସବୁଠାରୁ ବଡ଼ ମାନସିକ ଆଘାତ। ଉଭୟ ଉଦାହରଣ ବିପରୀତ ଲାଗିପାରେ। କିନ୍ତୁ ଏହା ଭିତରେ ଏକ ସାଧାରଣ ଲକ୍ଷ୍ୟ ଅଛି। ତାହା ହେଉଛି ଯେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ନିଜ ପିତାମାତା ଏବଂ ସମ୍ପ୍ରଦାୟର ପ୍ରତିଷ୍ଠାକୁ ଏହି ସବୁ ଗତିଶୀଳତା ମାଧ୍ୟମରେ ଉନ୍ନତ କରିବାକୁ ଚାହେଁ। ପୃଥିବୀର ସମସ୍ତ ମଧ୍ୟବିତ୍ତ ଶ୍ରେଣୀ ସଫଳତା ହାସଲ ପାଇଁ 'ଅନୁରୂପ' ରଣନୀତି ଅନୁସରଣ କରନ୍ତି। 'ଅନୁରୂପ'ର ଅର୍ଥ ହେଉଛି ଚାକିରି କରିବା ଓ ଚାକିରିରେ କଠିନ ପରିଶ୍ରମ କରିବା, ପିଲାମାନଙ୍କ ଭବିଷ୍ୟତ ପାଇଁ ବିନିଯୋଗ କରିବା ଏବଂ ସାମାଜିକ ଭାବରେ ଗୃହୀତ ସଫଳତାର ମାନଦଣ୍ଡକୁ ପୂରଣ କରିବା। ଏହା ସବୁ ଏକପ୍ରକାରର ପ୍ରତିଯୋଗିତା। ପ୍ରତିଯୋଗିତାରେ ଚାପ ରହିବା ବହୁତ ସ୍ୱାଭାବିକ। ତେଣୁ ଏହି ଚାପରେ ଶିକ୍ଷାଗତ ସଫଳତାର ଅନୁସନ୍ଧାନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ପ୍ରତିଯୋଗିତାକୁ ତୀବ୍ର କରିଛି। ଭାରତର କୋଚିଂ ଶିଳ୍ପ ଏବଂ ଘରୋଇ ବିଦ୍ୟାଳୟ ବୃଦ୍ଧି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଅନେକ ଅଭିଯୋଗ କରନ୍ତି ଯେ ମଧ୍ୟବିତ୍ତ ବର୍ଗ ସବୁଠାରୁ ସ୍ୱାର୍ଥପର। ଧନୀଙ୍କୁ ସୁବିଧା ଓ ଗରିବଙ୍କୁ ଅତିରିକ୍ତ ଧ୍ୟାନ ଓ ସାହାଯ୍ୟ ମିଳିଲେ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚନା କରେ। ସମାଜବିଜ୍ଞାନୀମାନେ ମତରେ ଉପଯୁକ୍ତ ସୁଯୋଗର ଅଭାବ ଓ ସମ୍ବଳର ଅସମାନ ବଣ୍ଟନ ପାଇଁ ମଧ୍ୟବିତ୍ତ ଶ୍ରେଣୀ ସମାଲୋଚକ ହୁଅନ୍ତି। ସାମାଜିକ ବ୍ୟବସ୍ଥାରେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ମଧ୍ୟବିତ୍ତ ବର୍ଗ ପାଇଁ ଏକ ଚିନ୍ତା। ସମ୍ଭବତଃ ସେଥିପାଇଁ, ସଫଳତାକୁ ଏକ ସାଂରଚନିକ ସୁଯୋଗ ଭାବରେ ମଧ୍ୟବିତ୍ତ ଶ୍ରେଣୀ ଦେଖେ। ଆଜି ଭାରତର ଜନସଂଖ୍ୟାରେ ମଧ୍ୟବିତ୍ତ ବର୍ଗର ଅଂଶ ୩୧ ରୁ ୪୧% ମଧ୍ୟରେ ବୋଲି ଅନୁମାନ କରାଯାଉଛି। ନିଯୁକ୍ତି ଦୃଷ୍ଟିରୁ, ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀ ଆନୁଷ୍ଠାନିକ ଘରୋଇ କ୍ଷେତ୍ରରେ ଓ ଦରମାପ୍ରାପ୍ତ ଚାକିରିରେ କାମ କରନ୍ତି। ତେଣୁ ଘରୋଇ ଚାକିରିରେ ଅସୁରକ୍ଷା, ମୁଦ୍ରାସ୍ଫୀତି ଏବଂ ଶିକ୍ଷାରେ ବୃଦ୍ଧି ପାଉଥିବା ଖର୍ଚ୍ଚ ମଧ୍ୟବିତ୍ତ ପରିବାରର ଅନିଶ୍ଚିତତାର ଏକ ପ୍ରଧାନ କାରଣ। ଏହାବ୍ୟତୀତ ଗରିବଶ୍ରେଣୀକୁ ଖସିଯିବାର ଭୟ ମଧ୍ୟବିତ୍ତଙ୍କ ପାଇଁ ଏକ ନିରନ୍ତର ଚାପ।

ଆର୍ଥିକ ଅସୁରକ୍ଷା ଏବଂ ସାମାଜିକ ଉନ୍ନତି ମଧ୍ୟରେ ମଧ୍ୟବିତ୍ତ ଶ୍ରେଣୀ ସନ୍ତୁଳନ ରଖେ। ପୂର୍ବରୁ କୁହାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀ ନିଜ ପିଲାମାନଙ୍କ ଶିକ୍ଷା ଓ ନିଜସ୍ୱ ଘର କିଣିବାକୁ ପ୍ରାଥମିକତା ଦିଅନ୍ତି। ତେଣୁ ସେମାନେ ଯାହା ସଞ୍ଚୟ କିମ୍ବା ଆୟ କରନ୍ତି ସେଥିମଧ୍ୟରୁ କୋଡ଼ିଏ ପ୍ରତିଶତରୁ ଅଧିକ ପିଲାମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ କରନ୍ତି ବୋଲି କିଛି ଅଧ୍ୟୟନର ତଥ୍ୟରେ ପ୍ରକାଶ ପାଇଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇ ଆର୍ଥିକ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମଧ୍ୟବିତ୍ତ ଶ୍ରେଣୀର ୭୭%ରୁ ଅଧିକ ସଞ୍ଚୟ ରିଅଲ ଇଷ୍ଟେଟରେ ନିବେଶ ହୋଇଛି। ଏହି ଦୁଇଟି ଅର୍ଥନୈତିକ ବ୍ୟୟର ଢାଞ୍ଚା ମଧ୍ୟବିତ୍ତ ବର୍ଗର ଅର୍ଥନୈତିକ ସ୍ଥିରତା ଏବଂ ସାମାଜିକ ସ୍ଥିତି ପାଇଁ ଥିବା ଅନ୍ୱେଷଣକୁ ପ୍ରତିଫଳିତ କରେ।

ମଧ୍ୟବିତ୍ତ ବର୍ଗ ଖର୍ଚ୍ଚର ଆଉ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ପାର୍ଶ୍ୱ ଅଛି। ଆଶ୍ଚର୍ଯ୍ୟର କଥା ହେଉଛି, ଘର କିମ୍ବା ପିଲାର ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ଏହି ଶ୍ରେଣୀ କିନ୍ତୁ ପର୍ବ କିମ୍ବା ବିବାହ ସମୟରେ ବହୁତ ଖର୍ଚ୍ଚ କରନ୍ତି। ଖର୍ଚ୍ଚ କାଟୁଥିବା ମଧ୍ୟବିତ୍ତ ପରିବାର ଅନ୍ୟପଟେ ଆକାଂକ୍ଷୀ ବ୍ୟବହାର ବା ଆକାଂକ୍ଷୀ ଖର୍ଚ୍ଚରେ ମଧ୍ୟ ଲିପ୍ତ। ଉଦାହରଣତଃ, ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ଦୁଇଚକିଆ ଯାନ, ସ୍ମାର୍ଟଫୋନ୍ ଓ ସୁନା ଉପରେ ଅସମାନୁପାତିକ। ନିଲସେନର ଏକ ଗ୍ରାହକ ସର୍ଭେ ଦର୍ଶାଉଛି ଯେ ବ୍ରାଣ୍ଡେଡ୍ କପଡ଼ା ଓ ସାମଗ୍ରୀର ଚାହିଦା ମଧ୍ୟ ଏହି ବର୍ଗରେ ବୃଦ୍ଧି ହେଉଛି। ଆର୍ଥିକ ସୀମାବଦ୍ଧତା ସତ୍ତ୍ୱେ ମଧ୍ୟବିତ୍ତ ପରିବାରର ବିବାହ ଓ ଯୌତୁକ ଖର୍ଚ୍ଚ କଥା ନ କହିଲେ ଭଲ। ଓଡ଼ିଶା ଓ ଉତ୍ତର ପ୍ରଦେଶର କେତେକ ଗବେଷଣାରୁ ଜଣାପଡ଼ିଛି ଯେ ମଧ୍ୟବିତ୍ତ ପରିବାରଗୁଡ଼ିକ 'ସମ୍ମାନଜନକ ବିବାହ' ଆୟୋଜନ କରିବା ପାଇଁ ଋଣ ନେଉଛନ୍ତି କିମ୍ବା ସମ୍ପତ୍ତି ବନ୍ଧକ ରଖୁଛନ୍ତି। ସେହିପରି ମଧ୍ୟବିତ୍ତ ପରିବାର ମଧ୍ୟରେ ବ୍ୟକ୍ତିଗତ ଋଣ, ଇଏମ୍‌ଆଇ ଓ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ଅନେକ ପେସାଦାର ଯୁବଙ୍କ ଦରମାର ଏକ ବଡ଼ ଅଂଶ ଋଣ ପ୍ରଦାନରେ ଯାଉଛି। ମୋଟ ଉପରେ, ମଧ୍ୟବିତ୍ତ ନିଯୁକ୍ତିପ୍ରାପ୍ତ ଯୁବ ବର୍ଗ 'ଆକାଂକ୍ଷା-ଋଣ ଫାଶ' ରେ କବଳିତ।

କଠିନ ପରିଶ୍ରମ, ଶିକ୍ଷା ଏବଂ ସମ୍ମାନକୁ ମୂଲ୍ୟ ଦେଉଥିବା ମଧ୍ୟବିତ୍ତ ଶ୍ରେଣୀ ସାର୍ବଜନୀନ ଭାବରେ ଦୁର୍ନୀତିକୁ ନିନ୍ଦା କରନ୍ତି। କିନ୍ତୁ ଅଭିଯୋଗ ଏହା ମଧ୍ୟ ହୁଏ ଯେ ବଞ୍ଚିବା, ସୁବିଧା ଏବଂ ଉନ୍ନତି ପାଇଁ ଦୁର୍ନୀତି ଜାଲରେ ଛନ୍ଦି ହୋଇଯାଇଛନ୍ତି ମଧ୍ୟବିତ୍ତ ବର୍ଗ। 'ଚୟନମୂଳକ ନୈତିକତା'ର ଦ୍ୱନ୍ଦ୍ୱରେ ରହୁଥିବା ମଧ୍ୟବିତ୍ତ ଶ୍ରେଣୀ ଗୋଟେପଟେ ରାଜନୀତି ଓ କର୍ପୋରେଟର 'ବଡ଼ ଦୁର୍ନୀତି'କୁ ନିନ୍ଦା କରୁଥିବା ବେଳେ ଅନ୍ୟପଟେ 'ଛୋଟ ଦୁର୍ନୀତି', ଯେପରିକି ସ୍କୁଲ ଓ କଲେଜରେ ନାମଲେଖା, ସରକାରୀ ଅଫିସ ଓ ପଞ୍ଜୀକରଣ କିମ୍ବା ସରକାରୀ ଚାକିରି ନିଯୁକ୍ତି ପାଇଁ ଲାଞ୍ଚ ଦେବାକୁ ସାଧାରଣ ଅଭ୍ୟାସ ଭାବେ ଗ୍ରହଣ କରନ୍ତି। 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ଗ୍ଲୋବାଲ୍ କରପସନ୍ ବାରୋମିଟର' ଏକ ରିପୋର୍ଟ ଦର୍ଶାଇଛି ଯେ ବିକାଶଶୀଳ ଦେଶଗୁଡ଼ିକରେ ସର୍ବାଧିକ ଲାଞ୍ଚଦାତା ହେଉଛନ୍ତି ମଧ୍ୟବିତ୍ତଶ୍ରେଣୀ।

ସାର୍ବଜନୀନ ପ୍ରସଙ୍ଗରେ ନୀତିନିୟମକୁ ବଳି ଦେଉଥିବା ମଧ୍ୟବିତ୍ତମାନେ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ସତ୍ୟବାଦୀ, ନୈତିକତା ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦିଅନ୍ତି। ଧନୀଙ୍କ ଭଳି ସମ୍ପତ୍ତି ଏବଂ ଗରିବଙ୍କ ଭଳି ସଂଘର୍ଷ ମଧ୍ୟରେ ଅବସ୍ଥିତ ମଧ୍ୟବିତ୍ତ ଶ୍ରେଣୀର ଏହା ହେଉଛି ଏକ ବୈଶିଷ୍ଟ୍ୟ। 'ପିୟୁ ରିସର୍ଚ୍ଚ ସେଣ୍ଟର'ର ସର୍ବେକ୍ଷଣ ଅନୁଯାୟୀ ଭାରତର ୭୨% ମଧ୍ୟବିତ୍ତ ଶ୍ରେଣୀ ବିଶ୍ୱାସ କରନ୍ତି ଯେ ସମାଜରେ ସମ୍ମାନ ପାଇବା ପାଇଁ 'ସତ୍ୟ ଓ ନୈତିକ ଭାବରେ ବଞ୍ଚିବା' ଅତ୍ୟନ୍ତ ଜରୁରୀ। ପିଲାମାନଙ୍କ ବ୍ୟକ୍ତିଗତ ଆଚରଣରେ ସଚ୍ଚୋଟତାକୁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। କିନ୍ତୁ କିଛି ସାମାଜିକ ଗବେଷଣାରେ ଉଲ୍ଲେଖ ଅଛି ଯେ ଘରେ ସତ କହିବାକୁ ପ୍ରୋତ୍ସାହନ ମିଳୁଥିବା ବେଳେ ପ୍ରତିଯୋଗିତାମୂଳକ ପରୀକ୍ଷା କିମ୍ବା ଚାକିରି ସାକ୍ଷାତକାରରେ ସମ୍ପୂର୍ଣ୍ଣ ସତ କହିବାକୁ ମଧ୍ୟବିତ୍ତ ପରିବାର ବାରଣ କରେ।

ଭାରତୀୟ ମଧ୍ୟବିତ୍ତ ଶ୍ରେଣୀର ଏହିସବୁ ଆଲୋଚିତ ସମସ୍ୟା, ଦ୍ୱନ୍ଦ୍ୱ ଓ ସମାଧାନ ହେଉଛି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱନ୍ଦ୍ୱ ଓ ସମାଧାନ ଭଳି। ଯେଉଁଠି 'ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ' -ଉଠ, ଲଢ଼ ଓ ଯଶ ପ୍ରାପ୍ତି କର' ହେଉଛି ବଞ୍ଚିବାର ମନ୍ତ୍ର। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ମନ୍ଥର ଜୀବନ

କନକଲତା ପରିଡ଼ା

ଓଡ଼ିଶାର ଅନ୍ୟତମ ପ୍ରାତଃ ସ୍ମରଣୀୟ ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କ ଅନ୍ୟତମ ଅନନ୍ୟ ରଚନା 'ବେଗ ହିଁ ଉନ୍ନତିର ଲକ୍ଷଣ'ରେ ଶିଳ୍ପ ବିପ୍ଳବ ପରେ ବିଭିନ୍ନ ଯାନବାହନ ଓ ଯନ୍ତ୍ରପାତିର ବ୍ୟବହାର ଆମ କାର୍ଯ୍ୟ କରିବାର ବେଗବୃଦ୍ଧି କରିବାରୁ କ୍ରମେ ଆମେ କିପରି ଉନ୍ନତ ହେଲୁ ତାହାର ସୂଚନା ଦେଇଛନ୍ତି। ସେହି ସମୟରୁ ଆଜି ମଧ୍ୟରେ ଏସବୁ ବୃଦ୍ଧି ପାଇଛି ଅକଳ୍ପନୀୟ ଭାବେ। ଫଳରେ ଆମର ଜୀବନଶୈଳୀ ହୋଇ ପଡ଼ିଛି ଅତ୍ୟନ୍ତ ଚଞ୍ଚଳ। ଏହାର ଅର୍ଥ ହେଲା ଯେ ଆମେ ସଦାବେଳେ ଚାହୁଁଛୁ କୌଣସି କାମକୁ ଖୁବ୍ ଶୀଘ୍ର ଏବଂ ଯଥାର୍ଥ ଭାବେ ସମାପନ କରିବାକୁ। ସେଥିପାଇଁ ଆମେ ତହିଁରେ ଦେହ ଓ ମନକୁ ନିବିଡ଼ ଭାବେ ନିୟୋଜିତ କରି ରଖୁଛୁ। ଏପରିକି ଆମେ ଆହାର, ନିଦ୍ରା ଓ ବିଶ୍ରାମ ଭୁଲି ଦୀର୍ଘସମୟ ଧରି ସେଥିରେ ଲାଗିଯାଉଛୁ। ତେବେ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏହା ଏବେ ସୃଷ୍ଟି କରିବାରେ ଲାଗିଛି ନାନାଦି ସମସ୍ୟା।

ବୈଜ୍ଞାନିକମାନଙ୍କ ମତରେ ଏହା ଫଳରେ ଶାରୀରିକ ଓ ମାନସିକ ଚାପ ବୃଦ୍ଧି ପାଉଛି, ଯାହାକି ନାନାଦି ରୋଗର କାରଣ ହେଉଛି ଏବଂ କାର୍ଯ୍ୟପ୍ରତି ଆମର ଆଗ୍ରହ କ୍ଷୟ ହେବା ସହିତ ଚିନ୍ତା ଶକ୍ତିକୁ ମଧ୍ୟ ବ୍ୟାହତ କରୁଛି। ସେଥିପାଇଁ ଏବେ କୁହାଯାଉଛି ଜୀବନଧାରାକୁ ମନ୍ଥର ଓ ସୁସଂଗତ କରିବା ପାଇଁ। ଏକଥା ମନକୁ ଆସୁଛି ଆଉ ଜଣେ ମହାନ୍ ଇଂରାଜୀ କବି ହେନେରୀ ଡାଭିସ୍‌ଙ୍କ ସୁପ୍ରସିଦ୍ଧ କବିତା 'ହ୍ୱାଟ ଇଜ୍ ଦିସ୍ ଲାଇଫ୍ ଇଫ୍ ଫୁଲ୍ ଅଫ୍ କେୟାର୍'। ଏଥିରେ ସେ ପ୍ରଶ୍ନ କରିଛନ୍ତି ଯେ ବ୍ୟସ୍ତତାଭରା ଜୀବନ ଗୋଟିଏ କି ଜୀବନ, ଯଦି ତହିଁରେ ଗଛତଳେ ଟିକେ ଠିଆହୋଇ ଗୋରୁ ଓ ଛେଳି ମେଣ୍ଢା ଚରୁଥିବାର କିମ୍ବା ଜଙ୍ଗଲ ଦେଇ ଗଲା ବେଳେ ଗୁଣ୍ଡୁଚି ମୂଷା ଘାସ ଭିତରେ ତା' କୋଳିଟିଏ ଲୁଚାଇବାର କିମ୍ବା ନଦନଦୀର ପ୍ରବାହ ଅଥବା ଆକାଶରେ ବିଚ୍ଛୁରିତ ତାରକାମାଳ ଦେଖିବାକୁ ସମୟ ନ ଥାଏ? ପ୍ରକୃତରେ ଏବେ ବୈଜ୍ଞାନିକମାନେ ଏହାର ସତ୍ୟତା ସ୍ୱୀକାର କରୁଛନ୍ତି। ସେମାନେ କହୁଛନ୍ତି ଯେ ସବୁଦୃଷ୍ଟିରୁ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ମନ୍ଥର ଜୀବନ ହିଁ ଏକାନ୍ତ ଉପାଦେୟ। ଏହା ଦେଇଥାଏ ଶରୀର ଓ ମନକୁ ଆବଶ୍ୟକ ବିଶ୍ରାମ ମାଧ୍ୟମରେ ସୁସ୍ୱାସ୍ଥ୍ୟ, ଦୀର୍ଘଜୀବନ ଏବଂ ସୃଜନାତ୍ମକ ଚିନ୍ତା ପାଇଁ ଯଥେଷ୍ଟ ସମୟ।

ମନ୍ଥର ଜୀବନର ଅର୍ଥ ନୁହେଁ ଆଳସ୍ୟପରାୟଣତା ଏବଂ ଉତ୍ପାଦନ ହ୍ରାସ କରିବା। ବରଂ ଏହା ହେଉଛି ସୁସଂଗତ ଭାବେ କାର୍ଯ୍ୟ କରି ଉତ୍ପାଦର ପରିମାଣ ଅପେକ୍ଷା ତାହାର ମାନ ପ୍ରତି ସଚେତନ ରହିବା ଏବଂ କୌଣସି ମତେ ଲକ୍ଷ୍ୟଟିଏ ସାଧନ କରିଦେବା ଅପେକ୍ଷା ତାହା ସୁଚାରୁରୂପେ ସଂପାଦନ କରିବା। ପୁନଶ୍ଚ ତହିଁରୁ ଅଧିକ ଅର୍ଥପୂର୍ଣ୍ଣ ଅନୁଭୂତି ଅର୍ଜନ କରିବା। ଲୋକେ ଏବେ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ବଢ଼ିବଢ଼ି ଚାଲିଥିବା ବ୍ୟସ୍ତତା, ଅବଶତା, ମାନସିକ ଚାପ ଓ ରୋଗ ବାହିତ ସଂପୃକ୍ତ ଚଞ୍ଚଳ ଜୀବନ ସହନୀୟ ନୁହେଁ କି ସନ୍ତୋଷଜନକ ନୁହେଁ। ଅନ୍ୟପକ୍ଷରେ, ସବୁକାର୍ଯ୍ୟର ଅଗ୍ରାଧିକାର ନିର୍ଦ୍ଦିଷ୍ଟ ରୂପେ ମୂଲ୍ୟାୟନ କରି ତଦନୁଯାୟୀ ତାହା ମନଯୋଗ ସହକାରେ କରିବା ଉଚିତ। ଏହାଦ୍ୱାରା ଇଚ୍ଛା ମୁତାବକ ବଞ୍ଚିବା ଏବଂ ସନ୍ତୋଷଜନକ ତଥା ସାମଗ୍ରିକ ଭାବେ ଦେହ ଓ ମନର ସ୍ୱାସ୍ଥ୍ୟ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା।

ମନ୍ଥର ଜୀବନଧାରାକୁ କିପରି ଗ୍ରହଣ କରାଯାଇ ପାରିବ ସେସମ୍ପର୍କରେ କେତେକ ସୂଚନା ଦେଇଛନ୍ତି ଇଂଲଣ୍ଡର ମନୋବିଜ୍ଞାନୀମାନେ। ତହିଁରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଠାରେ ଅବତାରଣା କରାଯାଇପାରେ। ୧-କେଉଁ କେଉଁ କାର୍ଯ୍ୟ ତୁମକୁ ଆନନ୍ଦ ଦେଉଛି ଏବଂ ପରିପୂର୍ଣ୍ଣତା ଅନୁଭବ କରାଉଛି ତାହା ଚିହ୍ନଟ କର। ଯଥାସମ୍ଭବ କେବଳ ସେବର କାର୍ଯ୍ୟଗୁଡ଼ିକୁ ହାତକୁ ନେବାକୁ ଚେଷ୍ଟା କର। ୨- ମୋବାଇଲ, ଟିଭି କିମ୍ବା କମ୍ପ୍ୟୁଟର ନିକଟରେ ଅତ୍ୟଧିକ ସମୟ ନ ବିତାଇ ଏହାର ବ୍ୟବହାରକୁ କେବଳ ଆବଶ୍ୟକତା ମଧ୍ୟରେ ସୀମିତ ରଖ। ଅନ୍ୟପକ୍ଷରେ, ବିବିଧ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ସମ୍ପର୍କ ପରିବର୍ଦ୍ଧନ, ବାସ୍ତବ ଦୁନିଆ ଓ ନୂତନ ଚିନ୍ତାଧାରାର ବିକାଶ ପାଇଁ ତାହାର ବିନିଯୋଗ କର। ୩- ଭୋଜନ, ପଠନ ଆଦି କାର୍ଯ୍ୟ ମନଧ୍ୟାନ ଦେଇ କର। ସେ ସମୟରେ ଅନ୍ୟ କିଛି ଚିନ୍ତା କରିନାହିଁ। ସେହିପରି ଯୋଗ, ବ୍ୟାୟାମ, ସଂପର୍କୀୟଙ୍କ ସହିତ ବାର୍ତ୍ତାଳାପ, ପ୍ରଭାତ କିମ୍ବା ସାନ୍ଧ୍ୟଭ୍ରମଣ ଆଦି ନିୟମିତ ଭାବେ କର। ୪- ତୁମ କାର୍ଯ୍ୟକଳାପକୁ ନିୟମିତ ଓ ଶୃଙ୍ଖଳିତ କର। ସର୍ବନିମ୍ନ ଆବଶ୍ୟକତା ଏବଂ ମନ୍ଥର ଜୀବନଧାରା ପରସ୍ପର ସହିତ ସଂପୃକ୍ତ। ଏଣୁ ଅଯଥା ଆବଶ୍ୟକତା କିମ୍ବା ଅଙ୍ଗୀକାରବଦ୍ଧତା ସୀମିତ କରିବା ମାଧ୍ୟମରେ ଦୈନନ୍ଦିନ କାର୍ଯ୍ୟକଳାପ ହ୍ରାସ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ସମୟ ବଞ୍ଚାଅ। ୫- ପ୍ରକୃତି କୋଳରେ ନିୟମିତ କିଛି ସମୟ ବିତାଅ। ତାହା ବଗିଚାରେ ବୁଲିବା ହେଉ, ସେଥିରେ ଥିବା ଗଛଲତାଙ୍କ ଯତ୍ନନେବା ହେଉ କିମ୍ବା ପାହାଡ଼ ପର୍ବତରେ ପରିଭ୍ରମଣ ହେଉ। ଏହାର ଦେହ ଓ ମନ ଉପରେ ବହୁ ସକାରାତ୍ମକ ପ୍ରଭାବ ରହିଛି। ୬- ଯେଉଁ କାର୍ଯ୍ୟଟି କରୁଛ, ତାହା ଯେପରି ତୁମର ଉପଭୋଗ୍ୟ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ। ୭- ବିଶ୍ରାମ ଓ ନିଦ୍ରା ସୁସ୍ଥ ଜୀବନ ପାଇଁ ଏକାନ୍ତ ଆବଶ୍ୟକ। ଏଣୁ ଏହା ନିୟମିତ ଯଥେଷ୍ଟ ସମୟ କର। ଏହାକୁ ଆଳସ୍ୟ ବୋଲି ମନେ କରି ଏଥିପାଇଁ ନିଜକୁ ଦୋଷୀ ବୋଲି ଅନୁଭବ କରନାହିଁ।

ମନ୍ଥର ଜୀବନ ମାନସିକ ଚାପ ଓ ଦୁଶ୍ଚିନ୍ତା ଦୂରକରେ ଏବଂ ସହୃଦୟଶୀଳ ମନୋଭାବର ବିକାଶ ଘଟାଏ। ଏହା ସ୍ମରଣେ କରାଇଦିଏ ଯେ ଜୀବନ ଏକ ଘୋଡ଼ା ଦଉଡ଼ ନୁହେଁ। ବରଂ ମନକୁ ବିକଶିତ କରିବାର ଅନୁଭୂତିଟିଏ। ଏଣୁ ଅଧିକ ସରଳ ଓ ସଚେତନ ଜୀବନଚର୍ଯ୍ୟା ଆପଣାଇ ନେବା ଦ୍ୱାରା ତୁମେ ଦୈନନ୍ଦିନ ଜୀବନରେ ସୁଖ, ଶାନ୍ତି ଓ ପରିପୂର୍ଣ୍ଣତା ଅନୁଭବ କରିପାରିବ। ଅତଏବ ଏହାକୁ ଅନୁସରଣ କରିବା ଆମ ସମସ୍ତଙ୍କ ପାଇଁ ଏବଂ ବିଶେଷକରି ବୟସ୍କମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

ପ୍ରବୀର କୁମାର ପଟ୍ଟନାୟକ

### ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ୟେଶେ ସୋଗ୍ୟାଲ୍: ତିବ୍ବତୀୟ କିମ୍ବଦନ୍ତୀ କୁହେ ତିବ୍ବତର ଏକ ଉପତ୍ୟକା ଜଣେ ଜମିଦାର ବା ସର୍ଦ୍ଦାରଙ୍କର ଦୈବୀକୃପାରୁ ଗୋଟିଏ କନ୍ୟାରତ୍ନ ଲାଭ ହୋଇଥିଲା। ଶିଶୁ ଅବସ୍ଥାରେ ଏହି କନ୍ୟା ଅତ୍ୟନ୍ତ ବୁଦ୍ଧିମତୀ ଥିଲେ। ସମସ୍ତପ୍ରକାର ବିଦ୍ୟା ଓ ଶାସ୍ତ୍ରମାନ ଖୁବ୍ ସହଜରେ ଓ ସଙ୍ଗେସଙ୍ଗେ ଆୟତ୍ତ କରିଦେଉଥିଲେ। ଷୋହଳ ବର୍ଷ ବୟସରେ ସେ ତିବ୍ବତର ରାଜା ଖ୍ରୀ-ସ୍ରନ୍‌ଙ୍କର ରାଣୀ ହୋଇଗଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ତାଙ୍କ ଦ୍ୱାରା ଦୀକ୍ଷିତ ହୋଇ ଶିଷ୍ୟା ହୋଇଗଲେ। ୟେଶେଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା ଯାହା ଦୈବୀକୃପା ବିନା ଅସମ୍ଭବ ଥିଲା। ୟେଶେଙ୍କୁ ଡାକିନୀ ଅବତାର କୁହାଯାଏ। ଷୋହଳ ବର୍ଷ ବୟସରେ ହିଁ ସେ ଗୁରୁ ପଦ୍ମସମ୍ଭବଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ତଥା ଘନିଷ୍ଠ ଓ ବିଶ୍ୱାସୀ ଶିଷ୍ୟା ହୋଇ ଯାଇଥିଲେ। ପଦ୍ମସମ୍ଭବଙ୍କର ପାଞ୍ଚଜଣ ଶିଷ୍ୟାଙ୍କ ମଧ୍ୟରେ ୟେଶେ ହିଁ ମୁଖ୍ୟ ଥିଲେ। ସେ ଥିଲେ ପଦ୍ମସମ୍ଭବଙ୍କର ସହକର୍ମୀ, ବ୍ୟକ୍ତିଗତ ସଚିବ ଓ



ସହାୟିକା ଏବଂ ତାଙ୍କର ସମସ୍ତ ବ୍ୟାପାରର ପରିଚାଳିକା। ତାଙ୍କର ସ୍ମୃତିଶକ୍ତି ଏକ ଚମତ୍କାରିତାପୂର୍ଣ୍ଣ ଶକ୍ତିଭଳି କାମ କରୁଥିଲା। ସେ ଥରେ ଯାହା ଶୁଣି ଦେଉଥିଲେ ଚିରଦିନ ପାଇଁ ତାହାକୁ ମନେ ରଖି ଦେଉଥିଲେ। ପଦ୍ମସମ୍ଭବଙ୍କଠାରୁ କଥାଛଳରେ ସମସ୍ତ ତଥ୍ୟ ସଂଗ୍ରହ କରି ସେ 'ଗୁରୁଙ୍କ ଇତିହାସର ସୁବର୍ଣ୍ଣ ଜପମାଳା' ନାମକ ଗୋଟିଏ ଗ୍ରନ୍ଥ ରଚନା କରି ତାହାକୁ ଲୁକ୍କାୟିତ ଭାବେ ନିରାପଦ ସ୍ଥାନରେ ରଖି ଯାଇଥିଲେ, ଯାହାକୁ ଗତ ପାଞ୍ଚ ଶହ ବର୍ଷ ପୂର୍ବେ ଆବିଷ୍କାର କରାଯାଇଛି।

ତିବ୍ବତରେ ବଜ୍ରଯାନ ହେଉଛି ମୁଖ୍ୟ ଧର୍ମ ଏବଂ ତାହାର ଧର୍ମଗ୍ରନ୍ଥମାନଙ୍କୁ ସମସ୍ତେ ପାଠକରି ଶିକ୍ଷାଲାଭ କରୁଥିଲେ। ମାତ୍ର ସମସ୍ତେ ମୁଖ୍ୟ ଭାବରେ ପରିଚାଳିତ ହେଉଥିଲେ ଗୁପ୍ତଶାସ୍ତ୍ରଗୁଡ଼ିକର ଫଳଦାୟିନୀ ଶକ୍ତି ଦ୍ୱାରା। ଏହି ଗୁପ୍ତଶାସ୍ତ୍ରଗୁଡ଼ିକର ମୁଖ୍ୟ ହେଲେ ଆଚାର୍ଯ୍ୟ ପଦ୍ମସମ୍ଭବ। ତାଙ୍କର ଧାର୍ମିକ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଥିଲା ସେ ଧାର୍ମିକ ଦ୍ରବ୍ୟମାନ, ଶାସ୍ତ୍ରସବୁ, ବିଭିନ୍ନ ଧାର୍ମିକ ସଂପଦ, ବିଭିନ୍ନ ଅଲୌକିକ ଔଷଧୀୟ ଦ୍ରବ୍ୟ ତଥା ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ରମାନ। ଏସବୁକୁ ସେ ତିବ୍ବତ, ଭାରତ ଓ ନେପାଳର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ନିରାପଦ ସ୍ଥାନରେ ଗୁପ୍ତଭାବେ ଭବିଷ୍ୟତରେ ଶିଷ୍ୟମାନଙ୍କ ଆବଶ୍ୟକତା ଓ ବ୍ୟବହାର ପାଇଁ ୟେଶେ ସୋଗ୍ୟାଲଙ୍କ ସହାୟତା ତଥା ଜ୍ଞାତସାରରେ ଲୁକ୍କାୟିତ ଭାବେ ସାଇତି ରଖୁଥିଲେ।

ପଦ୍ମସମ୍ଭବଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବାଣୀ, ଉପଦେଶ, ଶିକ୍ଷା ଓ ରହସ୍ୟମୟ ଗୁପ୍ତବିଦ୍ୟାସବୁ ଯାହା ୟେଶେଙ୍କୁ ଗୁରୁ କହୁଥିଲେ ବା ଅନ୍ୟଙ୍କୁ କହିବାର ଅଥବା ଶିକ୍ଷା ଦ୍ୱାରା ୟେଶେ ଜାଣୁଥିଲେ ସେସବୁକୁ ମଧ୍ୟ ଗୁପ୍ତ ଲିପି 'ଡାକିନୀ ଭାଷା'ରେ ଲିପିବଦ୍ଧ କରି ରଖୁଥିଲେ ଏବଂ ଏସବୁ ସହସ୍ର ସଂଖ୍ୟାରେ ପ୍ରସ୍ତୁତ କରି ଲୁକ୍କାୟିତ ଭାବେ ବିଭିନ୍ନ ସ୍ଥାନରେ ସାଇତି ରଖୁଥିଲେ ଅତ୍ୟନ୍ତ ନିରାପଦ ସ୍ଥାନମାନଙ୍କରେ। ୟେଶେଙ୍କର ଭାଇ ପାଲଗି, ଯେକି ଭାରତକୁ ଶିକ୍ଷା ଓ ତାଲିମ ପାଇଁ ତିବ୍ବତରୁ ପଦ୍ମସମ୍ଭବ ପଠାଇଥିବା ୧୦୮ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜଣେ ଥିଲେ, ଭାରତରୁ ଫେରିବା ପରେ ପଦ୍ମସମ୍ଭବ ତିବ୍ବତ ଓ ଅନ୍ୟ ଯେଉଁଆଡ଼େ ଯାଉଥିଲେ ତାଙ୍କ ସାଙ୍ଗରେ ଛାଇ ପରି ରହୁଥିଲେ। ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର 'ହୃଦୟର ସନ୍ତାନ' ଭାବେ ନିଜର ପରିଚୟ ହାସଲ କରିଥିଲେ। ଉଭୟ ୟେଶେ ଓ ପାଲ୍‌ଗି ଗୁରୁ ପଦ୍ମସମ୍ଭବଙ୍କର ସବୁଠାରୁ ନିଜର ଥିଲେ ଏବଂ ତାଙ୍କର ସମସ୍ତ ବିଷୟ ବୁଝିବା ସହ ସମସ୍ତ ଗୋପନ ରହସ୍ୟ ମଧ୍ୟ ଜାଣି ପାରିଥିଲେ।

(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସୃଷ୍ଟି ହେଲା ଲଘୁଚାପ, ଜାଣିପାରିଲାନି ଆଇଏମ୍‌ଡି

ଭୁବନେଶ୍ୱର, ୨୨।୮ (ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଲଘୁଚାପ ସୃଷ୍ଟି ହୋଇଥିବା ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହା ପ୍ରଭାବରେ ସନ୍ଧ୍ୟା ସାଢ଼େ ୫ଟାରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡମୁହାଁ ହେବ ବୋଲି କେନ୍ଦ୍ର କହିଛି।

ଅନ୍ୟପଟେ ଏହି ଲଘୁଚାପ ସୃଷ୍ଟି ହେବା ପରେ ଆଇଏମ୍‌ଡିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବିଭାଗ ପକ୍ଷରୁ ଏହି ଲଘୁଚାପ ସୃଷ୍ଟି ନେଇ କୌଣସି ସୂଚନା ଦିଆଯାଇନଥିଲା। ସାଧାରଣତଃ ବଙ୍ଗୋପସାଗର କିମ୍ବା ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କୌଣସି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିଲେ, ପ୍ରାୟ ୫ଦିନ ପୂର୍ବରୁ ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ ଓ ସତର୍କ ସୂଚନା ଜାରି ହୋଇଥାଏ। ଯେମିତିକି, ଆସନ୍ତା ୨୫ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ୨ ଦିନ ହେବ ବିଭାଗ ପକ୍ଷରୁ ପୂର୍ବ ସୂଚନା ଜାରି କରାଯାଉଛି। ମାତ୍ର ଶୁକ୍ରବାର ସନ୍ଧ୍ୟାରେ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି ଦିଲ୍ଲୀ, କିମ୍ବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରା ନଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟରେ ଗଲା ଦୁଇତିନି ଦିନ ହେବ ବର୍ଷା ଜାରି ରହିଛି। ଅନେକ ସ୍ଥାନରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ହେଉଛି। ହେଲେ ଏହା ଯେ ପ୍ରାକ୍-ଲଘୁଚାପଜନିତ ବର୍ଷା ତାହା ଆଇଏମ୍‌ଡି ଆକଳନ କରିବାରେ ଫେଲ୍ ମାରିଛି। ଗତ ୩୬ଘଣ୍ଟା ମଧ୍ୟରେ ଝାରସୁଗୁଡ଼ାରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୬୮ମିମି, ହୀରାକୁଦରେ ୧୦୭ମିମି, ବୌଦ୍ଧରେ ୫୫ମିମି, ରାଉରକେଲାରେ ୬୦ମିମି, ଦେବଗଡ଼ରେ ୪୫ମିମି, ବରଗଡ଼ରେ ୩୮ମିମି, ସୋନପୁରରେ ୫୦ମିମି ଓ ତାଳଚେରରେ ୩୧ ମିମି ବର୍ଷା ରେକର୍ଡ ହୋଇଛି।

## ସିଭିଲ ସର୍ଭିସ ମୁଖ୍ୟ ଲିଖିତ ପରୀକ୍ଷାରେ ୮୦୬ଜଣ କୃତକାର୍ଯ୍ୟ

କଟକ, ୨୨।୮ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷାରେ ମୋଟ ୮୦୬ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସସି ୱେବସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରମାଣପତ୍ର ଓ ଅନ୍ୟ ଦସ୍ତାବିଜ ଯାଞ୍ଚ ସହ ପର୍ସୋନାଲଟି ଟେଷ୍ଟ ପାଇଁ ଉପରୋକ୍ତ ପରୀକ୍ଷାର୍ଥୀମାନଙ୍କୁ ଓପିଏସସି ମୁଖ୍ୟ କାର୍ଯ୍ୟାଳୟକୁ ଡକାଯିବ। ଆସନ୍ତା ସେପ୍ଟେମ୍ବର ୬ରୁ ଏହି ପ୍ରକ୍ରିୟା ଆରମ୍ଭ ହେବ।

## ସେପ୍ଟେମ୍ବର ୧୦ରୁ ଭୁବନେଶ୍ୱର ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଭୁବନେଶ୍ୱର,୨୨।୮ (ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନ କରିବେ। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶୁକ୍ରବାର ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୯ ତାରିଖରେ ସଂପୃକ୍ତ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବା ସହ ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା କରାଯିବ।

**ସତ୍ୟପାଠ**
ଖୋର୍ଦ୍ଧାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତାରିଖ ୩୦/୦୬/୨୫ ରେ ଶପଥ ନେଇଥିବା ଏକ ସତ୍ୟପାଠ ନମ୍ବର-୨୦୦୩ ଅନୁଯାୟୀ, ମୁଁ ଅରୁଣ ସୁନ୍ଦରାୟ, ପିତା – ଭାସ୍କର ସୁନ୍ଦରାୟ, ସା/ପୋ-ଗଡମାଣିତିର, ଥାନା-ବେଗୁନିଆ, ପିନ୍-୭୫୨୦୬୨ ନିବାସୀ ଅଟେ। ମୋର ଆଧାର ନମ୍ବର-୬୩୮୦୩୯୬୬୬୧୧୪। ମୁଁ ମୋର ନାବାଳକ ଝିଅର ନାମ ଅନନ୍ୟା ସୁନ୍ଦରାୟ (ପୁରୁଣା ନାମ) ରୁ ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ପରିବର୍ତ୍ତନ କରି ଆଦ୍ୟାସ୍ମିତା ସୁନ୍ଦରାୟ (ନୂତନ ନାମ) ରଖିଛି। ତେଣୁ ଉଭୟ ନାମ ଆଦ୍ୟାସ୍ମିତା ସୁନ୍ଦରାୟ ଏବଂ ଅନନ୍ୟା ସୁନ୍ଦରାୟ ଜଣେ ଏବଂ ସମାନ ବ୍ୟକ୍ତି ଯିଏ ଭବିଷ୍ୟତର ସମସ୍ତ କାର୍ଯ୍ୟ ପାଇଁ ଆଦ୍ୟାସ୍ମିତା ସୁନ୍ଦରାୟ ନାମରେ ପରିଚିତ ହେବେ। **ଅରୁଣ ସୁନ୍ଦରାୟ**

**AFFIDAVIT**
I, Shahenaj Akhtar, W/o.: Sardar Saukat Alli, resident of Plot No71/7, Near Ranasinghpur MOO Bus Stop Jadupur, Po-Dumduma, Housing board colony, Bhubaneswar, Dist-Khorda, Odisha, Pin-751019, Aadhar Card Number - 861122780202, Declare by this Affidavit No. 284/2025, 21/08/2025 that onwards I shall be known as **Shahenaz Akhatar** for all future purpose.

**SALE**
MARUTI TOUR S, Model - 2023, Registration No-OD-34-S-0093, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days.

## ୨୯ ତାରିଖରେ ସରକାରୀ ଛୁଟି

ଭୁବନେଶ୍ୱର, ୨୨।୮ (ସମିସ): ଆସନ୍ତା ୨୯ ଅଗଷ୍ଟକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଚଳିତବର୍ଷ ୨୮ ତାରିଖ ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାର ପରଦିନ ଅର୍ଥାତ୍ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦିଓ ଛୁଟି ସମ୍ପର୍କରେ କୌଣସି ବିଶେଷ କାରଣ ଜଣାପଡ଼ିନାହିଁ, ମାତ୍ର ନୂଆଁଖାଇ ପରଦିନ ଦୂରଦୂରାନ୍ତରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯୋଗଦେବା ନେଇ ପଶ୍ଚିମ ଓଡ଼ିଶାବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସମ୍ଭବତଃ ୨୯କୁ ଛୁଟି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା, ୨୨।୮ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ବୀରସିଂ ହାଁସଦା (୬୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତା ନାବାଳିକାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଏହି ରାୟ ଶୁଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀଲଙ୍କାର ପୂର୍ବତନ...

ଭାବେ ଗିରଫ ହୋଇଛନ୍ତି। ତାଙ୍କୁ କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଛି। କିନ୍ତୁ ବିକ୍ରମସିଙ୍ଘେ ସବୁ ଅଭିଯୋଗକୁ ଭିତ୍ତିହୀନ ଓ ଅମୂଳକ ବୋଲି କହିଛନ୍ତି। ତାଙ୍କ ପତ୍ନୀ ନିଜ ଖର୍ଚ୍ଚରେ ଲଣ୍ଡନ ଗସ୍ତ କରିଥିଲେ ଓ ସେ ଏଥିପାଇଁ କୌଣସି ସରକାରୀ ଅର୍ଥର ଉପଯୋଗ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ୧୯୯୦ରୁ ଆରମ୍ଭ କରି ଏପର୍ଯ୍ୟନ୍ତ ରାନିଲ ୬ ଥର ଭିନ୍ନ ଭିନ୍ନ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଏହି ଅବସରରେ ସେ ୨୩ଥର ବିଦେଶ ଯାତ୍ରା କରିଛନ୍ତି। ଏଥିପାଇଁ ସରକାରୀ ପାଣ୍ଠିରୁ ଦୁଇ ମିଲିଅନ ଡଲାର ଅର୍ଥାତ ୧୭.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେ ୨୦୨୨ରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

### ସରକାର ବେଫିକର...

ପାଇଁ ଆହୁରି ସମସ୍ୟା ବଢ଼ାଇଛି। ସରକାର କର୍ମଚାରୀମାନଙ୍କୁ ଭୟଭୀତ କରାଇ ଛୁଟି ବାତିଲ କରିବା, ଦରମା ବନ୍ଦ କରିବା ଓ କାର୍ଯ୍ୟାନୁଷ୍ଠାନ ଭଳି ଚେତାବନୀ ଦେଇଛନ୍ତି। ଯାହା କର୍ମଚାରୀମାନଙ୍କୁ ଦାବି ପୂରଣ ଜିଦ୍‌ରେ ଆହୁରି ଅଟଳ କରିଛି। ରାଜସ୍ୱ ଅମଲା ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସରକାର ସଂଘକୁ ଧମକ ଦେବା ପରିବର୍ତ୍ତେ ଆଲୋଚନା ପାଇଁ ଡାକିବା ଉଚିତ। ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। ଯେଉଁମାନେ ସେବା ପାଉନାହାନ୍ତି ସେମାନେ ଲୋକ ଓ ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ମଧ୍ୟ ଲୋକ। ତେଣୁ ଘରର ମୁରବୀ ହିସାବରେ ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ସଂଘକୁ ଆଲୋଚନା ପାଇଁ ଡାକି ଏହାର ସମାଧାନ କରିବା ଉଚିତ। ଲୋକମାନେ ହଇରାଣ ହୁଅନ୍ତୁ, ଏହା ସଂଘ କେବେ ଚାହିଁନାହିଁ। ତେଣୁ ଲୋକଙ୍କୁ ସେବା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଆମ ହାତରେ କୌଣସି କ୍ଷମତା ନାହିଁ। ସରକାର ରାଜସ୍ୱ ଅମଲାମାନଙ୍କ ନ୍ୟାଯ୍ୟ ଦାବି ମାନି ନେଲେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଯିବ ବୋଲି ସେ କହିଛନ୍ତି।

ସୂଚନା ଥାଉକି ୧୦ ଦଫା ଦାବି ପୂରଣ ଲକ୍ଷ୍ୟରେ ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ପରେ ଜୁଲାଇ ୯ ତାରିଖ ଦିନ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସଂଘ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ଏକ ମାସ ବିତିଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କହିବା ସହ ଖୋଦ୍ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅମଲା ସଂଘକୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଏହାପରେ ସଂଘ ନିଜ ଜିଦ୍‌ରେ ଅଟଳ ରହିବା ସହ ୧୨ ଦିନ ହେବ ସମୂହ ଛୁଟି ଆନ୍ଦୋଳନକୁ ବଳବତ୍ତର ରଖିଛି।

### ବନ୍ଧ୍ୟାକରଣ କରି...

କୁକୁରଙ୍କୁ ସାର୍ବଜନୀନ ସ୍ଥାନରେ ଖାଇବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ମନା କରିଛନ୍ତି। ଏ ନେଇ ଅଲଗା ସ୍ଥାନ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଦିଲ୍ଲୀ ସମେତ ସାରା ଦେଶରେ କାର୍ଯ୍ୟକାରୀ ହେବ। କୁକୁରଙ୍କୁ ହଟାଇବା ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଆସିଥିବା ବ୍ୟକ୍ତି ଏବଂ ଏନ୍‌ଜିଓଙ୍କୁ ଯଥାକ୍ରମେ ୨୫ ହଜାର ଏବଂ ୨ ଲକ୍ଷ ଟଙ୍କା ଲେଖାଏଁ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହେ ଭିତରେ ଅର୍ଥ ଜମା କରିବାକୁ କହିଛନ୍ତି। ଯଦି ଏପରି ନ କରନ୍ତି ତେବେ ମାମଲା ଶୁଣାଣିରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ। ଗତ ୧୧ ତାରିଖର ନିର୍ଦ୍ଦେଶକୁ ବିରୋଧ କରି ଅନେକ କୁକୁର ପ୍ରେମୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ। ଏବେ ସବୁ କୋର୍ଟରେ ଦାଏର ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ବୁଲା କୁକୁରଙ୍କୁ ପୋଷ୍ୟ କରିବା ପାଇଁ କୁକୁର ପ୍ରେମୀ ପୌର ନିଗମ ନିକଟରେ ଆବେଦନ ଦାଏର କରିପାରିବେ। କିନ୍ତୁ ପୋଷ୍ୟ କରି କୁକୁରକୁ ବାହାରକୁ ଛାଡ଼ିପାରିବେ ନାହିଁ। ଜଷ୍ଟିସ ବିକ୍ରମନାଥ କହିଛନ୍ତି ଯେ ବୁଲା କୁକୁରଙ୍କୁ ନେଇ ଜାତୀୟସ୍ତରୀୟ ନୀତି ପ୍ରସ୍ତୁତ କରିବା ଜରୁରୀ। ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ୮ ସପ୍ତାହ ପରେ ଅକ୍ଟୋବରରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଆଧାର କାର୍ଡକୁ...

ଭର୍ତ୍ସନା କରିଛନ୍ତି। ଭୋଟରଙ୍କୁ ସହାୟତା କରିବା ପାଇଁ ଦଳଗୁଡିକ କ'ଣ କରିଛନ୍ତି ବୋଲି ପଚାରିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ରାଜନୈତିକ ଦଳଙ୍କ ନିଷ୍କ୍ରିୟତା ବିଚଳିତ କରିଦେଉଛି। ରାଜ୍ୟର ୧୨ ଦଳଙ୍କ ମଧ୍ୟରୁ ମାତ୍ର ତିନୋଟି କୋର୍ଟକୁ ଆସିଛନ୍ତି। ଦଳଗୁଡିକର ୧.୬ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟ (ବିଏଲଏ) ହେବା ସତ୍ତ୍ୱେ କେବଳ ଦୁଇଟି ଆପତ୍ତି ଆସିଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏତେ ବିଏଲଏ ନିଯୁକ୍ତି ସତ୍ତ୍ୱେ ସାଧାରଣ ନାଗରିକ ଏବଂ ରାଜନୈତିକ କର୍ମୀଙ୍କ ମଧ୍ୟରେ ଏତେ ଦୂରତା କାହିଁକି? ଲୋକଙ୍କୁ ସହାୟତା ପାଇଁ ଦଳଗୁଡିକ ଆଗକୁ ଆସିବା ଦରକାର ବୋଲି କୋର୍ଟ କହିଛନ୍ତି। ଶୁଣାଣି ସମୟରେ କୋର୍ଟ ଇସିଙ୍କୁ ଅନେକ ପ୍ରଶ୍ନ ପଚାରି ଥିଲେ। ରାଜ୍ୟର ୧୨ ମାନ୍ୟତା ପ୍ରାପ୍ତ ଦଳଙ୍କୁ ପକ୍ଷଭୂକ୍ତ କରିବାକୁ କହିଥିଲେ। ନାମ ହଟିଥିବା ଭୋଟରଙ୍କ ଆବେଦନ ଜମା କରିବା ପାଇଁ ବିଏଲଏଙ୍କୁ ରସିଦ ଦେବାକୁ କହିଥିଲେ।

### ନବୀନ ନିବାସରେ...

ସେ ଆଲୋଚନା କରିଛନ୍ତି। ଏହି ଅବସରରେ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ। ଗତ ଜୁନ୍ ମାସରେ ସର୍ଭିକାଲ ଆର୍ଥ୍ରାଇଟିସ ଅସ୍ତ୍ରୋପଚାର ପାଇଁ ନବୀନ ମୁମ୍ବାଇର କୋକିଳାବେନ୍ ହସପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରେମ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚିଥିଲେ ଓ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ନବୀନଙ୍କ ଚିକିତ୍ସା ପରେ ପ୍ରେମ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ରାଜ୍ୟବାସୀଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ କରାଇବା ସହିତ ନବୀନଙ୍କ ପ୍ରତି ରାଜ୍ୟବାସୀ ପ୍ରକଟ କରିଥିବା ଶ୍ରଦ୍ଧା ଓ ପ୍ରାର୍ଥନା ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏବେ ଡିହାଇଡ୍ରେସନ୍ ଜନିତ ଅସୁସ୍ଥତା ଖବର ପାଇ ପ୍ରେମ୍ ପଟ୍ଟନାୟକ ସାନଭାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଓଡ଼ିଶା ଆସିଥିବା କୁହାଯାଉଛି।

ସୁସ୍ଥ ହେବା ପରେ ନବୀନ ବର୍ତ୍ତମାନ ନବୀନ ନିବାସରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସେ ଡାକ୍ତରଖାନାରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଓ ବହୁ ବରିଷ୍ଠ ନେତାମାନେ ନବୀନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ୫ ବର୍ଷରେ...

ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେବା ସହ ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନ ପ୍ରାପ୍ତ ୭୩,୯୮୪.୮୮ କିଲୋମିଟର ରାସ୍ତା ମଧ୍ୟରୁ ୭୦,୭୧୧.୨୪ କିଲୋମିଟର ରାସ୍ତା ନିର୍ମାଣ କରି ଓଡ଼ିଶା ଭାରତ ବର୍ଷରେ ଚତୁର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ, ନକ୍ସଲ ପ୍ରଭାବିତ ଅଞ୍ଚଳମାନଙ୍କରେ ସଡ଼କ ଓ ସେତୁ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିଗୁଡ଼ିକର ସଂଯୋଗିକରଣ ପାଇଁ 'ପିଏମ୍ ଜନ ମନ ଯୋଜନା'ରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟବରାଦରେ ୫୦୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଯଥା-ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରିରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

### ବାରମ୍ବାର ମରାମତି...

ବରମୁଣ୍ଡା ପାର୍ଶ୍ୱକୁ ଆପ୍ରୋଚ୍ ରୋଡ୍ ମୋଟ୍ ୧.୨୩୦ କିମିର ରହିଛି। ଏହି ଫ୍ଲାଏଓଭର୍‌ରେ ୬୮ଟି ପିଲାର୍ ଓ ୬୬ଟି ସ୍ପାନ୍ ରହିଛି। ଏହି ସ୍ପାନ୍ ଗୁଡ଼ିକ ବାରମ୍ବାର ମରାମତି ଲୋଡୁଛି। ଏମିତିକି ଭାରୀଯାନ ଯିବା ଦ୍ୱାରା ବିପଦ ସୃଷ୍ଟି ହେଉଛି। ରାଜଧାନୀ ଦେଇ ଯାଇଥିବା ଏହି ଓଭରବ୍ରିଜ୍‌ଟି ପ୍ରତି ୨ରୁ ୩ ବର୍ଷରେ କାମ ମାଗୁଛି। ଫଳରେ ଯାତାୟାତ ବେଳେ ଦହଗଞ୍ଜ ହେଉଛନ୍ତି ରାଜଧାନୀବାସୀ। ଗତକାଲିଠାରୁ, ପୁଣିଥରେ ଫ୍ଲାଏଓଭର୍‌ର ଭୁବନେଶ୍ୱର-ଖୋର୍ଦ୍ଧା ପଟ ରାସ୍ତାକୁ ବନ୍ଦ କରାଯାଇ କାମ ଆରମ୍ଭ ହୋଇଛି। ଫଳରେ ଫ୍ଲାଏଓଭର୍ ତଳ ଖଣ୍ଡଗିରି ଟ୍ରାଫିକ୍ ଛକଠାରୁ କସ୍ମୋପଲିସ୍ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ହେଉଛି। ଟ୍ରକ୍, ବସ୍‌ଠାରୁ ସମସ୍ତ ଭାରୀଯାନ ଓ ସହରର ଗାଡ଼ିଗୁଡ଼ିକ ଏହି ବାଟ ଦେଇ ଯାଉଥିବାରୁ ଏହି ରାସ୍ତା ସବୁବେଳେ ଜାମ୍ ରହୁଛି। ଭୁଲବାଦ ଦେଇ ଆସୁଥିବା ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଟ୍ରାଫିକ୍ ପୁଲିସର ଅସଫଳତା ଯୋଗୁଁ ପରିସ୍ଥିତି ଅଧିକ ଖରାପ ହୋଇଛି। କସ୍ମୋପଲିସ୍, ଡୁମୁଡୁମା ଓ ଯଦୁପୁର ଆଦି ଅଞ୍ଚଳରୁ ଆସୁଥିବା ଦୁଇଚକିଆ ଓ ଚାରିଚକିଆ ଗାଡ଼ିଗୁଡ଼ିକ ଏହି ବାଟ ଦେଇ ରଙ୍ଗରୁଟ୍‌ରେ ଯାତାୟାତ କରୁଥିବାରୁ ଏହି ରାସ୍ତା ମରଣଯନ୍ତା ପାଲଟି ଯାଇଛି। ଫ୍ଲାଏଓଭର୍ ତଳ ଗଳା ବାଟ ଦେଇ ବାଇକ୍ ଓ ଚାରିଚକିଆ ରାସ୍ତା ପାର୍ ହେଉଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଯାଇଛି। ଅନ୍ୟପକ୍ଷରେ ଏହି ଫ୍ଲାଏଓଭର ମରାମତି ସମ୍ପର୍କରେ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦେଇଥିବା ମନ୍ତବ୍ୟ ଭିନ୍ନ ଦିଗକୁ ଇଙ୍ଗିତ କରିଛି। ଆଗାମୀ ଦିନରେ ବଡ଼ ବିପଦକୁ ଏଡ଼ାଇବା ପାଇଁ ଏବେ ମରାମତି କରାଯାଉଛି ବୋଲି ଏନ୍‌ଏଚ୍‌ଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯାହାର ଅର୍ଥ ଏହି ଫ୍ଲାଏଓଭର କାମ ଠିକ୍ ଭାବରେ ହୋଇ ନ ଥିବା ପ୍ରମାଣିତ କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

**PRAKASH CHANDRA MAHAPATRA HIGHER SECONDARY SCHOOL**
SURADA-761108, GANJAM, ODISHA
**JOB RECRUITMENT**
Applications from desirous candidates with full Bio-Data and Xerox copies of certificates, having requisite qualification for the following posts with a Bank Draft of Rs. 200/- (Two Hundred only) in favour of Principal, PCM Women's H.S School, Surada (GM.) Payable at SBI, Surada. From 25.08.2025 to 01.09.2025 through Speed Post/Regd. Post / By Hand to office address. This post is purely contractual in nature and age must be as per govt. rule.
**1. Lecturer in Odia (One Post)** - (Having minimum qualification 55% at PG level).
**N.B – Shortlisted candidates will call for interview on Dtd. 03.09.2025**
Sd/- Principal Cum Secretary
PCM W.H.S.S Surada Gm.

C-953
Phone: 0674 - 2431253
Fax : 0674 – 2432895
E_mail : info@bmc.gov.in
Web : bmc.gov.in
**BHUBANESWAR MUNICIPAL CORPORATION**
No. 41548/Date 21.08.2025
ଭୁବନେଶ୍ୱର ମହାନଗର ନିଗମର ପକ୍ଷରୁ ସାଧାରଣ ସୂଚନା
ଭୁବନେଶ୍ୱର ମହାନଗର ନିଗମ ତରଫରୁ ଏତଦ ଦ୍ୱାରା ଜଣାଇ ଦିଆ ଯାଉଛି ଯେ; ଇଚ୍ଛୁକ ସ୍ୱୟଂସହାୟକ ଗୋଷ୍ଠୀ (SHG), ରେସିଡେଣ୍ଟ ୱେଲଫେଆର ଆସୋସିଏସନ୍ (RWA) ଓ ବେସରକାରି ସେବା ସଂସ୍ଥା (NGO) ମାନେ ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗରୁ ବିନା ମୂଲ୍ୟରେ ଚାରା ସଂଗ୍ରହ କରିବା ସହ ଖାଲି ଥିବା ଉପଯୁକ୍ତ ସ୍ଥାନରେ ବୃକ୍ଷ ରୋପଣ କରି ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରିବା ପାଇଁ ନିବେଦନ କରାଗଲା। ଏହି ପଦକ୍ଷେପରେ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ, ସହରବାସୀଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ହିତକର ପରିବେଶ ସୃଷ୍ଟି ହେବ। ଏହା ସହରରେ ପ୍ରଦୂଷଣ ନିୟନ୍ତ୍ରଣ ଓ ସ୍ୱଚ୍ଛ-ସୁସ୍ଥ ପରିବେଶ ସୃଷ୍ଟିରେ ସହାୟକ ହେବ। ତେଣୁ ସମସ୍ତଙ୍କୁ ଏହି ଉଦ୍ୟମରେ ସକ୍ରିୟ ଭାଗ ନେବାକୁ ଓ ବୃକ୍ଷ ରୋପଣ ସହ ତାହାର ରକ୍ଷଣାବେକ୍ଷଣରେ ଆଗକୁ ଆସିବାକୁ ଆହ୍ୱାନ କରାଯାଉଅଛି।
ଉପ ଆୟୁକ୍ତ (ପରିବେଶ)
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0243/2526

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID** C-951
No. 10222 Dated 21/08/2025
Bid Identification No.: MC/RMC/33/2025
The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/33/2025 for 15 nos. Civil work with value of Rs. 2.49 lakh to 42.72 lakh.
1. Bid documents will be available in website www.tendersorissa.gov.in from 22.08.2025.
2. Bids must be submitted on "online" on or before 06.09.2025 by 17.00 hours.
3. Bids shall be opened at 11.00 hours on 08.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**
Municipal Commissioner,
Rourkela Municipal Corporation
OIPR-13131/11/0162/2526

**AFFIDAVIT**
By virtue of an affidavit no-1124 dtd 19.08.2025 sworn before The Executive Magistrate, Bolgarh, I, Kailash Chandra Maharana, S/o-Trinath Maharana, R/O At- Dalai Sahi, Post- Manikagoda, P.S.- Bolgarh, Dist- Khordha, PIN-752066, Odisha, declare that I have changed my name from Kailas Moharana to Kailash Chandra Maharana. Henceforth, I shall be known as **Kailash Chandra Maharana** for all purposes.

**AFFIDAVIT**
By virtue of an affidavit sworn before Notary Public Titilagarh, dated 14.08.2025 I, Sabita Bhue , Address At/Po-Bagmunda, Ps- Larambha, Dist- Balangir, Odisha, Pin-767025 declare that I have changed my name from Sabita Nag to Sabita Bhue. Henceforth, I shall be known as Sabita Bhue for all purposes.
**Sabita Bhue**

**AFFIDAVIT**
By virtue of an Affidavit before Notary Public, Malkangiri, I, **Mudha Kabasi,** aged about 70 years, S/o.: Late Deba Kabasi, resident of Village: Rauliguda, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1314/2025, Dated:21/08/2025 that I have changed my name from Kabasi Muda to **Mudha Kabasi**. Henceforth I shall be known as "**Mudha Kabasi**" for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.: ELOP-T-10-2025
**କାର୍ଯ୍ୟର ନାମ :** ପାଞ୍ଚ ବର୍ଷ ଅବଧି ନିମନ୍ତେ MEMU କାର୍ ସେଡ୍, ଖୋର୍ଦ୍ଧା ରୋଡ୍ ଠାରେ HYT/ପୁନେ ନିର୍ମିତ CNC ଅଣ୍ଡର ଫ୍ଲୋର ପିଟ୍ ହ୍ୱିଲ୍ ଲେଦ୍ (Lathe) ମେସିନ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**ବିଜ୍ଞାପିତ ମୂଲ୍ୟ :** ₹ 1,35,70,178/-, EMD : ₹ 2,17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 60 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.25.08.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.09.2025ରିଖ 1600 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-504/Q/25-26

**AFFIDAVIT**
By virtue of an affidavit before The Notary Public, Titilagarh, on dated- 19/08/2025. I, **Kamadhari Bagartti** (new name) formerly called as **Kanadhari Bagartti** (old name), S/o Bhagaban Bagartti, Permanent resident of At- Naren, P.O. Naren, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Kanadhari Bagartti** (old name) to **Kamadhari Bagartti** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kamadhari Bagartti** (new name).
**Kamadhari Bagartti**

**AFFIDAVIT**
By virtue of an affidavit before The Notary Public, Titilagarh, on dated- 18/08/2025. I, **Keshab Ratei** (Applicant name), S/O- Jogi Ratei, Permanent resident of At- Burdipada (Bandupala), P.O. Desil, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Ispari Ratei** (old name) to **Iswari Ratei** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Iswari Ratei** (new name).
**Keshab Ratei**

**AFFIDAVIT**
I, SK Muktar Ali, aged about 58 years, S/o- Shaikh Khurshid Ali, resident of At- Biritol, PO- Rasulpur, Dist- Jagatsinghpur, PIN- 754104, Odisha declared by this affidavit No. 1672, dtd- 19/08/2025 that now onwards I shall be known as **SHAIKH MUKHTAR ALI** for all future purposes.

**AFFIDAVIT**
I, Subhashree Nayak, aged about 32 years, W/o- Dilip Kumar Nayak, resident of At- Rout Sahi, PO- Budheswar Colony, PS- Laxmisagar, Bhubaneswar, Dist- Khurda, PIN- 751006, Odisha declared by this affidavit No. 1671, dtd- 19/08/2025 that now onwards I shall be known as **SUBHASHREE MOHANTY** for all future purposes.

**AFFIDAVIT**
By virtue of an affidavit (CF No. 05) sworn before The Notary Public, Padampur, on dated- 18/08/2025. I, **Tejash Sahu,** S/o- Dillip Sahu, permanent & current resident of At- Padampur (Bijayanagar), PO- Rajborasambar, PS- Padampur, DIst- Bargarh, PIN- 768036, Odisha declare that I have changed my name from **Sonu Sahu** (old name) to **Tejash Sahu** (new name). Henceforth, I shall be known as **Tejash Sahu** (new name) for all future purposes.
**Tejash Sahu**

**AFFIDAVIT**
By virtue of an affidavit (CF No. 01) sworn before The Executive Magistrate, Padampur, on dated- 22/08/2025. I, **Tapa Barik,** W/o- Ballabh Barik, permanent & current resident of At- Ghesara, PO- Saplahar, PS- Jagadalpur, Dist- Bargarh, PIN- 768036, Odisha declare that I have changed my name from **Ballav Barik** (old name) to **Tapa Barik** (new name). Henceforth, I shall be known as **Tapa Barik** (new name) for all future purposes.
**Tapa Barik**

**AFFIDAVIT**
I, Alok Kumar Pachisia, S/o-Bal Krishna Pachisia, At -Godavari enclave, Biju Patnaik Chhak, Opposite Sarala Bhawan, PO -Tulasipur, Dist -Cuttack, Pin - 753008, Odisha, declare by this affidavit No -7322, dated- 20.02.2016, that now onwards I shall be known as **ALOK PACHISIA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Pattamundai on dtd- 20/08/2025, affidavit No-11. My name and address is **Manoj Das** (Age 36 year), S/o- Tukuna Das, resident of At/Po: Gopalpur, Ps: Bhadreswar, Dist: Cuttack, Odisha the same name and adress is recorded in my Aadhar Card & Central Bank of India passbook A/c No: 3526613204 but my name and adress has been wrongly recorded as **Manoj Kumar Das**, At-Gangarampur, Po- Gunupur via-Jaria, Ps-Pattamundai, Dist- Kendrapada in my Postal SB Passbook A/c No: 6274871229. I declare that my self **Manoj Das,** At/Po-Gopalpur, PS- Bhadreswar, Dist-Cuttack and **Manoj Kumar Das,** At-Gangarampur, Po-Gunupur, Ps-Pattamundai, Dist-Kendrapada is one and same person for all purposes.





# ବିରାଜିବେ ଗଜାନନ; ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ଭୁବନେଶ୍ୱର, ୨୨।୮ (ସମିସ): ସଜେଇ ହେଲାଣି ରାଜଧାନୀ। ପୂଜା ମଣ୍ଡପଗୁଡ଼ିକରେ ସାଜସଜ୍ଜା ପ୍ରାୟତଃ ଶେଷ ପର୍ଯ୍ୟାୟରେ। ଆରମ୍ଭ ହେବ ପାର୍ବଣ ଋତୁ। ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜାକୁ ଆଉ ବାକି ରହିଲା ଦିନ କେଇଟା। ଏନେଇ କ୍ଲବ୍‌ଠାରୁ ଆରମ୍ଭ କରି ସ୍କୁଲ କଲେଜ ଓ ଅନୁଷ୍ଠାନମାନଙ୍କରେ ଦେଖିବାକୁ ମିଳିଛି ପ୍ରସ୍ତୁତି। କେଉଁଠି ଆକର୍ଷଣୀୟ ଆଲୋକମାଳା ତ ଆଉକଉଠି ମୂର୍ତ୍ତିର ଉଚ୍ଚତାକୁ ନେଇ ଆରମ୍ଭ ହୋଇଯାଇଛି ଏକ ପ୍ରକାରର ପ୍ରତିଯୋଗିତା। ସେହିପରି କିଛି ଅନୁଷ୍ଠାନ ପକ୍ଷରୁ ଅଧିକ ଆକର୍ଷଣୀୟ କରିବାକୁ ଭିନ୍ନ ଭିନ୍ନ ଥିମ୍‌ରେ ପ୍ରସ୍ତୁତି ଚାଲିଛି।

### ତିନିମୁଣ୍ଡିଆ ଛକରେ ୪୫ ଫୁଟ୍‌ର ଗଣେଶ

ପୁରୁଣା ଭୁବନେଶ୍ୱରସ୍ଥିତ ତିନିମୁଣ୍ଡିଆ ଛକରେ ଏଥର ଦର୍ଶନ ଦେବେ ମୁମ୍ବାଇ ଶୈଳୀର ଗଣେଶ। ଯେଉଁଠି ମୂର୍ତ୍ତିର ଉଚ୍ଚତା ୪୫ ଫୁଟ୍ ଥିବାବେଳେ ତୋରଣର ଉଚ୍ଚତା ୫୦ ଫୁଟ ଏବଂ ୪୦ ଫୁଟ୍‌ର ଲାଇଟ ଗେଟ ରହିଛି। ଏହି ଆୟୋଜନ ତରଙ୍ଗ କ୍ଲବ ପକ୍ଷରୁ କରାଯାଉଛି। ୮ ଫୁଟ୍‌ର ଗରୁଡ଼ ବାହାନ ଉପରେ ୪୫ ଫୁଟ୍‌ର ଏହି ବିଶାଳ ମୂର୍ତ୍ତିକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଚଳିତ ବର୍ଷ ପ୍ରଭୁଙ୍କର ଆକାର ଓ ଆକର୍ଷଣ ସମ୍ପୂର୍ଣ୍ଣ ଭାବେ ମୁମ୍ବାଇ ଭଳି ରଖାଯାଇଛି। ପୂଜା ପଣ୍ଡା ସାହିଠାରୁ ଗୋସାଗରେଶ୍ୱର ଛକ ଯାଏଁ ଆଲୋକମାଳାରେ ସଜାଯିବ। ଏହି ମୂର୍ତ୍ତିକୁ ନିର୍ମାଣ କରିବା ପାଇଁ ୧୦ ଜଣ କାରିଗର ନିୟୋଜିତ ହୋଇଛନ୍ତି। ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ପାଇଁ ମୋଟ ପୂଜା ବ୍ୟୟ ଅଟକଳ ୧୫ ଲକ୍ଷ ଟଙ୍କା ରହିଛି। ପୂଜା ଦିନଠୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ପ୍ରଭୁ ମଣ୍ଡପରେ ବିଜେ କରିବେ। ଏହି ଅବସରରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ଏଥିସହିତ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଥିବାବେଳେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ପ୍ରଭୁଙ୍କ ଭସାଣି ଦିନ ୧୦୮ ଗରା ଦୁଗ୍ଧ ଅଭିଷେକ ସାଙ୍ଗକୁ ମହାଆଳତି କରାଯାଇ ପ୍ରଭୁଙ୍କୁ ବିସର୍ଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଏହି ଅନୁଷ୍ଠାନ ୧୯୯୨ ମସିହାରୁ ଗଣେଶ ପୂଜା କରିଆସୁଛି। ଗତ ଦୁଇବର୍ଷ ହେବ ମୂର୍ତ୍ତି ମୁମ୍ବାଇ ଢାଞ୍ଚାରେ ନିର୍ମାଣ କରାଯାଉଛି। ଏନେଇ ଅନୁଷ୍ଠାନର ସମ୍ପାଦକ ଦାଶରଥୀ ଗରାବଡୁ କୁହନ୍ତି, ମହାରାଷ୍ଟ୍ରରେ ବଡ଼ ଆକାରର ଗଣେଶଙ୍କୁ ଦେଖିବାକୁ ଓଡ଼ିଶାରୁ ଅନେକ ଭକ୍ତ ସେଟାକୁ ଯାଇଥାନ୍ତି। ତେଣୁ ଆମେ ସେହିଭଳି ଗଣେଶଙ୍କୁ ଏଠାକୁ ନେଇ ଆସିଛୁ।



### ୟୁନିଟ - ୧ରେ ରାମ ଅବତାରରେ ଗଣେଶ

**ପୂଜା ପାଇବେ ୧୬ ଫୁଟ୍‌ର ହନୁମାନ**

ଚଳିତ ବର୍ଷ ୟୁନିଟ - ୧ ପତିତପାବନ ଯୁବ ପରିଷଦ ପକ୍ଷରୁ ଗଣେଶ ମହୋତ୍ସବ ଆୟୋଜିତ ହେଉଛି। ଚଳିତ ବର୍ଷ ୩୨ ତମ ପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ଶ୍ରୀ ରାମଙ୍କ ବେଶରେ ଗଣେଶଙ୍କ ଦର୍ଶନ ସହ ସମାନ ଉଚ୍ଚତା ବିଶିଷ୍ଟ ହନୁମାନଙ୍କୁ ମଧ୍ୟ ପୂଜା କରାଯିବ। ଉଭୟ ମୂର୍ତ୍ତିର ଉଚ୍ଚତା ୧୬ ଫୁଟ୍ ଥିବାବେଳେ ତିନିଟି ତୋରଣ ଏବଂ ଗୋଟିଏ ମୁଖ୍ୟ ତୋରଣ ଯାହାର ଉଚ୍ଚତା ୨୨ ଫୁଟ୍ ରହିଛି। ପୂଜାଠୁ ୧୧ ଦିନ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ବୃକ୍ଷରୋପଣ, ଛୋଟ ପିଲାଙ୍କୁ ଖାତା ବଣ୍ଟନ କାର୍ଯ୍ୟକ୍ରମ, ପ୍ରବଚନ ଏବଂ ଭଜନ ପରିବେଷଣ ଆଦି କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପାଖାପାଖି ଅଢେଇ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା କହିଛନ୍ତି ଅନୁଷ୍ଠାନର ସଭାପତି ଆକାଶ ପଟ୍ଟନାୟକ। ମୂର୍ତ୍ତି ଗଢା କାର୍ଯ୍ୟ ପାଇଁ ରାୟପୁରରୁ କାରିଗର ଆସି ଗୋଟେ ମାସ ହେବ କାର୍ଯ୍ୟରେ ଲାଗିଛନ୍ତି।

## ଥାନା ଆଗରେ ମାର୍‌ପିଟ୍



ଭୁବନେଶ୍ୱର, ୨୩।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଆଗରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନା ଆଗରେ ଖୋଦ ପୁଲିସ ଏବଂ ପିସିଆର୍ ଭ୍ୟାନ୍ ନିକଟରେ ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ୧୫ ମିନିଟ୍ କାଳ ଏଭଳି ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ପୁଲିସ କିଛି କରିପାରି ନ ଥିଲା। ନିକଟରେ ଏକ ପିସିଆର୍ ଭ୍ୟାନ୍ ଅତିକ୍ରମ କରିଥିଲେ ମଧ୍ୟ ଉଭୟ ଗୋଷ୍ଠୀ ଖାତିର ନ କରି ମାର୍‌ପିଟ୍ କରୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ କୌଣସି କାରଣରୁ ଥାର୍ ଗାଡିରେ ଆସିଥିବା ଗୋଟିଏ ଗୋଷ୍ଠୀ ଓ ଅନ୍ୟ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଶେଷରେ ପରିସ୍ଥିତି ଅଣାୟତ୍ତ ହେବା ବେଳକୁ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଗଣ୍ଡଗୋଳ କରୁଥିବା କିଛି ଯୁବକଙ୍କୁ ଥାନାରେ ଅଟକ ରଖିଛି। କିଏ କାହିଁକି ଏବଂ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ନେଇ ପୁଲିସ ଉଭୟ ଗୋଷ୍ଠୀକୁ ପଚରାଉଚରା କରୁଛି।

## ୧୩ ଲକ୍ଷର ବ୍ରାଉନ୍‌ସୁଗର ଜବତ

ଭୁବନେଶ୍ୱର, ୨୨।୮ (ସମିସ): ଅଟୋରେ ବୁଲି ବୁଲି ବ୍ରାଉନସୁଗର ବିକ୍ରି କରୁଥିବା ଚାଳକକୁ ଗିରଫ କରିଛି ଅବକାରୀ ରେଞ୍ଜ ୨। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ଅଞ୍ଚଳର ମନୋଜ କୁମାର ସେଠୀ (୪୮)। ପୁଲିସ ସୂଚନା ଅନୁସାରେ, ଜଣେ ଅଟୋ ଚାଳକ ରାଜଧାନୀ ସାରା ବୁଲି ବୁଲି ବ୍ରାଉନସୁଗର ବିକ୍ରି କରୁଥିବା ନେଇ ଅବକାରୀ ଥାନାକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ତା'କୁ ଧରିବା ପାଇଁ ପିଛା କରିଥିଲେ। ଏକାମ୍ର ପାର୍କ ପଟରୁ ପିଛା କରି ଆସି ସିଆରପି ଛକରେ ଅଟୋକୁ ଜବତ କରିଥିଲା। ଯାଞ୍ଚ ସମୟରେ ମନୋଜ ନିକଟରୁ ୧୨୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିଲା। ଏନେଇ ଅବକାରୀ ରେଞ୍ଜ ୨ ଏକ ମାମଲା ରୁଜୁ କରି ମନୋଜକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ପୁଲିସ କହିଛି।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା



ବାଲିଅନ୍ତା, ୨୨।୮ (ସମିସ): ବାଲିଅନ୍ତା ବ୍ଲକ ଓ ବାଲିଅନ୍ତା ପଞ୍ଚାୟତ ଅନ୍ତର୍ଗତ ତିରଣପଦା ଗ୍ରାମର ନଗେନ ଦାସ ଏବଂ ଘରର ସମସ୍ତ ସାମଗ୍ରୀ ପୋଡ଼ି ଯାଇଛି। ସେମାନେ ବେସାହାର ଓ ବେଘର ହୋଇଯାଇଛନ୍ତି। ଘରେ ତାଙ୍କର ୮୦ବର୍ଷର ବୃଦ୍ଧା ମାଆ, ପୁଅ, ଝିଅ ଅଛନ୍ତି। ସେମାନଙ୍କୁ ସେ ଦୁଃଖରୁ ବାହାର କରିବା ପାଇଁ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ ସେଣ୍ଟର୍ (ପିକକ) ପକ୍ଷରୁ ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପିକକ୍ କର୍ମଚାରୀ ବିଭିନ୍ନ ରୋଷେଇ ସାମଗ୍ରୀ ଯଥା - ବଡ଼ ହାଣ୍ଡି, ଛୋଟ ହାଣ୍ଡି, କଡ଼େଇ, ଡିବ୍ବି, ତାୱା, ବାଲ୍ଟି, ପିଠା ଖଡ଼ିକା, ଚାମଚ୍, ଡଙ୍କି, ଗ୍ଲାସ୍, ତାଟିଆ, ଥାଳିଆ, କଂସା, ଟ୍ରେ, ରୁଟି ସେକା, ପନିକି, ସପ, ମଗ, ମସୁରୀ, ବେଡସିଟ, ଚୁଡା, ଗୁଡ, ବିସ୍କୁଟ ଇତ୍ୟାଦି ଯୋଗାଇ ଦେଇଛନ୍ତି। ପିକକ୍ ବ୍ଲକ ସଂଯୋଜିକା ଉପମା ମହାନ୍ତି ଓ ଆଲ୍ପନା ଦାସ ପରିଚାଳନା କରିଥିଲେ।

## ବୃହତ୍ତର ଭୁବନେଶ୍ୱରକୁ ଦୃଷ୍ଟିରେ ରଖି ଡ୍ରେନେଜ୍ ମାଷ୍ଟରପ୍ଲାନ

**କମିସନରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ**

ଭୁବନେଶ୍ୱର, ୨୨।୮ (ସମିସ): ଭୁବନେଶ୍ୱରରେ ଡ୍ରେନେଜ ମାଷ୍ଟର ପ୍ଲାନ ସମ୍ବନ୍ଧୀୟ ଏବଂ ଷ୍ଟର୍ମ ୱାଟର ମ୍ୟାନେଜମେଣ୍ଟକୁ ନେଇ ଏକ ସମୀକ୍ଷା ବୈଠକ ବିଏମ୍‌ସିରେ ଅନୁଷ୍ଠିତ ହୋଇଯାଇଛି। ୨୦୫୦କୁ ଦୃଷ୍ଟିରେ ରଖି ସହରର ବିକାଶ ଅନୁଯାୟୀ ବୃହତ୍ତର ଡ୍ରେନେଜ ମାଷ୍ଟରପ୍ଲାନର ସର୍ଭେ କରାଯାଉଛି। ବୃହତ୍ତର ଭୁବନେଶ୍ୱର କଳେବରକୁ ଦୃଷ୍ଟିରେ ରଖି କରାଯାଉଥିବା ଡ୍ରେନେଜ୍ ମାଷ୍ଟର ପ୍ଲାନକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ ଏବଂ ଏହା ସାଙ୍ଗକୁ ରୋଡ ନେଟଓ୍ୱାର୍କ, ଫ୍ୟାସିଲିଟି ନେଟୱର୍କ, ୟୁଟିଲିଟି ନେଟୱାର୍କ, ଜବରଦଖଲ ଓ ଜଳବନ୍ଦୀ ସମସ୍ୟା ଇତ୍ୟାଦିର ଯଥାଯଥ ଚିହ୍ନଟ ପାଇଁ ଜେଏସ୍ ମ୍ୟାପିଂ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ତେବେ ପରବର୍ତ୍ତୀ ଉପଯୋଗ ପାଇଁ ଏହି ତଥ୍ୟକୁ ଭୁବନେଶ୍ୱର-୧ରେ ସିଟିଜେନ ପୋର୍ଟାଲରେ ସାର୍ବଜନୀନ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଛି। ଯାହାଦ୍ୱାରା ତଥ୍ୟର ବିବିଧ ଉପଯୋଗ ହୋଇପାରିବ। ଯୋଜନାର ଦୀର୍ଘ ମିଆଦି ଓ ସ୍ୱଳ୍ପ ମିଆଦି କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ଯୋଜନାର ରୂପାୟନ କରାଯିବ। କମିସନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୁର୍କୀ ଆଇଆଇଟିର ପ୍ରଫେସର ଡିଏସ୍ ଆର୍ଯ୍ୟ, ସିଟି ଇଂଜିନିୟର ବିଳାସ କୁମାର ବେହେରା, ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁଙ୍କ ସମେତ ସ୍ମାର୍ଟ ସିଟି, ବିଡିଏ, ଆଇଏମ୍‌ଡି, ଓସଡମା, ଜଳ ସମ୍ପଦ ବିଭାଗ, ରାଜସ୍ୱ ବିଭାଗ ଓ ଇଡକୋ ସମେତ ଅନ୍ୟାନ୍ୟ ଇଂଜିନିୟର ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଲିଙ୍ଗିପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟିଂ

ଧଉଳି, ୨୨।୮ (ସମିସ): ଭୁବନେଶ୍ୱର ବ୍ଲକ ଲିଙ୍ଗିପୁର ପଞ୍ଚାୟତରେ ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନଙ୍କ ବିରୋଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଘଟଣାରେ ପଞ୍ଚାୟତ କାର୍ଯ୍ୟାଳୟରେ ମତଦାନ ହୋଇଥିଲା। ଜୋନ -୨ ଏସିପି କୃଷ୍ଣଚନ୍ଦ୍ର ପଲେଇ, ଧଉଳି ଥାନା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ସମେତ ଏକ ପ୍ଲାଟୁନ ପୁଲିସ ମୁତୟନ କରାଯାଇଥିଲା। ଭୁବନେଶ୍ୱର ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଏବଂ ବାଲିଅନ୍ତା/ବାଲିପାଟଣା ତହସିଲଦାର କଳ୍ପନା ଦାଶଙ୍କ ଉପସ୍ଥିତିରେ ମତଦାନ ହୋଇଥିଲା। ଏହି ପଞ୍ଚାୟତରେ ୧୩ ଗୋଟି ୱାର୍ଡ ଥିବାବେଳେ ଗୋଟିଏ ୱାର୍ଡ ସଭ୍ୟଙ୍କ ଦେହାନ୍ତ ହୋଇଛି। ୧୨ ଜଣ ମଧ୍ୟରୁ ପୂର୍ବାହ୍ନ ପ୍ରାୟ ୧୧ ଟାରେ ୯ ଜଣ ୱାର୍ଡ ସଭ୍ୟ/ସଭ୍ୟା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଅସ୍ଥାୟୀ ମତଦାନ କେନ୍ଦ୍ରରେ ମତଦାନ କରିଥିଲେ। ପ୍ରକାଶଥାଉକି ଗତ ଜୁନ ମାସରେ ଏହି ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା ମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ।

## ବାଲିପାଟଣାରେ ନିଶାମୁକ୍ତ ଭାରତ ଅଭିଯାନ



ବାଲିପାଟଣା, ୨୨।୮ (ସମିସ) : ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ କୁରୁଞ୍ଜିପୁର ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ 'ନିଶାମୁକ୍ତ ଭାରତ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି'। କୁରୁଞ୍ଜିପୁର ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରାଜ୍ୟ ମାନବାଧିକାର ଫୋରମ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡଃ ପ୍ରଭାତ କୁମାର ରଥ ଯୋଗଦେଇ ନିଶା ସେବନର କୁପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମାନବାଧିକାର ଫୋରମର ସଭାପତି ତଥା ସାମ୍ବାଦିକ ଅରୁଣ କୁମାର ଶତପଥୀ, ବାଲିପାଟଣା ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ରାଉତ୍, କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ, ବନମାଳୀପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଅର୍ଣ୍ଣବ କୁମାର ବେଉରା, ସିଆରସିସି ଲକ୍ଷ୍ମୀପ୍ରିୟା ବେହେରା, ସ୍ଥାନୀୟ ସରପଞ୍ଚ ବିନୋଦିନୀ ମଲ୍ଲିକ, ଏବିଇଓ ବିଜୟ କୁମାର ବେହେରା, ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ମହାନ୍ତି ଯୋଗଦେଇ ସଚେତନ କରାଇଥିଲେ। ଏହିକ୍ରମରେ ୩ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୟୁସିସିଆଇଏଲ ଲେଡିଜ ଫୋରମ୍ ପକ୍ଷରୁ ଚାରାରୋପଣ



ଭୁବନେଶ୍ୱର, ୨୨।୮ (ସମିସ): ପରିବେଶକୁ ସବୁଜ ସୁନ୍ଦର କରିବା ତଥା ଏହାର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୟୁସିସିଆଇଏଲ ଲେଡିଜ ଫୋରମ୍ ପକ୍ଷରୁ ଗୁରୁବାର ଖଣ୍ଡଗିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସଏନ ମହାନ୍ତି ଗ୍ରୁପ୍‌ର ଆର୍ଥିକ ସହାୟତାରେ ଲେଡିଜ ଫୋରମ୍ ପକ୍ଷରୁ ବିଦ୍ୟାମନ୍ଦିରକୁ ୭୫ ଇଞ୍ଚର ଏକ ସ୍ମାର୍ଟ ବୋର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୟୁସିସିଆଇଏଲ ର ସଭାପତି ଡ. ପ୍ରବୋଧ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍ମାର୍ଟ ବୋର୍ଡ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, ପରିଚାଳନା କମିଟିର ସଭାପତି ଶ୍ରୀନିବାସ ମାନସିଂହ, ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଜାତୀୟ ଅଭିଲେଖାଗାରରେ ଆଲୋଚନାଚକ୍ର

ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ୧୭ ତମ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ପୂର୍ବତନ ମୁଖ୍ୟ ତଥା ଲେଖକ, ଗବେଷକ ପ୍ରଫେସର ସଙ୍ଘମିତ୍ରା ମିଶ୍ର 'ଭୁଲିଯାଇଥିବା ଜାତୀୟତାବାଦୀ - ସୁରତ ଅଲ୍ଲି' ଉପରେ ବିଶଦ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ପ୍ରଫେସର ମିଶ୍ର କହିଥିଲେ ଯେ ସୁରତ ଅଲ୍ଲି ଜଣେ ଟ୍ରେଡ ୟୁନିଅନ ତଥା ରାଜନୈତିକ କାର୍ଯ୍ୟକର୍ତ୍ତା ଯିଏ ବ୍ରିଟେନରେ ଭାରତୀୟ ଓ ବିଶେଷ ଭାବରେ ଭାରତୀୟ ନାବିକଙ୍କ ଅଧିକାର ପାଇଁ ନିରନ୍ତର ପ୍ରୟାସ କରିଥିଲେ। ସେ ବିଭିନ୍ନ ସଂଗଠନରେ ଜଡିତ ଥିବାବେଳେ ଭାରତୀୟ ନାବିକମାନଙ୍କର ସମାନତା ପାଇଁ ତାଙ୍କର ସଂଗ୍ରାମ ବୋଧହୁଏ ବ୍ରିଟେନରେ ଥିବାବେଳେ ତାଙ୍କର ସର୍ବଶ୍ରେଷ୍ଠ ରାଜନୈତିକ ଅବଦାନ ଥିଲା। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ କହିଥିଲେ ଯେ, ଗୋଟିଏ ଜାତି ବା ସଭ୍ୟତାର ମୂଳ ନିଷ୍ଠା ଓ ଅବଦାନ ହେଉଛି ସେ ଜାତିର ସଂସ୍କୃତି ଓ ଐତିହ୍ୟ ପ୍ରତି ସମ୍ବେଦନଶୀଳତା ତଥା ଇତିହାସର ପୁନରୁଦ୍ଧାର। ଜାତୀୟ ଅଭିଲେଖାଗାରରେ ତାଙ୍କ ସମ୍ବନ୍ଧୀୟ ଅନେକ ତଥ୍ୟ ଉପଲବ୍ଧ ରହିଛି ଯାହା ତାଙ୍କର ରାଜନୈତିକ ସାମାଜିକ ତଥା ବ୍ୟକ୍ତିଗତ ହାତ ଲେଖା ନଥିପତ୍ର। କାର୍ଯ୍ୟକ୍ରମରେ ଡ. ରାମଚନ୍ଦ୍ର କରଣ ଧନ୍ୟବାଦ ଦେଇଥିବାବେଳେ ଡ. ଜୟନ୍ତୀ ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଆଗାମୀ ଦଶନ୍ଧି ହେଉଛି ସହରାଞ୍ଚଳ ବିକାଶର: ଉଷା ପାଢ଼ୀ

ଭୁବନେଶ୍ୱର, ୨୨।୮ (ସମିସ): ଆଗାମୀ ଦଶନ୍ଧି ସହରାଞ୍ଚଳ ବିକାଶର ଅଟେ। ଆମକୁ ଦାୟିତ୍ୱର ସହିତ ଏହି ମିଶନରେ ନିଜକୁ ସାମିଲ କରିବାକୁ ପଡ଼ିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାହାରୀ ବିକାଶ ଯୋଜନା (ଏମ୍‌ଏସ୍‌ବିୱାଇ) ଉପରେ ୟୁଏଲ୍‌ବି ଏବଂ ଡିୟୁଡିଏର ଇଞ୍ଜିନିୟର, ଏମ୍‌ଆଇଏସ୍ ପେସାଦାର, ଆକାଉଣ୍ଟାଣ୍ଟ ଏବଂ ଟିମ ଲିଡ୍ ମାନଙ୍କୁ ନେଇ ଚାଲିଥିବା କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀମତୀ ପାଢ଼ୀ ଏହା କହିଛନ୍ତି। ଏଥିରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ଜାପାନ ଫିଲ୍ମ ଫେଷ୍ଟିଭାଲ୍' ଉଦ୍‌ଘାଟିତ




**ପ୍ରଥମ ଦିନରେ 'ଫାଦର ଅଫ୍ ମିଲ୍‌କୀ ୱେ ରେଲ୍‌ରୋଡ୍'**

ଭୁବନେଶ୍ୱର, ୨୨।୮ (ସମିସ): କିଟ୍ ପରିସରରେ ଆରମ୍ଭ ହୋଇଛି ଜାପାନ ଚଳଚ୍ଚିତ୍ର ମହୋତ୍ସବ। କୋଲକାତାସ୍ଥିତ ଜାପାନ କନ୍‌ସୁଲେଟ୍, ଜାପାନ ଫାଉଣ୍ଡେସନ୍ ଓ ଫେଡେରେସନ୍ ଅଫ୍ ଫିଲ୍ମ ସୋସାଇଟିଜ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଦ୍ୱିତୀୟ ଥର ପାଇଁ ଏହି ଜାପାନ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ହୋଇଛି। ଚଳିତ ମାସ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବକୁ କୋଲକାତା ସ୍ଥିତ ଜାପାନ କନସୁଲ୍ ଜେନେରାଲ୍ ଇଶିକା ୟୋଶିହିସା, ମିତ୍‌ସୁବିସି କର୍ପୋରେସନ୍ ଇଣ୍ଡିଆ କୋଲକାତା ଶାଖାର ମୁଖ୍ୟ ହିମାଂଶୁ ଆଚାର୍ଯ୍ୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ଫିଲ୍ମ, ଫେସନ ଓ ଗଣ ଯୋଗାଯୋଗ ସ୍କୁଲ୍ ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ, କିଟ୍ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ତେବେ ଉଦ୍‌ଘାଟନୀ ଉତ୍ସବରେ 'ଫାଦର ଅଫ୍ ମିଲ୍‌କୀ ୱେ ରେଲ୍‌ରୋଡ୍' ପ୍ରଦର୍ଶନ ହୋଇଥିଲା। ଆସନ୍ତା କାଲି 'ପ୍ରିନ୍‌ସେସ୍ ଆରେଟେ' ଓ 'ଲେଡି କାଗା' ପ୍ରଦର୍ଶିତ ହେବାକୁ ଥିବା ବେଳେ ୨୪ ତାରିଖରେ 'ରାଇଡ୍ ଇଓର ୱେଭ୍' ଏବଂ 'ଦି ଜେନ୍ ଡାଏରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହେବ।

## ପ୍ରହରାଜପୁରରେ ଚାରାରୋପଣ




ଭୁବନେଶ୍ୱର, ୨୨।୮ (ସମିସ): ଅପରାହ୍ନରେ ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସ ତଥା ପ୍ରହାରାଜପୁରସ୍ଥିତ ଏକ୍ସଆଇଏମ ୟୁନିଭର୍ସିଟିର ମିଳିତ ଉଦ୍ୟମରେ ଏହାର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ଅଫ ଭୁବନେଶ୍ୱର ବ୍ୟାଙ୍କର୍ସର ସଭାପତି ଅଭୟ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ସମ୍ପାଦକ ବିଚିତ୍ର କୁମାର ମିଶ୍ର ତଥା ସଦସ୍ୟ ସଦସ୍ୟାବୃନ୍ଦ ବାନାମ୍ବର ସାହୁ, ବୈଦ୍ୟନାଥ ସାହୁ, ମୁକ୍ତିକାନ୍ତ ଶତପଥୀ, ଚିନ୍ମୟୀ ନାୟକ, ଅନିତା ମହାନ୍ତି, ବିନୟ କୁମାର ସାହୁ, ରାନୁ ରଞ୍ଜିତା ମହାପାତ୍ର, ଗାୟତ୍ରୀ ମିଶ୍ର, ସୁତପା ସାହୁ, ଅନୁରାଧା ସାହୁ, ବୃନ୍ଦାବନ ନାୟକ, ସଞ୍ଜୟ ମହାନ୍ତି, ପ୍ରସନ୍ନ ବେହୁରା, ଅନସୂୟା ବେହୁରା ପ୍ରତାପ ମଙ୍ଗରାଜ ଓ ଉଷା ମଙ୍ଗରାଜ ଯୋଗ ଦେଇ ଥିଲେ। ଜାଭିୟର ବିଶ୍ୱବିଦ୍ୟାଳୟ ତରଫରୁ ଏନ ଏସ ଏସ ସଂଯୋଜକ ଡ଼ଃ ସିଦ୍ଧାନ୍ତ ମିଶ୍ର, ନେହା ଝା, ଦେବସ୍ମିତା ବସୁ, ଆରାଧନା ବସୁ ଓ ଲକ୍ଷ୍ମୀଧର ପଣ୍ଡା ବୃକ୍ଷରୋପଣ କରିଥିଲେ।

## 'ଭରସା' ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୨୨।୮ (ସମିସ): ଭରସା ଫାଉଣ୍ଡେସନ ଟ୍ରଷ୍ଟର ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ପ୍ରାକୃତିକ ସନ୍ତୁଳନ ରକ୍ଷା ଓ ପ୍ରଦୂଷଣ କମାଇବା। ଏହି ଅବସରରେ ବହୁଳ ମାତ୍ରାରେ ଗଛ ଲଗାଇ ତାର ଯତ୍ନ ନେବା ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏଥିସହିତ ସଦସ୍ୟମାନେ ଗଛର ମାହାତ୍ମ୍ୟ ଲେଖା ଥିବା ବୋର୍ଡ ଧରି ଲୋକଙ୍କୁ ସଚେତନ କରାଉଥିଲେ। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର, ସଭାପତି ମୁକ୍ତିକାନ୍ତ ବାରିକ, ବିଶ୍ୱଜିତ ବେହେରା, ଚିନ୍ମୟ ପ୍ରଧାନ, ରାଧାକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

## ମହଙ୍ଗା ପଡ଼ିଲା ବେପରୁଆ ଗାଡ଼ିଚାଳନା

**କଟିଲା ମୋଟା ଅଙ୍କର ଚାଲାଣ**

ଭୁବନେଶ୍ୱର, ୨୨।୮ (ସମିସ): ଜାତୀୟ ରାଜପଥରେ ବେପରୁଆ କାର ଚାଳନା ମହଙ୍ଗା ପଡ଼ିଛି। ଭିଡିଓ ଭାଇରାଲ ହେବାପରେ ମୋଟା ଅଙ୍କର ଚାଲାଣ କାଟିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)।

ଖବର ନେବାରୁ ଜଣାପଡ଼ିଛି ଯେ, ଆଜି ଦିନ ପ୍ରାୟ ୨ଟା ସମୟରେ ଏକ କାର ରସୁଲଗଡ଼ରୁ କଟକ ଅଭିମୁଖେ ଯାଉଥିଲା। ପଳାସୁଣୀ ବ୍ରିଜ ଉପରେ କାର ଚାଳକ ଅତ୍ୟନ୍ତ ବେପରୁଆ ଭାବେ ଗାଡ଼ି ଚାଳନା କରିଥିଲେ। ୩ ଜଣ ଯୁବକ ଚଳନ୍ତା କାର ଡୋର୍ ଭିତରୁ ବାହାରି ଫିଲ୍ମ ଷ୍ଟାଇଲରେ ଷ୍ଟଣ୍ଟ ଦେଖାଉଥିଲେ। ହୋ ହଲ୍ଲା କରିବା ସହ ରାସ୍ତାରେ ଯାଉଥିବା ଲୋକଙ୍କୁ ହଇରାଣ ହରକତ କରୁଥିଲେ। ପଛରେ ଯାଉଥିବା ଲୋକେ ଭିଡିଓ କରି ଦେଇଥିଲେ। ଭିଡିଓ ଭାଇରାଲ ହେବା ପରେ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ବିନା ଲାଇସେନ୍ସରେ ଗାଡ଼ି ଚାଳନା କରୁଥିବାରୁ ମୋଟର ଯାନ ଅଇନ ସେକ୍ସନ ୧୮୧ ଅନୁଯାୟୀ ୫ ହଜାର ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ମୋଟର ଯାନ ଅଇନ ସେକ୍ସନ ୧୮୪ ଅନୁଯାୟୀ ୫ ହଜାର ଟଙ୍କା ଚାଲାଣ କାଟିଛନ୍ତି ଭୁବନେଶ୍ୱର ଆରଟିଓ। ମୋଟ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଚାଲାଣ କଟାଯାଇଛି।





## ଆଗକୁ ପାର୍ବଣ; ଚଳଚଞ୍ଚଳ ଉପକଣ୍ଠ

# ଗାଁ ଗାଁରେ ଗଢ଼ିଉଠିଛି ଅସ୍ଥାୟୀ ମୂର୍ତ୍ତିଶାଳା

ଯାଁଳା, ୨୨।୮ (ସମିସ): ଦିନ କେତୋଟି ପରେ ଆରମ୍ଭ ହେବ ପାର୍ବଣ ଋତୁ। ପାର୍ବଣରେ ପ୍ରଥା ଅନୁସାରେ ମୃଣ୍ମୟ ପ୍ରତିମା ପୂଜାରେ ମନ ବଳାଇଲେଣି ଶ୍ରଦ୍ଧାଳୁ। ଶ୍ରୀ ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ ବୋଲି ଧରାଯାଉଥିଲେ ହେଁ ଏହା ପୂର୍ବରୁ କୁମାରୀ ମାନଙ୍କ ଖୁଦୁରୁକୁଣୀ ପୂଜାରୁ ପାର୍ବଣ ଆରମ୍ଭ ବୋଲି କୁହାଯାଏ। ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାରୁ ଆରମ୍ଭ ହେବାକୁ ଯାଉଥିବା ପାର୍ବଣ ଋତୁ ପାଇଁ ମୃତ୍ତିକାରମାନେ ପ୍ରସ୍ତୁତିରେ ଲାଗିପଡ଼ିଲେଣି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀ ଉପକଣ୍ଠର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଛି ଅନେକ ମୂର୍ତ୍ତିଶାଳା। ଯେଉଁଠାରେ ବଙ୍ଗୀୟ କାରିଗରମାନେ ଆସି ମୂର୍ତ୍ତି ନିର୍ମାଣ କରୁଛନ୍ତି। ଯେଉଁଠାରେ ନିର୍ମାଣ ହେଉଥିବା ମୂର୍ତ୍ତିଗୁଡ଼ିକ ରାଜଧାନୀ ସମେତ ବିଭିନ୍ନ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିବା ବେଳେ ଅନେକ ସ୍ଥାନରେ ସ୍ଥାନୀୟ ଅଞ୍ଚଳର ପୂଜା କମିଟି ପକ୍ଷରୁ ବରାଦ ମୁତାବକ ମୂର୍ତ୍ତି ନିର୍ମାଣ କରାଯାଉଛି।

ଭାଦ୍ରବ ମାସରୁ ଖୁଦୁରୁକୁଣି ପୂଜା, ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳିପୂଜା ଓ କାର୍ତ୍ତିକେଶ୍ୱର ପୂଜା ଚାଲିବ। ତେଣୁ



**■ ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି ବଙ୍ଗୀୟ କାରିଗର**
**■ କିଣିବାକୁ ଡେରା ପକାଇଛନ୍ତି ମୂର୍ତ୍ତି ବେପାରୀ**

ଏବେଠାରୁ ମୂର୍ତ୍ତିକାରଙ୍କ ଶାଳ ଚଳଚଞ୍ଚଳ ହୋଇଉଠିଲାଣି। କାରିଗରଙ୍କ ହାତକୁ ତର ମିଳୁନି। ତେଣୁ ବିଭିନ୍ନ ମୂର୍ତ୍ତି ପ୍ରସ୍ତୁତିରେ ଲାଗିପଡ଼ିଲେଣି ମୃତ୍ତିକାର। ଅନେକ ସ୍ଥାନରେ ଶିଳ୍ପୀମାନେ ଛାଞ୍ଚରେ ମାଟି ବୋଳି ମୂର୍ତ୍ତି ଠିଆ କରିସାରିଲେଣି। କେବଳ ରଙ୍ଗ ସ୍ପର୍ଶକୁ ଅପେକ୍ଷା। ଏମିତିରେ ପାର୍ବଣ ଋତୁ ପୂର୍ବରୁ ମୂର୍ତ୍ତିକାର ମାନେ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ରହିଲେଣି। ଏବେ ରାଜଧାନୀ ଉପକଣ୍ଠରେ ମୁଣ୍ଡ ଟେକିଛି ଅସ୍ଥାୟୀ ମୂର୍ତ୍ତିଶାଳ। ରାଜପଥର ଜନଗହଳିପୂର୍ଣ୍ଣ ଛକଗୁଡ଼ିକରେ ବିଶେଷ କରି ଓଡିଆ ବଙ୍ଗୀୟ ମୃତ୍ତି ଶିଳ୍ପୀମାନେ ଡେରା ପକାଇଛନ୍ତି। କୌଳିକ ବୃତ୍ତି ଠାରୁ ଦୂରେଇ ଯାଇଥିବା ଓଡିଆ ଶିଳ୍ପୀମାନେ ପାର୍ବଣ ଆସିବା ସମୟରେ ବେଶ ଚଳଚଞ୍ଚଳ ହୋଇପଡ଼ିଲେଣି।

ଆଜିକାଲି ପୂଜା ମଣ୍ଡପ ସଂଖ୍ୟା ବଢୁଛି। କିନ୍ତୁ ଗ୍ରାମୀଣ ମୂର୍ତ୍ତିକାରଙ୍କ ସଂଖ୍ୟା କମି କମି ଯାଉଛି। ରାଜଧାନୀ ଉପକଣ୍ଠରେ ଜଟଣୀ ବ୍ଲକ ଅନ୍ତର୍ଗତ ପଳାଶପୁର, ଛତାବର, ଖୋର୍ଦ୍ଧା ଗୁରୁଜଙ୍ଗ ଆଦି ଅଞ୍ଚଳରେ ମୂର୍ତ୍ତି ଶିଳ୍ପୀମାନେ କାମରେ ଲାଗିପଡ଼ିଲେଣି। ରାଜପଥ କଡ଼ରେ ଏବେ ଅସ୍ଥାୟୀ ଶିବିର କରି ଡେରା ପକେଇଲେଣି। ପୂଜା ପେଣ୍ଡାଲ ସଂଖ୍ୟା ବଢୁଥିବାରୁ ସେହି ଚାହିଦାକୁ ଦୃଷ୍ଟିରେ ରଖି ଏବେ କାରିଗରମାନେ ରାସ୍ତା ପାର୍ଶ୍ୱରେ ଡେରା ପକାଇଲେଣି। ଦଳ ଦଳ ହୋଇ ସେମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶାଳ ବା ଶିବିର କରୁଛନ୍ତି ଏବଂ ପାର୍ବଣ ପରେ ବେପାର ସାରି ଶିବିର ଭାଙ୍ଗିବେ ବୋଲି କହିଛନ୍ତି।

ସେମିତି ଏକ ଦଳ ଯାଁଳାରେ ଅସ୍ଥାୟୀ ଶାଳଟିଏ ଚଳାଇଛନ୍ତି। ମୂର୍ତ୍ତି କାରିଗରଙ୍କ କହିବା କଥା ତାଙ୍କର ଟିମ ଦୀର୍ଘ ୧୦ ବର୍ଷ ହେଲା ଏହି ବେଉସା କରୁଛନ୍ତି। ପୂର୍ବରୁ ମୃର୍ତ୍ତିପାଇଁ ବରାଦ ଆସିଥିଲା ଓ ପୂଜା ମଣ୍ଡପ ସବୁ ବହିନା ଦେଲେଣି। ମୂର୍ତ୍ତିର ଆକାର ଓ ଡିଜାଇନ୍ ଅନୁସାରେ ୨ହଜାରରୁ ଆରମ୍ଭ କରି ୨୦ ହଜାର ପର୍ଯ୍ୟନ୍ତ ମୂର୍ତ୍ତିର ଦାମ ରହିଛି। ବଡ଼କଥା ହେଉଛି ସେ ମଣ୍ଡପ ବା ଅନୁଷ୍ଠାନକୁ ଯେତିକି ମୂର୍ତ୍ତି ଦେଉଛନ୍ତି ତା ଠାରୁ ବହୁତ ଅଧିକ ବ୍ୟବସାୟୀମାନେ ହୋଲସେଲ ଦରରେ କିଣୁଛନ୍ତି। ତାଙ୍କ ଶାଳରେ ମଙ୍ଗଳା, ଗଣେଶ, ବିଶ୍ୱକର୍ମା, ଦୁର୍ଗା ଓ ଗଜଲକ୍ଷ୍ମୀ ଆଦି ମୃଣ୍ମୟ ମୂର୍ତ୍ତି ତିଆରି ହେଉଥିବା ସେ କହିଛନ୍ତି। ତେଣୁ ଚଳିତ ବର୍ଷ ପାଗ ଅନୁକୂଳ ରହିଲେ ମୂର୍ତ୍ତି ଚାହିଦା ବଢ଼ିବା ସହ ବେପାର ଭଲ ହେବ ବୋଲି ଆଶାବାଦୀ ଅଛନ୍ତି ବ୍ୟବସାୟୀ।

## ଆଜି ଶ୍ରୀଲିଙ୍ଗରାଜଙ୍କୁ ଲାଗିହେବ ସାତପୁରି


ଭୁବନେଶ୍ୱର, ୨୨।୮ (ସମିସ): ଶ୍ରୀଲିଙ୍ଗରାଜ ମନ୍ଦିରରେ ଶନିବାର ସପ୍ତପୁରି ଅମାବାସ୍ୟା ପାଳିତ ହେବ। ସାତଟି ପୁରରେ ପ୍ରସ୍ତୁତ ପିଠା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଭୋଗଲାଗି କରାଯିବ। ମହାସୁଆର ସେବକ ବୁଟ, ହରଡ, ରାଶି, ଗୋଲମରିଚ, ଅଦା, ନଡିଆ ଓ ଗୁଡର ମିଶ୍ରଣରେ ପିଠା ପ୍ରସ୍ତୁତ କରି ଦିଅଁଙ୍କ ନିକଟରେ ଭୋଗଲାଗି କରିବେ। ଶ୍ରୀଜୀଉଙ୍କ ସକାଳ ଧୂପରେ ପିଠାଭୋଗ ଲାଗି କରାଯିବ। ସନ୍ଧ୍ୟା ଧୂପ ପରେ ମନ୍ଦିର ବେଢ଼ାରେ ପୂଜା ପାଉଥିବା ୨୭ ଦେବଦେବୀଙ୍କ ନିକଟରେ ଏହି ପିଠା ଭୋଗ ଲାଗି ହେବ। ଯାହାକୁ ସଙ୍କୁଡି ଭୋଗ କୁହାଯାଏ। ଏହାପରେ ମନ୍ଦିର ବେଢ଼ା ବାହାରେ ଶ୍ରୀଜୀଉଙ୍କ ପାର୍ଶ୍ୱ ଦେବଦେବୀଙ୍କୁ ପୂଜା କରୁଥିବା ସେବାୟତଙ୍କୁ ମନ୍ଦିର ପ୍ରଶାସନ ତରଫରୁ ପିଠା ବଣ୍ଟା ଯିବ। ଏହାବ୍ୟତୀତ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଯାନିଯାତ୍ରାରେ ସେବାପୂଜା କରୁଥିବା ସେବାୟତଙ୍କ ଚିଠା ପରକରଣ ସେବାୟତଙ୍କ ତରଫରୁ ସଂଗ୍ରହ କରାଯିବା ପରେ ମନ୍ଦିର ପ୍ରଶାସନ ତରଫରୁ ସେମାନଙ୍କୁ ପିଠା ବଣ୍ଟା ଯିବ। ଏହି କାର୍ଯ୍ୟକ୍ରମ ମହାସୁଆରଙ୍କ ସେବାୟତଙ୍କ ସହଯୋଗରେ କରାଯାଇଥାଏ ବୋଲି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି।

## ମୁକ୍ତେଶ୍ୱର କ୍ଲବର ନୂତନ ପରିଚାଳନା ପରିଷଦ ସଦସ୍ୟ ଚୟନ



ଭୁବନେଶ୍ୱର, ୨୨।୮ (ସମିସ): ମୁକ୍ତେଶ୍ୱର କ୍ଲବର ପରିସରରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ସଦସ୍ୟ ଏଲଏନମହାନ୍ତି, ମିହିର ମହାନ୍ତି, ନବ ରଞ୍ଜନ ପଟ୍ଟନାୟକ, ପ୍ରକାଶ ଦାସ, ବିଜୟରାୟ ଏବଂ ଗୁରଜିତ ସିଂହ ଚୌହାନଙ୍କ ଉପସ୍ଥିତିରେ କ୍ଲବର ନୂତନ ପରିଚାଳନା ପରିଷଦ ସଦସ୍ୟ ଚୟନ କରାଯାଇଥିଲା। ଏହି ବୈଠକର ଦୀପକ ସିଂହ ଅଧ୍ୟକ୍ଷତା କରିଥିଲେ। ସଭାର ଆରମ୍ଭ ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ର, ସ୍ୱର୍ଗତ ସୁବାଶିଷ ଭୂୟାଁ ଏବଂ ସ୍ୱର୍ଗତ ଦିନେଶ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ହୋଇଥିଲା ଏବଂ ପରେ ମୁକ୍ତ?ଶ୍ୱର କ୍ଲବର ବିକାଶ ସମ୍ବନ୍ଧୀୟ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନ ଅଧୀନରେ ଅନୁବନ୍ଧିତ ଏବଂ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ସବୁଠାରୁ ପୁରୁଣା ସଦସ୍ୟ। ୧୯୭୮ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି କ୍ଲବର ବରିଷ୍ଠ ଏବଂ କନିଷ୍ଠ ସ୍ତରରେ ରାଜ୍ୟସ୍ତରୀୟ କ୍ରିକେଟର ସୃଷ୍ଟି କରିବାର ଏକ ସମୃଦ୍ଧ ଇତିହାସ ରହିଛି। ଶେଷରେ ପ୍ରଶାସକ ମଣ୍ଡଳୀର ଚୟନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସଭାପତି ଭାବରେ ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଭାବେ ଗୁରଜିତ ସିଂହ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ସହ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁନୀଲ ସାହୁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା।

## ଲୋଟସ୍‌ଫିଟ୍ ଫାଉଣ୍ଡେସନ୍ ପକ୍ଷରୁ 'ଅଭିଯାତ' ସନ୍ଧ୍ୟା



ଭୁବନେଶ୍ୱର, ୨୨।୮ (ସମିସ): ଲୋଟସ୍ ଫିଟ୍ ଫାଉଣ୍ଡେସନ୍ ପକ୍ଷରୁ ବୁଧବାର 'ଅଭିଯାତ' ସା ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟରେ ଅତିଥି ଭାବରେ ନୃତ୍ୟଗୁରୁ କୁମ୍‌କୁମ୍ ମହାନ୍ତି, ନୃତ୍ୟଗୁରୁ ଦୁର୍ଗାଚରଣ ରାଣବୀର୍, ଗୁରୁ ସ୍ନେହପ୍ରଭା ସାମନ୍ତ ରାୟ, ଗୁରୁ ଡ. ସୁଜାତା ମିଶ୍ର, ଡ଼. ଦିପ୍ତି ମିଶ୍ର, ଗୁରୁ ସୁଜାତା ମହାପାତ୍ର, ସଂଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା, ଡ଼. ସଙ୍ଗୀତା ହୋତା, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଭାରତୀୟ ବିଦ୍ୟାଭବନର ଅଧ୍ୟକ୍ଷ ଲେଫ୍ଟାଣ୍ଟ ଜେନେରାଲ୍ ଜେକେ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀମାନଙ୍କ କୃଷ୍ଣ ମଙ୍ଗଳାଚରଣ, କଲ୍ୟାଣ ପଲ୍ଲବୀ, ଶିବାଷ୍ଟକମ୍ ଓ ଅନ୍ୟାନ ଭକ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଡ଼. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## 'ଅଣ୍ଡର ସିକ୍ସଟିନ' ଓଡ଼ିଶୀ ନୃତ୍ୟ ଉତ୍ସବ



ଭୁବନେଶ୍ୱର, ୨୨।୮ (ସମିସ): ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ (ଓଡିସି) ଦ୍ୱାରା ଭଞ୍ଜକଳା ମଣ୍ଡପଠାରରେ ଷୋହଳ ବର୍ଷରୁ କମ୍ 'ଅଣ୍ଡର ସିକ୍ସଟିନ' ନୃତ୍ୟ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧ ତମ ସଂସ୍କରଣରେ ଦଶ ଜଣ ପ୍ରତିଭାବାନ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୬ ବର୍ଷରୁ କମ୍ ବୟସର ନୃତ୍ୟ ଶିଳ୍ପୀମାନଙ୍କୁ ଓଡ଼ିଶୀ ନୃତ୍ୟ ପ୍ରତି ସେମାନଙ୍କର ଆଗ୍ରହକୁ ଆବିଷ୍କାର କରିବା, ଭବିଷ୍ୟତର କଳାକାର ଭାବରେ ଉତ୍ସାହିତ କରିବା ପାଇଁ ଏହି 'ଅଣ୍ଡର ସିକ୍ସଟିନ' ଓଡିଶୀ ନୃତ୍ୟ ୨୦୨୫ ଆୟୋଜିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମର୍ଦ୍ଦଳ ବାଦକ ଗୁରୁ ସଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦର ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡିସିର ସଚିବ ଡ. ଇଲିଆନା ସିତାରିଷ୍ଟି ଏବଂ ଓଡିସିର କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟା ପରିବେଷଣରେ ଶିବ ତାଣ୍ଡବ ଯାହା ରାଗ ଭଟିୟାର ଓ ତାଳ ଖେମଟାରେ ନିବଦ୍ଧ, ବନ୍ଧନୃତ୍ୟ ଯାହା ରାଗ ମେଘ ଓ ତାଳ ଏକତାଳୀ ଉପରେ ନିବଦ୍ଧ ପରିବେଷଣ ହୋଇଥିଲା। ପରେ ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଶିଷ୍ୟ ତଥା ସୃଜନ ଅନୁଷ୍ଠାନର ଶିଳ୍ପୀ ସାଇ ପ୍ରସାଦ ପଣ୍ଡା ପରିବେଷଣ କରିଥିଲେ ପାରମ୍ପାରିକ ଚମ୍ପୁ ରଚନାରେ ଅଭିନୟ ଦେଖ ଗୋ ଯାହା ରାଗ ମିଶ୍ରପିଲ୍ଲୁ ଓ ତାଳ ଖେମଟା ଉପରେ ନିବଦ୍ଧ ଥିଲା ଏବଂ ଯାହାର ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲେ। ଏହିପରି ଶିଳ୍ପୀମାନେ ନୃତ୍ୟ ପରିବେଷଣ ହୋଇଥିଲା। ବିଶ୍ୱଜିତ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବର୍ଷାଭିତ୍ତିକ କାର୍ଯ୍ୟକ୍ରମ 'ମୌସୁମୀ ମୂର୍ଚ୍ଛନା ତୋଳେ'



ଭୁବନେଶ୍ୱର, ୨୨।୮ (ସମିସ): ଶ୍ୱେତପଦ୍ମା କଲଚରାଲ ଟ୍ରଷ୍ଟ ପକ୍ଷରୁ ବର୍ଷା ଭିତ୍ତିକ କାର୍ଯ୍ୟକ୍ରମ 'ମୌସୁମୀ ମୂର୍ଚ୍ଛନା ତୋଳେ' ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ବାବୁ ସିଂହ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାଏ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଭାଷାତତ୍ତ୍ୱବିତ କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ରୁଦ୍ରନାରାୟଣ, ବିଦ୍ୟାଧର ଶତପଥୀ, ରାଜୀବ, ତପସ୍ୱିନୀ, ମୋନାଲିସା, ମହାପାତ୍ର ମିନତୀ ଭଞ୍ଜ, ଜୟସ୍ମିତା, ବୈଷ୍ଣବୀ, ସନ୍ଦୀପ ପ୍ରମୁଖ ଯୋଗ ଦେଇ ବର୍ଷା ଉପରେ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସଙ୍ଗୀତଜ୍ଞ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୀତିକାର ସଚ୍ଚି ମହାନ୍ତି, ପ୍ରଯୋଜକ ଚନ୍ଦ୍ରକାନ୍ତ ରାୟ, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ପାତ୍ର ପ୍ରମୁଖଙ୍କୁ 'ଶ୍ୱେତପଦ୍ମା ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା। ଏଥିସହିତ ଗୀତିଗଙ୍ଗୋତ୍ରୀ ପରିବାର ପକ୍ଷରୁ ବର୍ଷା ଉପରେ କବିତା ପାଠ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ମିନତୀ ମଲ୍ଲ ଓ କୁମାର ଲିଟନ ମଞ୍ଚ ପରିଚାଳନା କରିଥିଲେ।

## ହ୍ୟୁମାନ୍ ଲାଇବ୍ରେରୀ; ବହି ସହ ବିତିବ ସମୟ

ଭୁବନେଶ୍ୱର, ୨୨।୮ (ସମିସ): ସତ୍ୟନଗରସ୍ଥିତ କାଫେ-୧୬ ରେ ବକୁଳ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଛି 'ହ୍ୟୁମାନ୍ ଲାଇବ୍ରେରୀ'। ଏଠାରେ ବହି ସହ ମଣିଷମାନଙ୍କ ସହ ସମୟ ବିତାଇ ପାରିବେ। ପରସ୍ପର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ଚର୍ଚ୍ଚା କରିପାରିବେ। ଏଠାରେ ନିଜ ମନବୁତାବକ ନିଜ ରୁଚି, ଦରକାରୀ ହିବସାରେ ମାନବ ପୁସ୍ତକର ଚୟନ କରିପାରିବେ। ଚୟନ କରିଥିବା କରିଥିବା ପୁସ୍ତକ ପାଠକଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପରେ ପୁସ୍ତକଟିକୁ ଫେରସ୍ତ କରିପାକୁ ହେବ ବୋଲି ବକୁଳ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ହ୍ୟୁମାନ୍ ଲାଇବ୍ରେରୀର କ୍ୟୁରେଟର୍ ସୁଜିତ ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ମୀରା ପରିଡ଼ା, ସ୍ୱାଭିମାନର ପ୍ରତିଷ୍ଠାତ୍ରୀ ଶ୍ରୁତି ମହାପାତ୍ର, ପ୍ରଶାନ୍ତ ମହାରଣା, ଆଇପିଏସ ଅଫିସର ସାଗରିକା ନାଥ ପ୍ରମୁଖ ଯୋଗ ଦେଇଥିଲେ।



## 'ଜୟ ହୋ ସିଦ୍ଧ ସ୍ୱାମୀ' ଉନ୍ମୋଚିତ



ଭୁବନେଶ୍ୱର, ୨୨।୮ (ସମିସ): ଭୁବନେଶ୍ୱର ସିଦ୍ଧ ପରିବାର ଆନୁକୂଲ୍ୟରେ ସିଦ୍ଧ ସ୍ୱାମୀ ହରଦାସଜୀ ୮୫ତମ ଜୟନ୍ତୀ ଜୟଦେବ ବିହାର ରାମେଶ୍ୱର ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ସିଦ୍ଧ ପ୍ରେମୀ ଯୋଗ ଦେଇଥିଲେ। ସଙ୍ଗୀତକାର ମୂରଲୀଧର ପରିଡ଼ାଙ୍କ ସ୍ୱରଚିତ ସଙ୍ଗୀତ 'ଜୟ ହୋ ସିଦ୍ଧ ସ୍ୱାମୀ' ଉନ୍ମୋଚିତ ହୋଇଥିଲା। ସୁବ୍ରତ ବଳ, ଅନ୍ତର୍ଯ୍ୟାମୀ ସାହୁ, ଆଶୁତୋଷ ସୁବୁଦ୍ଧି, ସୁଭାଗିନୀ ମହାପାତ୍ର ଆଲୋଚନା କରିଥିଲେ। ସ୍ୱର୍ଣ୍ଣଲତା ସାହୁ ସିଦ୍ଧ ସ୍ୱାମୀଙ୍କ ଜନ୍ମଦିନ ଉପଲକ୍ଷେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପୂର୍ବାଞ୍ଚଳ ନିର୍ଦ୍ଦେଶକ ନୀଳମଣି ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ଆତ୍ମହତ୍ୟା କେବେ ସମସ୍ୟାର ସମାଧାନ ନୁହେଁ'

ଭୁବନେଶ୍ୱର, ୨୨।୮ (ସମିସ): ଆତ୍ମହତ୍ୟାରୁ ଦୂରେଇ ରହିବା ପାଇଁ ସାମାଜିକ ଅନୁଷ୍ଠାନ 'ମଦର' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଛନ୍ତି ଯେ ଆତ୍ମହତ୍ୟା କେବେ ମଧ୍ୟ ଏକ ସମାଧାନ ନୁହେଁ। ଯେଉଁମାନେ ଆପଣଙ୍କୁ ଭଲ ପାଆନ୍ତି। ଯଦି ଆପଣ ବା ଆପଣଙ୍କ ଜଣେ ପରିଚିତ ମନସ୍ତାପ ଏବଂ ନିରାଶାରେ ଅଛନ୍ତି, ତେବେ ଦୟାକରି ନିଃସଙ୍କୋଚ ଭାବେ ସାହାଯ୍ୟ ନେବା ପାଇଁ କହିବା ଜରୁରୀ ବୋଲି ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ, ପ୍ରଶାନ୍ତ ରାଉତରାୟ, ଦିପ୍ତୀଶ୍ରୀ ନାୟକ, ସମାଜସେବୀ ମାନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

# ସ୍ମାର୍ଟ ହେଉଛି ସମୟ; ଅଚଳ ହେଉଛି ପୁରୁଣା ଘଣ୍ଟା

ଭୁବନେଶ୍ୱର, ୨୨।୮ (ସମିସ)

ଦିନଥିଲା ହାତ ଘଣ୍ଟାଟିଏ ଆଭିଜାତ୍ୟର ସଙ୍କେତ ବା ଚିହ୍ନ ଭାବରେ ପରିଗଣିତ ହେଉଥିଲା। ଆସ୍ତେ ଆସ୍ତେ ସମୟ ସହିତ ସବୁ ବର୍ଗର ଲୋକମାନେ ଏହି ଘଣ୍ଟାକୁ ବ୍ୟବହାର କରିବାରେ ଲାଗିଲେ। ହେଲେ ଏବେ ଚାବିଦିଆ ଓ ବ୍ୟାଟେରୀ ହାତଘଣ୍ଟାର ଚାହିଦା କମି କମି ଆସିଲାଣି। ଆଉ ଏହି ହାତଘଣ୍ଟାର ଚାହିଦା କମିଥିଲେ ବି ସ୍ମାର୍ଟୱାଚ ଓ ମୋବାଇଲ ହାତରେ ରାଜୁତି କରୁଛି।

ରାଜଧାନୀର ବିଭିନ୍ନ ଛକ, ଅଫିସ୍ ଓ ବିଜେବି କଲେଜ, ରମାଦେବୀ, ବାଣୀବିହାର ପରି ବିଶ୍ୱବିଦ୍ୟାଳୟ ଆଗରେ ଆଗରୁ ଛୋଟ ହେଉକି ବଡ଼ ହେଉ ଘଣ୍ଟା ଦୋକାନ ରହିଥିଲା। ଏକ ଆକଳନ ଅନୁଯାୟୀ କୋଡିଏ ବର୍ଷ ତଳେ ରାଜଧାନୀରେ ପ୍ରାୟ ୨୦୦ରୁ ଅଧିକ ଛୋଟବଡ଼ ଘଣ୍ଟାଦୋକାନ ରହିଥିଲା। କଲେଜରେ ପାଠ ପଢ଼ିବା ହେଉ କି ଅଫିସ୍‌ରେ କାମ କରିବା ପାଇଁ ଅଫିସର କିମ୍ବା ଛାତ୍ରଛାତ୍ରୀମାନେ ଏହି ସବୁ ଘଣ୍ଟା ଦୋକାନରୁ ଘଣ୍ଟା କିଣିବା ସହିତ ଖରାପ ହୋଇଗଲେ ତିଆରି ମଧ୍ୟ କରୁଥିଲେ। ସେହି ସମୟରେ ସୋନାଟା, ଏଚ୍‌ଏମ୍‌ଟି, ଟାଇଟନ ହାତଘଣ୍ଟାର ଅଧିକ ଚାହିଦା ରହିଥିଲା। ସେତେବେଳେ ନା ମୋବାଇଲ ନା ସ୍ମାର୍ଟୱାଚ ଥିଲା ଫିତା ଘଣ୍ଟା, ଚେନଘଣ୍ଟା ସମସ୍ତଙ୍କ ହାତରେ ଶୋଭା ବଢ଼ାଇଥିଲା। ଏଥିସହିତ ବାହାଘର ସମୟରେ ଯୌତୁକରେ ହାତଘଣ୍ଟା ଦେବାର ପ୍ରଥା ବି ରହିଥିଲା ହେଲେ ଏବେ ଏହି ପ୍ରଥା ପରିବର୍ତ୍ତନ ହୋଇ ହାତଘଣ୍ଟା ସ୍ଥାନରେ ବ୍ରେସ୍‌ଲେଟ ଦିଆଯାଉଛି।



### ଦୋକାନ ଖୋଲି ଗରାଖ ଖୋଜୁଛନ୍ତି ମେକାନିକ୍
### ବେଉସା ବଦଳାଇଲେଣି ପୁରୁଣା କାରିଗର

ତଥାପି ସମୟ ସହିତ ସଂଘର୍ଷ କରି କିଛି ହାତଘଣ୍ଟା ଦୋକାନ ଏବେବି ରାଜଧାନୀରେ ନିଜର ପରିଚୟ ଖୋଜୁଛନ୍ତି କହିଲେ ଚଳେ। ଆଶୋକ ନଗର ହେଉ କି ରାଜମହଲ କିମ୍ବା ବାପୁଜୀ ନଗର ଖାନ୍‌ୱାଚ କୋ, ଲିଙ୍ଗରାଜ ୱାଚକୋ ପରି ଆଉ କିଛି ଘଣ୍ଟା ଦୋକାନ ରହିଛି। ଆଗରୁ ଘଣ୍ଟା ଖରାପ ହୋଇଗଲେ ଲୋକମାନେ ତିଆରି କରିବା ପାଇଁ ଦୋକାନକୁ ଆସୁଥିଲେ। ୧୦ରୁ ୧୫ ଟଙ୍କା ଦେଇ ଘଣ୍ଟା ବ୍ୟାଟେରୀ ପକାଇ ପୁଣି ହାତରେ ବ୍ୟବହାର କରୁଥିଲେ। ହେଲେ ଏବେ ବ୍ୟାଟେରୀ ମୂଲ୍ୟ ୩୦ ଟଙ୍କା ବଢ଼ିଥିବା ବେଳେ ଘଣ୍ଟା ଖରାପ ହୋଇଗଲେ ଆଉ କେହି ଘଣ୍ଟାକୁ ତିଆରି କରିବା ପାଇଁ ଆସୁନାହାନ୍ତି। ବରଂ ନୂଆ ନୂଆ ଘଣ୍ଟା ଅନ୍‌ଲାଇନ୍ ଓ ସ୍ମାର୍ଟୱାଚ ମଗେଇ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ଅନେକ ଦୋକାନୀ ଏବେ ଗରାଖଙ୍କ ଅପେକ୍ଷାରେ ରହୁଛନ୍ତି।

ରାଜମହଲରେ ବଡ଼ଗଡ଼ ଅଞ୍ଚଳର ଜଣେ ଘଣ୍ଟା ଦୋକାନ କରିଥିବା ଜଣେ ବ୍ୟବସାୟୀ କୁହନ୍ତି ଆଗରୁ ପରୀକ୍ଷା ଆସିବା ପୂର୍ବରୁ ଘଣ୍ଟା ମରାମତି କରିବା ପାଇଁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ଭିଡ଼ ଜମୁଥିଲା। ପୁରୁଣା ଘଣ୍ଟା ସଜାଡ଼ିବା ସହିତ ନୂଆ ଘଣ୍ଟା ବି କିଣୁଥିଲେ। ଫଳରେ ଦୈନିକ ୨ରୁ ୩ ହଜାର ଟଙ୍କା ବେପାର ହେଉଥିଲା। ହେଲେ ଏବେ ସ୍ମାର୍ଟୱାଚ, ମୋବାଇଲ ଓ ଅନ୍‌ଲାଇନ୍ ଅର୍ଡ଼ର ବେପାରକୁ ବୁଡ଼େଇ ଦେଇଛି। ଯାହାଫଳରେ ଶସ୍ତା ଘଣ୍ଟା ଆଣି ରଖିଲେ ବି ଗୋଟେ ଦିନରେ ୩ ଶହ ଟଙ୍କା ବି ବେପାର ହେଉନାହିଁ ବୋଲି ସେ କହିଛନ୍ତି। ଏହି ବେପାର ଉପରେ ଭରସା କରି ଆଉ ପରିବାର ଚଳାଇବା ସମ୍ଭବ ହେଉନାହିଁ। ଯେଉଁଥିପାଇଁ କି ରାଜଧାନୀରେ ଥିବା ଶତାଧିକ ଘଣ୍ଟା ଦୋକାନ ଏବେ ବନ୍ଦ ହୋଇଗଲାଣି। ଯେଉଁ ପୁରୁଣା ମେକାନିକମାନେ ଘଣ୍ଟା ମରାମତି କରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ଏବେ ବେଉସା ବଦଳାଇଲେଣି। ବାକି



କିଛି ଅଛନ୍ତି ସେମାନେ ବୟସାଧିକ ଯୋଗୁଁ ଘଣ୍ଟା ମରାମତି କରୁନାହାନ୍ତି ବୋଲି କୁହନ୍ତି ବାପୁଜୀନଗର ଅଞ୍ଚଳରେ ଘଣ୍ଟା ମରାମତି କରୁଥିବା ଜଣେ ପୁରୁଣା ଘଣ୍ଟା ମେକାନିକ୍ କହିଛନ୍ତି।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୨୫ ● ପାଉଣ୍ଡ ୧୧୭.୧୨
- ୟୁରୋ ୧୦୧.୬୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୧୫୦ (ଭୁବନେଶ୍ୱର)
- ରୁପା : ୧,୧୮,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୦୬.୦୦
- ନିଫ୍ଟି ୨୪,୮୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଅନ୍‌ଲାଇନ୍ ଗେମିଂରେ ତାଲା; ବନ୍ଦ ହେଲା ଫାଣ୍ଟାସୀ ଗେମ୍ସ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):

ରିଅଲ୍ ମନି ଗେମିଂ ଅର୍ଥାତ୍ ଆରଜିଏମ୍‌କୁ ଡ୍ରଗ୍ସଠାରୁ ବି ଅଧିକ ହାନିକାରକ କୁହାଯାଉଛି। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଏହାଦ୍ୱାରା ଦେଶରେ ଆତ୍ମହତ୍ୟା ବଢୁଛି ଓ ନିମ୍ନ ମଧ୍ୟବିତ୍ତ ପରିବାର ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ପ୍ରମୋସନ ଆଣ୍ଡ ରେଗୁଲେସନ୍ ଅଫ୍ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ଆସିବା ଭାରତର ରିଅଲ୍-ମନି ଗେମିଂ ଶିଳ୍ପରେ ହଇଚଇ ସୃଷ୍ଟି ହୋଇଛି। ବଡ଼ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକ ଟଙ୍କା ଲଗାଯାଉଥିବା ଖେଳଗୁଡ଼ିକୁ ବନ୍ଦ କରିଦେଇଛନ୍ତି । ତେବେ ଆପ୍ ଷ୍ଟୋର ଓ ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଏହି ଆପ୍‌ଗୁଡ଼ିକ ଉପଲବ୍ଧ। ଏହି ନୂଆ ବିଲ୍ ଆସିବା ପରେ ହଠାତ୍ ଏହି ଅନ୍‌ଲାଇନ୍ ଗେମିଂରେ ତାଲା ଲାଗିଯାଇଛି। ବନ୍ଦ ହୋଇଯାଇଛି ଫାଣ୍ଟାସି ଗେମ୍ସ। ଅନ୍‌ଲାଇନ୍ ଗେମିଂର ସବୁ ପ୍ଲାଟଫର୍ମଗୁଡିକ ନୂଆ ଜମା ଉପରେ ରୋକ୍ ଲଗାଇଛନ୍ତି। ଏଥିରେ କମ୍ପାନୀଗୁଡିକ ଜମାକାରୀଙ୍କୁ ସେମାନଙ୍କର ଟଙ୍କା ସୁରକ୍ଷିତ ଥିବା ଏବଂ ତାହା ଫେରସ୍ତ କରିବାର ଭରସା ଦେଇଛନ୍ତି।




ଏକ ଖବର ଅନୁଯାୟୀ, ଭାରତର ବଡ଼ ବଡ଼ ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଯେପରିକି ଡ୍ରିମ୍ ୧୧ର ମୂଳ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ, ଗେମ୍ସ କ୍ରାଫ୍ଟ,ମୋବାଇଲ ପ୍ରିମିୟର ଲିଗ୍(ଏମ୍‌ପିଏଲ୍) ,ଜୁପି ଏବଂ ପ୍ରୋବୋ ଭଳି କମ୍ପାନୀ ସେମାନଙ୍କ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ରିଅଲ ମନି ଗେମ୍‌ଗୁଡ଼ିକୁ ବନ୍ଦ କରିବା ଆରମ୍ଭ କରିଛନ୍ତି। ସଂସଦରେ ଅନଲାଇନ୍ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ଅନୁଯାୟୀ, ଏବେ ଯେ କୌଣସି ଖେଳ ଯେଉଁଥିରେ ଖେଳାଳି ଟଙ୍କା ଜମା କରନ୍ତି ଏବଂ ଜିତିବାକୁ ଆଶା କରନ୍ତି ତାହାକୁ ବେଆଇନ ବୋଲି ବିବେଚନା କରାଯିବ। ଡ୍ରିମ୍ ସ୍ପୋର୍ଟସ୍ ଏହାର ନୂତନ ଆପ୍ସ ଡ୍ରିମ୍ ପିକ୍ସ ଏବଂ ଡ୍ରିମ୍ ପ୍ଲେରେ ଚାଲୁଥିବା ସମସ୍ତ ପେ ଟୁ ପ୍ଲେ ପ୍ରତିଯୋଗିତାକୁ ବନ୍ଦ କରିଦେଇଛି। କମ୍ପାନୀ କହିଛି ଯେ ସମସ୍ତ ଖେଳାଳିଙ୍କ ଟଙ୍କା ସୁରକ୍ଷିତ ଅଛି ଏବଂ ଯେକୌଣସି ସମୟରେ ଡ୍ରିମ୍ ୧୧ ଆପ୍ ରୁ ଉଠାଯାଇପାରିବ। ଆଗାମୀ ସମୟରେ, ଡ୍ରିମ୍ ୧୧ ର ମୁଖ୍ୟ ଆପ୍ ଉପରେ ମଧ ଏହି ପ୍ରତିବନ୍ଧକ ଲଗାଯାଇପାରେ। ଜଣାପଡିଛି ଯେ ଆର୍ଥିକବର୍ଷ ୨୩ ରେ କମ୍ପାନୀ ୧୮୮ କୋଟି ଟଙ୍କା ଲାଭ ଏବଂ ୬,୩୮୪ କୋଟି ଟଙ୍କା ରାଜସ୍ୱ ପଞ୍ଜୀକୃତ କରିଥିଲା।

- ସବୁ ପ୍ଲାଟଫର୍ମ ନୂଆ ଜମା ଉପରେ ଲଗାଇଲେ ରୋକ୍
- ଟଙ୍କା ସୁରକ୍ଷିତ, ଫେରସ୍ତର ଭରସା ଦେଲେ କମ୍ପାନୀ
- ଆପ୍ ଷ୍ଟୋର, ଗୁଗୁଲ୍ ପ୍ଲେ ଷ୍ଟୋରରେ ଏବେ ବି ଗେମିଂ ଆପ୍ ଉପଲବ୍ଧ

ଅନଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ଲାଟ୍‌ଫର୍ମରେ ନିଜ ନିଜ ୱେବସାଇଟ୍‌ରେ ୟୁଜର୍ସଙ୍କ ପାଇଁ ବାର୍ତ୍ତା ଦେଇଛନ୍ତି । ସଂସ୍ଥାଗୁଡିକ ୱେବ୍‌ସାଇଟ୍‌ରେ ଲେଖିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ପରେ ଏବେ କାରବାର ବନ୍ଦ କରିବାକୁ ପଡୁଛି। ତେବେ କମ୍ପାନିଗୁଡିକ ୟୁଜର୍ସମାନଙ୍କୁ ସେମାନଙ୍କ ଟଙ୍କା ସୁରକ୍ଷିତ ଥିବା ଓ ଫେରସ୍ତ କରାଯିବ ବୋଲି ଭରସା ଦେଇଛନ୍ତି। ନୂଆ ଆଇନରେ ସ୍ପଷ୍ଟ କରାଯାଇଛି ଯେ କୌଣସି ପ୍ରକାର ରିୟଲ୍-ମନି ଗେମ୍‌ର ପ୍ରମୋସନ କିମ୍ବା ଟ୍ରାଞ୍ଜେକ୍ସନ ପାଇଁ ଏବେ ଅନୁମତି ଦିଆଯିବନାହିଁ । ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କ ବିରୋଧରେ କଠୋର ଆକ୍ସନ ନିଆଯିବ। ଏପରି କମ୍ପାନୀ ଉପରେ ଏକ କୋଟି ଟଙ୍କାର ଜରିମାନା ଓ ୩ ବର୍ଷ ଯାଏ ଜେଲ୍ ମଧ ହୋଇପାରେ। ଅନ୍ୟପଟେ ପ୍ରମୋଟର୍ସଙ୍କ ଉପରେ ୫୦ ଲକ୍ଷ ଟଙ୍କାର ଜରିମାନା ଓ ୨ବର୍ଷ ଯାଏ ଜେଲ୍ ଦଣ୍ଡ ପ୍ରାବଧାନ କରାଯାଇଛି। ସରକାର ଏହା ବି କହିଛନ୍ତି ଯେ ଇ-ସ୍ପୋର୍ଟ୍ସ ଓ ସୋସିଆଲ୍ ଗେମ୍ସକୁ ପ୍ରୋମୋଟ୍ କରାଯିବ। ଏଥିପାଇଁ ନ୍ୟାସନାଲ୍ ଗେମିଂ କମିଶନ ଗଠନ କରାଯିବ।

## ଅନ୍‌ଲାଇନ୍ ଗେମିଂ ବିଧେୟକ ଆଇନରେ ପରିଣତ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି):ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପାଇବା ପରେ, ଅନଲାଇନ୍ ଗେମିଂ ବିଧେୟକ ଏବେ ଏକ ଆଇନରେ ପରିଣତ ହୋଇଛି। ଏବେ ରିଅଲ ମନି ଖେଳ ଉପରେ ପ୍ରତିବନ୍ଧକ ଲାଗିଯିବ। ସଂସଦରେ ଗୃହୀତ ହେବାର ଗୋଟିଏ ଦିନ ପରେ, ଅନଲାଇନ୍ ଗେମିଂ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଏବେ ଏହା ଏକ ଆଇନରେ ପରିଣତ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର କାର୍ଯ୍ୟକାରୀ ତାରିଖ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରାଯିବ। ଏହି ଆଇନ ଅନୁଯାୟୀ, ସମସ୍ତ ପ୍ରକାରର ଟଙ୍କା ଖେଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ, ଯେତେବେଳେ କି ସରକାର ଇ-କ୍ରୀଡା ଏବଂ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବେ। କେନ୍ଦ୍ର ସରକାର କହିଛନ୍ତି ଯେ ଅନଲାଇନ୍ ଟଙ୍କା ଖେଳ ଆଜି ଏକ ଗମ୍ଭୀର ସାମାଜିକ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଏଗୁଡ଼ିକ କେବଳ ଯୁବପିଢ଼ିଙ୍କ ମଧ୍ୟରେ ନିଶା ଏବଂ ଆର୍ଥିକ ନଷ୍ଟ ବୃଦ୍ଧି କରିନାହିଁ, ବରଂ ସମାଜ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନଲାଇନ୍ ଟଙ୍କା ଖେଳ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ପାଲଟିଛି। ପରିବାରର ସଞ୍ଚୟ ନଷ୍ଟ ହେଉଛି, ଅନେକ ଯୁବକ ମାନସିକ ବିକାର, ହିଂସାତ୍ମକ ଆଚରଣ ଏବଂ ବାଧ୍ୟତାମୂଳକ ଗେମିଂ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ନିଶା ଦ୍ୱାରା ୪୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ଏଥିରେ ୨୦,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ବୋଲି ଆକଳନ କରାଯାଇଛି। ସେ ଏହା ମଧ କହିଛନ୍ତି- ଏହା କେବଳ ନିଶା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ମନି ଲଣ୍ଡରିଂ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଣର ମାମଲା ମଧ ସାମ୍ନାକୁ ଆସିଛି। ସଂସଦରେ ବିଲ୍ ପାସ୍ ହେବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏହି ଆଇନ ସମାଜକୁ ଅନଲାଇନ୍ ମନି ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ। ଏହା ଭାରତକୁ ଇ-କ୍ରୀଡା, ନବସୃଜନ ଏବଂ ସୃଜନଶୀଳତାର ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବାରେ ମଧ ସାହାଯ୍ୟ କରିବ। ମୋଦି କହିଥିଲେ, ସରକାର ଚାହାଁନ୍ତି ଯେ ଭାରତରେ ଗେମ୍ ବିକାଶ ଶିଳ୍ପକୁ ପ୍ରୋତ୍ସାହିତ କରାଯାଉ ଏବଂ ଯୁବପିଢ଼ିଙ୍କ ସୃଜନଶୀଳତାକୁ ଠିକ୍ ଦିଗରେ ବ୍ୟବହାର କରାଯାଉ।

**ବିଲ୍‌କୁ ରାଷ୍ଟ୍ରପତି ଦେଲେ ମଞ୍ଜୁରୀ**

# ଅଗଷ୍ଟ ୨୭ରେ 'ଭାରତ ପ୍ରତିଭା' ସମ୍ମାନ

କଟକ, ୨୨।୮ (ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ନିଜର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଭାରତ ମସଲା ତାର ୨୬ବର୍ଷ ପୂର୍ତ୍ତି ଆସନ୍ତା ୨୭ ଗଣେଶ ଚତୁର୍ଥୀ ଦିନ ପାଳନ ହେବାକୁ ଯାଉଛି। ବାରଙ୍ଗ ରାମଦାସପୁରସ୍ଥିତ ଭାରତ ମସଲା ପରିସରରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ନାଁକୁ ଦେଶ ବିଦେଶରେ ପ୍ରତିଷ୍ଠିତ କରାଇଥିବା ପ୍ରତିଭାମାନଙ୍କୁ ସେହିଦିନ ସମ୍ବର୍ଦ୍ଧିତ କରାଯିବ। ୧୯୭୧ରେ କାର୍ଗିଲରେ ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧକୁ ଲମ୍ଫ ଦେଇଥିବା ପୂର୍ବତନ ଭାରତୀୟ ସେନାଧିକାରୀ କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ 'ଭାରତ ଗୌରବ' ସମ୍ମାନ ପ୍ରଦାନ କରାଯିବ। ସେହିପରି ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଥିବା ଡିଏଭି ସ୍କୁଲର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥିଙ୍କୁ 'ସେବା ଭାରତ', ପଞ୍ଚାୟତରାଜ ବ୍ୟବସ୍ଥା ଓ ଗାନ୍ଧୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ସନ୍ଦର୍ଭ ଲେଖି ଚର୍ଚ୍ଚାରେ ଥିବା ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରାଙ୍କୁ 'କଥା ଭାରତ', ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଡ. ଶ୍ୱେତକୁମାର ଦାଶଙ୍କୁ 'ସଂସ୍କୃତି ଭାରତ, ଏସିଆନ୍ କ୍ରୀଡାରେ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିବା କିଶୋର ଜେନାଙ୍କୁ 'କ୍ରୀଡା ଭାରତ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି ।ସେହିପରି ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବା ପାଇଁ +୨ କଳା, ବାଣିଜ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଯଥାକ୍ରମେ ଶୀର୍ଷସ୍ଥାନ ଅଧିକାର କରିଥିବା ପ୍ରିୟଦର୍ଶିନୀ ଗଡନାୟକ, ଆର୍ଚ୍ଛି ଚିନ୍ମୟୀ ପ୍ରଧାନ ଓ ତପେଶ୍ୱର ବାଗଙ୍କୁ 'ବିଦ୍ୟା ଭାରତ' ସମ୍ମାନରେ ସମ୍ମାନିତ କରାଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପ୍ରତିଭାଧାରୀ ମାନଙ୍କୁ ନଗଦ ଅର୍ଥ ରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷତା କରୁଥିବା ଜୟଭାରତ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି। ଏସ୍.ଏନ୍ ମିଲେନିୟମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭାରତ ମସଲାର ଜିଏମ୍ (ଅପରେସନ) ଅରୁଣ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ (ପ୍ରଡକସନ୍) ନବକୃଷ୍ଣ ପ୍ରଧାନ, ପିଆର୍‌ଓ ଆଶିସ ମଣ୍ଟନ ପ୍ରମୁଖ ସହଯୋଗ କରିଥିଲେ ।




- ୨୬ ବର୍ଷରେ ଭାରତ ମସଲା
- କ୍ୟାପ୍‌ଟେନ୍ ଦୁର୍ଯ୍ୟୋଧନ ମହାନ୍ତି ପାଇବେ 'ଭାରତ ଗୌରବ' ସମ୍ମାନ

# ଟ୍ରମ୍ପ ଶୁଳ୍କକୁ ଚ୍ୟାଲେଞ୍ଜ: ମଜଭୁତ ହେଉଛି ଭାରତ-ବ୍ରାଜିଲ ତୈଳ ସମ୍ପର୍କ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ପରେ ଏହି ଘଟଣା ଭାରତ ଏବଂ ବ୍ରାଜିଲକୁ ତୈଳ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବାକୁ ପ୍ରେରଣା ଦେଉଛି। କାରଣ ନୂଆଦିଲ୍ଲୀ ସମ୍ପ୍ରତି ରୁଷୀୟ ତୈଳର ବିକଳ୍ପ ଖୋଜୁଛି। ଯେତେବେଳେ କି ବ୍ରାଜିଲ ଏହାର ବର୍ଦ୍ଧିତ ଅଶୋଧିତ ତୈଳ ଉତ୍ପାଦନ ପାଇଁ ନୂତନ ବଜାର ସନ୍ଧାନରେ ଅଛି। ଏସ୍‌ଆଣ୍ଡପି ଗ୍ଲୋବାଲ୍ କମୋଡିଟି ଇନସାଇଟ୍ସର ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଇତିମଧ୍ୟରେ ବ୍ରାଜିଲ୍‌ରୁ ଭାରତକୁ ତୈଳ ଆମଦାନୀରେ ୭୫% ବୃଦ୍ଧି ପରିଲକ୍ଷିତ ହୋଇଛି।



ଭାରତରେ ରୁଷୀୟ ତୈଳ ପ୍ରବାହ ଜାରି ରହିଛି, କିନ୍ତୁ ଭାରତୀୟ ରିଫାଇନାରୀମାନେ ସେମାନଙ୍କର ଉତ୍ସଗୁଡ଼ିକୁ ବିବିଧ କରି ସବୁଠାରୁ ତୈଳ ଆମଦାନୀ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏପରି ଏକ ପଦକ୍ଷେପ ଯାହା ଭାରତକୁ ବ୍ରାଜିଲୀୟ ଅଶୋଧିତ ତୈଳ ପ୍ରବାହକୁ ଖୁବ୍ ଉପରକୁ ନେଇଯାଇପାରେ, ଯାହା ୨୦୨୫ ର ପ୍ରଥମାର୍ଦ୍ଧରେ ସମସ୍ତ ଯୋଗାଣକାରୀଙ୍କ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ଥିଲା। ତେବେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏଥିରେ ଆହୁରି ବୃଦ୍ଧି ଘଟିଛି। ମାଲ ପରିବହନ, ମଧ୍ୟସ୍ଥତା ସୁଯୋଗ ଏବଂ ଅତିରିକ୍ତ କାର୍ଗୋର ଉପଲବ୍ଧତା ଭାରତୀୟ ବିଶୋଧନାକାରୀଙ୍କ ମଧ୍ୟରେ ବ୍ରାଜିଲୀୟ ଅଶୋଧିତ ତୈଳର ବାଣିଜ୍ୟିକ କାର୍ଯ୍ୟକ୍ଷମତା ନିର୍ଣ୍ଣୟ କରିବ, ଭାରତ ଏବଂ ବ୍ରାଜିଲ ସରକାରଙ୍କ ମଧ୍ୟରେ ବଢୁଥିବା କୂଟନୈତିକ ପ୍ରୟାସ ସକାରାତ୍ମକ ଫଳାଫଳ ଆଣିବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବ୍ରାଜିଲିଆନ୍ ଅଶୋଧିତ ତୈଳର ପ୍ରାଥମିକ କ୍ରେତା ହୋଇଛନ୍ତି। ଭାରତ ଦକ୍ଷିଣ ଆମେରିକୀୟ ଦେଶରୁ ଅଶୋଧିତ ତୈଳ ଆମଦାନୀ କିପରି ବୃଦ୍ଧି କରିପାରିବ ଏବଂ ଅଫଶୋର ଗଭୀର ଏବଂ ଅତି-ଗଭୀର ଜଳ ଅନୁସନ୍ଧାନ ଏବଂ ଉତ୍ପାଦନ ପ୍ରକଳ୍ପରେ ସହଯୋଗ ପାଇଁ ସୁଯୋଗ ଅନୁସନ୍ଧାନ କରିପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିକଟରେ ବ୍ରାଜିଲ ଗସ୍ତ କରିଥିଲେ।

**ବ୍ରାଜିଲ୍‌ରୁ ତୈଳ ଆମଦାନୀ ୭୫% ବୃଦ୍ଧି**

# ବ୍ରିଟିଶ ଶିଳ୍ପପତି ଲର୍ଡ୍ ସ୍ୱରାଜ ପଲ୍‌ଙ୍କ ନିଧନ

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ କିମ୍ବଦନ୍ତୀ ବ୍ରିଟିଶ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଦେହାନ୍ତ ଘଟିଛି। ୯୪ ବର୍ଷ ବୟସରେ ପଲ୍ ଦୀର୍ଘ ଅସୁସ୍ଥତାରେ ପୀଡିତ ଥିଲେ। ହାଉସ୍ ଅଫ୍ ଲର୍ଡସ୍ ସଦସ୍ୟ ସ୍ୱରାଜ ପଞ୍ଜାବର ଜଳନ୍ଧରର ବାସିନ୍ଦା। ପଲ୍ ବ୍ୟବସାୟ ଏବଂ ଅର୍ଥ କ୍ଷେତ୍ରରେ ସଫଳ ଥିଲେ, କିନ୍ତୁ ତାଙ୍କ ପରିବାର ସବୁବେଳେ ଦୁଃଖରେ ଘେରି ରହୁଥିଲା। ୨୦୧୫ ମସିହାରେ ତାଙ୍କ ପୁଅ ଅଙ୍ଗଦ ପଲ ୮ମ ମହଲାରୁ ପଡ଼ି ମୃତ୍ୟୁବରଣ କରିଥିଲେ। ୨୦୨୨ ମସିହାରେ ତାଙ୍କ ପତ୍ନୀ ଅରୁଣାଙ୍କ ମଧ ଦେହାନ୍ତ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସ୍ୱରାଜ ପଲ ୧୯୩୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ ବୟସରେ ଲଣ୍ଡନ ଚାଲିଯାଇଥିଲେ। ସେଠାରେ କାପାରୋ ଗ୍ରୁପ୍ ଆରମ୍ଭ କରିଥିଲେ। ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ ଅନୁଯାୟୀ, ସେ ବ୍ରିଟେନର ଧନୀମାନଙ୍କ ତାଲିକାରେ ସାମିଲ ଅଛନ୍ତି। ଏହି ବର୍ଷ ସେ ଧନୀ ତାଲିକାର ୮୧ତମ ସ୍ଥାନ ହାସଲ କରିଛନ୍ତି। ୨ ବିଲିୟନ ପାଉଣ୍ଡ ଅର୍ଥାତ୍ ପ୍ରାୟ ୨୧୦୦୦ କୋଟି ଟଙ୍କାର ସମ୍ପତ୍ତି ସହିତ, ସେ ବ୍ରିଟେନ୍‌ରେ ନିଜର ଦବ୍‌ଦବା ଜାହିର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଜ ପଲଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ପୁରୀରେ ଭାରତୀୟ ଟୁର୍ ଅପରେଟର୍ ସଂଘ ସମ୍ମିଳନୀ ଆରମ୍ଭ

## ଯୋଗଦେଲେ ୧୭ ରାଜ୍ୟର ଏକହଜାର ଟୁର୍ ଅପରେଟର୍




ଭୁବନେଶ୍ୱର,୨୧।୮ (ସମିସ)

ପୁରୀରେ ଆରମ୍ଭ ହୋଇଛି ପର୍ଯ୍ୟଟନ ମହାକୁମ୍ଭ। ଭାରତୀୟ ଟୁର୍ ଅପରେଟର ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୧୭ଟି ରାଜ୍ୟରୁ ଟୁର୍ ଅପରେଟର, ଟ୍ରାଭେଲ୍ ଏଜେଣ୍ଟ, ହୋଟେଲିୟର, ଟୁରିଷ୍ଟ ଟ୍ରାନ୍ସପୋର୍ଟ ଅପରେଟର ପ୍ରମୁଖ ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଯୋଗଦେଇଥିଲେ।

ଏଥିରେ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଡ. ଜେ.କେ ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଲେ, ଓଡ଼ିଶା ଏପରି ଏକ ଭୂମି ଯାହାର କୌଣସି ପରିଚୟର ଆବଶ୍ୟକତାନାହିଁ। ଏହା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରକୃତି ନିର୍ବିଶେଷରେ ମିଶ୍ରିତ। ପୁରୀର ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଚମତ୍କାରଠାରୁ ଆରମ୍ଭ କରି ଖଣ୍ଡଗିରି ଏବଂ ଉଦୟଗିରିର ପ୍ରାଚୀନ ଗୁମ୍ଫା, ଏସିଆର ସର୍ବବୃହତ ଲୁଣିଆ ଜଳାଭୂମୀ ଚିଲିକା ହ୍ରଦଠାରୁ ଆରମ୍ଭ କରି ସିମିଳିପାଳ ଏବଂ ଭିତରକନିକାର ବନ୍ୟପ୍ରାଣୀ ସମ୍ପଦ ପର୍ଯ୍ୟନ୍ତ, ଓଡ଼ିଶା ଆକର୍ଷଣର ଏକ ଅତୁଳନୀୟ ବିବିଧତା ପ୍ରଦାନ କରେ। ପ୍ରକୃତରେ, ଓଡ଼ିଶା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଉଜ୍ଜ୍ୱଳ ଭାବରେ ଝଲସାଇବାକୁ ଅପେକ୍ଷା କରିଥିବା ଏକ ଲୁକ୍କାୟିତ ରତ୍ନ। ପୂର୍ବରୁ ଦୁଇଥର ଓଡ଼ିଶାରେ ଏହାର ସମ୍ମିଳନୀ ଆୟୋଜନ କରିଛି । ୨୦୦୮ ଏବଂ ପୁଣି ୨୦୧୭ରେ। ଉଭୟ ଥର, ରାଜ୍ୟକୁ ପ୍ରଚଣ୍ଡ ଦୃଶ୍ୟମାନତା, ନିବେଶ ଏବଂ ଆନ୍ତର୍ଜାତୀୟ ଦୃଷ୍ଟି ମିଳିଥିଲା। ଆଜି ତୃତୀୟ ଥର ପାଇଁ, ଓଡ଼ିଶା ଆପଣମାନଙ୍କୁ ସମସ୍ତଙ୍କୁ ଆତିଥ୍ୟ କରିବାର ଗୌରବ ପାଇଛି, ଏବଂ ଆମେ ନିଶ୍ଚିତ ଯେ ଏହି ୪୦ତମ ସମ୍ମିଳନୀ ନୂତନ ମାନଦଣ୍ଡ ସ୍ଥାପନ କରିବ ଏବଂ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ସାଧାରଣ ଜନତାଙ୍କ ସ୍ୱର ସାଜିଛି ଗୋଷ୍ଠୀ ବେତାର

# ଲୋକାଲ୍ ରେଡିଓ ୮୮.୮ ଏଫ୍‌ଏମ୍ ଲୋକାର୍ପିତ

ଭୁବନେଶ୍ୱର,୨୨।୮ (ସମିସ)

ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟଙ୍ଗ ଇଣ୍ଡିଆ ପକ୍ଷରୁ ଗୋଷ୍ଠୀ ବେତାର କେନ୍ଦ୍ର 'ଲୋକାଲ ରେଡ଼ିଓ' ୮୮.୮ ଏଫ୍.ଏମ.ର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ ଇଣ୍ଡିଆ ପକ୍ଷରୁ ଗତ ୨୦୧୦ ମସିହାରେ କୋଣାର୍କରେ ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାର ପ୍ରତିଷ୍ଠା କରାଯାଇଥିଲା। ୟଙ୍ଗ ଇଣ୍ଡିଆର ଏହା ଦ୍ୱିତୀୟ ପଦକ୍ଷେପ। 'ଲୋକାଲ ରେଡ଼ିଓ' ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀର ସାଧାରଣ ଜନତାଙ୍କ ସ୍ୱର ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଲୋକାର୍ପଣ ଉତ୍ସବର ପ୍ରଥମ ଅଧିବେଶନରେ ପିରାମଲ୍ ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ବି.ଏନ୍.ଦୁର୍ଗାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଆକ୍ସନ୍‌ଏଡ୍‌ର ସହନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ସାଧାରଣ ଜନତାଙ୍କ ସ୍ୱର ସାଜିଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ନମସ୍କାରର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସଂପ୍ରତି ଗୋଷ୍ଠୀ ବେତାର କେନ୍ଦ୍ରର ସାମାଜିକ ପ୍ରଭାବ ସୁଦୂରପ୍ରସାରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଧିବେଶନରେ ୟଙ୍ଗ ଇଣ୍ଡିଆ ଓ ରେଡ଼ିଓ ନମସ୍କାରର ପ୍ରତିଷ୍ଠାତା ଏନ୍.ଏ.ଶାହଃ ଅନସାରୀ ଦ୍ୱୈତ ନଗରୀବାସୀଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ 'ଲୋକାଲ ରେଡ଼ିଓ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ରେଡ଼ିଓ ନମସ୍କାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିପୁଣ ଓଡ଼ିଶା ଅଭିଯାନ'ର ରିପୋର୍ଟକୁ ଅତିଥିମାନନେ ଉନ୍ମୋଚନ କରିଥିଲେ। ନିପୁଣ ଓଡ଼ିଶା ଅଭିଯାନର ସଫଳ ରୂପାୟନ ସଂପର୍କରେ ଯୁବ ଗବେଷକ ଅନ୍ଦାଜ ଆରନ୍ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କମ୍ୟୁନିଟି ରେଡ଼ିଓ ଅଫ୍ ଓଡ଼ିଶାର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ପ୍ରବକ୍ତା ଏସ୍.ଏ.ସଫିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡି.ଏନ୍. ଜେନା, ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିବେଶୀ ରେଡ଼ିଓ ସାଥୀ 'ରେଡ଼ିଓ ଆଉଟ୍ ରିଚ୍', 'ରେଡ଼ିଓ ଜୁହାର', 'ରେଡ଼ିଓ ସମ୍ପର୍କ', 'ରେଡ଼ିଓ ମହକ', 'ରେଡ଼ିଓ ଗାର୍ଡେନ', 'ରେଡ଼ିଓ ସ୍ୱରାଜ' ଓ 'ରେଡ଼ିଓ ନମସ୍କାର'କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ସମାଜସେବୀ କୁମୁଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଲୋକାଲ ରେଡ଼ିଓର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, ଏସ୍. କାଜଲ, ଏମ୍. ନିୟାଜ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ନିହାର ରଞ୍ଜନ ବେଉରା ଓ ଜ୍ଞାନ ରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।





## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୯୨୨-ସ୍ପେନ୍ ବିପକ୍ଷରେ ମରକ୍କୋରେ ବିଦ୍ରୋହ ।
- ୧୯୪୭- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶର ଉପ ପ୍ରଧାନମନ୍ତ୍ରୀ ହେଲେ ।
- ୧୯୭୬- ଚୀନ୍‌ରେ ଭୂମିକମ୍ପ ଯୋଗୁଁ ହଜାରେ ଲୋକଙ୍କ ମୃତ୍ୟୁ ।
- ୧୯୯୫- ଦେଶର ପ୍ରଥମ ସେଲୁଲାର ଫୋନ୍‌କୁ କଲିକତାରେ ବ୍ୟବସାୟିକ ପ୍ରବେଶ କରାଗଲା ।
- ୨୦୦୮ - ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ନିଜ ପଦବୀରୁ ଇସ୍ତଫା ଦେଲେ ।

## ଆଜି ବାହୁଡ଼ିଥିଲେ: ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ



ସ୍ୱାଧୀନତା ପାଇଁ ଯେତେବେଳେ ବ୍ରିଟିଶମାନଙ୍କ ସହ ଭାରତୀୟମାନେ ଲଢୁଥିଲେ ସେହି ସମୟରେ ଓଡ଼ିଶାରେ ଯେଉଁ କେତେଜଣ ନାରୀ କବିଙ୍କ ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ଥିଲେ । ଏକାଧାରରେ ସେ ଥିଲେ ଜଣେ ଲେଖିକା, ସମ୍ପାଦିକା, ସେବିକା, ସଂସ୍କାରକ ଓ ବିପ୍ଳବୀ । ତାଙ୍କ ଲେଖାରେ ଥିବା ଆହ୍ୱାନ ସମସ୍ତଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଉଥିଲା । ଜାତିଆଣ ଭାବ ଓ ବାଲ୍ୟବିବାହ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ । ପେସାରେ ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଲେଖାଲେଖିରେ ତାଙ୍କର ଗଭୀର ରୁଚି ଥିଲା । ଓଡ଼ିଶାର ସେ ପ୍ରଥମ ମହିଳା ଡାକ୍ତର ଥିଲେ । ସ୍ୱଳ୍ପ ଅବଧିର ଜୀବନ କାଳରେ ସେ ସୃଷ୍ଟି କରିଥିଲେ ଏକାଧିକ ମର୍ମସ୍ପର୍ଶୀ କାବ୍ୟଗ୍ରନ୍ଥ, ଉପନ୍ୟାସ ଓ ପ୍ରବନ୍ଧ । ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟ ବିବାହ ଓ ଲିଙ୍ଗଗତ ବାଛବିଚାର ବିରୋଧରେ ସେ ଲେଖୁଥିଲେ । ଏହାଛଡ଼ା ବିଧବା ବିବାହ ଓ ନାରୀ ସଶକ୍ତୀକରଣ ନିମନ୍ତେ ସେ କାମ କରୁଥିଲେ । ତାଙ୍କ ରଚିତ ପ୍ରଥମ କବିତା 'ତାରାପତି' ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା । ତାଙ୍କ ଚର୍ଚ୍ଚିତ କବିତାଗୁଡ଼ିକ ମଧ୍ୟରେ ଥିଲା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଆହ୍ୱାନ', 'ଅଭିଶପ୍ତର ଅଭିମାନ', 'ପୂଜା' ଏବଂ 'ଶେଫାଳି ପ୍ରତି' । କେବଳ କବିତା ନୁହେଁ, 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳୀ ବୋହୂ', 'ପରଶମଣି', 'ରଘୁ ଅରକ୍ଷିତ' ଆଦି ଅନେକ ସଫଳ ଉପନ୍ୟାସର ମଧ୍ୟ ଥିଲେ ସ୍ରଷ୍ଟା । ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ । ହିନ୍ଦୀ ଓ ଇଂରାଜୀରେ ମଧ୍ୟ ସେ ଲେଖୁଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ବକ୍ତୃତା ଦେବା ନିମନ୍ତେ ନିମନ୍ତ୍ରିତ ହୋଇଥିଲେ । ଓଡ଼ିଆ ଭାଷାର ଉନ୍ନତି କଳ୍ପେ ସେ ଦିଲ୍ଲୀରେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢ଼ିଥିଲେ । ୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି' ତାଙ୍କୁ ଉତ୍କଳ ଭାରତୀ ନାମରେ ସମ୍ମାନିତ କରିଥିଲେ । ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା । ୧୯୦୧ ମସିହା ଫେବୃଆରୀ ୮ ତାରିଖରେ କୁନ୍ତଳା, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତରର (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା) ଜଗଦଳପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ, ସେ ଜଣେ ଡାକ୍ତର ଥିଲେ । ଏଥିପାଇଁ ପିତାଙ୍କ ସହ ସୁଦୂର ବର୍ମାରେ ସେ କିଛି କାଳ ରହିଥିଲେ । ଶୈଶବ ଓ କୈଶୋର ତାଙ୍କର କଟିଥିଲା ବର୍ମାର ଅଣଓଡ଼ିଆ ପରିବେଶରେ । ତେଣୁ ସେ ଆରମ୍ଭରୁ ହିନ୍ଦୀ ଭାଷା ସହିତ ପରିଚିତ ହେଲେ । ତେବେ ଘରୋଇ ଉଦ୍ୟମରେ 'ମଧୁ ବର୍ଣ୍ଣବୋଧ', 'ଶିଶୁପାଠ', 'ସାହିତ୍ୟ କୁସୁମ', 'ସାହିତ୍ୟ ତରଙ୍ଗ' ଆଦିର ସହାୟତାରେ ସେ ଓଡ଼ିଆ ଶିଖିଲେ । ପରେ ସେ ମା'ଙ୍କ ସହ ଖୋର୍ଦ୍ଧା ଆସିଥିଲେ । ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ) ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ । ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ । ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୮ ଅଗଷ୍ଟ ୧୯୨୮ ମସିହାରେ ବିବାହ କରିଥିଲେ । ବହୁମୁଖୀ ପ୍ରତିଭାର ଅଧିକାରିଣୀ କୁନ୍ତଳା କୁମାରୀଙ୍କର ମାତ୍ର ୩୭ ବର୍ଷ ବୟସରେ ୧୯୩୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା ।


## ସୂର୍ଯ୍ୟକିରଣ ଓ ଟେକ୍ନୋଲୋଜିଠୁ ଦୂରରେ ପାତାଳକୋଟ



ପ୍ରାଚୀନ ଗ୍ରନ୍ଥଓ ପୁରାଣଗୁଡ଼ିକରେ ପାତାଳକୁ ଏକ ରହସ୍ୟମୟ ଏବଂ ଆଶ୍ଚର୍ଯ୍ୟଜନକ ଦୁନିଆ ଭାବରେ ବର୍ଣ୍ଣନା କରାଯାଇଛି । ଏହା ପୃଥିବୀ ତଳେ ଅବସ୍ଥିତ ବୋଲି କୁହାଯାଏ । ଏହି କ୍ରମରେ ମଧ୍ୟପ୍ରଦେଶ, ଛିନ୍ଦୱାଡା ଜିଲ୍ଲାର ଏକ ସ୍ଥାନ ପାତାଳ ଲୋକଠାରୁ କିଛି କମ୍ ନୁହେଁ । ଏହାର ନାଁ ପାତାଳକୋଟ । ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ପାତାଳ ଲୋକ ନାଁରେ ଜାଣନ୍ତି । ଏହି ସ୍ଥାନଟି ସମୁଦ୍ର ପତ୍ତନଠାରୁ ପାଖାପାଖି ୧୨୦୦ରୁ ୧୫୦୦ ଫୁଟ ତଳେ ଅବସ୍ଥିତ । ଆଜିକାଲିର ୫ଜି ଯୁଗରେ ବି ଏଠାକାର ଲୋକେ ଟେକ୍ନୋଲୋଜିଠାରୁ ବହୁ ଦୂରରେ । ଏବେ ବି ସେମାନେ ସେମାନଙ୍କର ପରମ୍ପରା ଏବଂ ପ୍ରକୃତି ସହିତ ସମନ୍ୱୟ ରଖି ଜୀବନଯାପନ କରୁଛନ୍ତି । ତେବେ ପାତାଳକୋଟରେ ୧୨ଟି ଛୋଟ ଛୋଟ ଗାଁ ରହିଛି । ତନ୍ମଧ୍ୟରୁ ୩ଟି ଗାଁ ଏମିତି ରହିଛି ଯେଉଁଠି ସକାଳ ବି ସଂନ୍ଧ୍ୟା ଭଳି ଲାଗିଥାଏ । କାରଣ ଏହି ଗାଁଗୁଡ଼ିକରେ ସୂର୍ଯ୍ୟାଲୋକ ପଡ଼ି ନ ଥାଏ । ମୁଖ୍ୟତଃ ପାତାଳକୋଟରେ ଗୋଣ୍ଡ ଏବଂ ଭାରିୟା ଜନଜାତିର ଲୋକେ ବସବାସ କରନ୍ତି । ଏଠାକାର କିଛି ଲୋକ ଚାଷ କାମ କରି ଜୀବନ ନିର୍ବାହ କରୁଥିବାବେଳେ ଆଉ କିଛି ଲୋକେ ଜଙ୍ଗଲଜାତ ଜିନିଷ ଓ ଜଡ଼ିବୁଟି ବିକ୍ରିକରି ଦୁଇ ପଇସା ଉପାର୍ଜନ କରିଥାନ୍ତି । ସବୁଠୁ ଭଲ କଥା ହେଉଛି, ପେଟ ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉ କି ଶର୍କରା ସମସ୍ୟା, ସମସ୍ତ ରୋଗର ଉପଶମ ପାଇଁ ଏମାନଙ୍କ ପାଖେ ଜଡ଼ିବୁଟି ରହିଛି । ଏହାବାଦ୍ ପାତାଳକୋଟରେ ଏକ ସୁନ୍ଦର ଝରଣା ରହିଛି । ଏହି ଝରଣାର ପାଣିକୁ ହିଁ ଏଠାକାର ଲୋକେ ପିଇବା ଓ ଖାଦ୍ୟ ରାନ୍ଧିବା ପାଇଁ ବ୍ୟବହାର କରିଥାନ୍ତି । ସବୁଠୁ ବଡ଼ କଥା ହେଉଛି ଏହି ୧୨ଟି ଗାଁର ଲୋକଙ୍କର ବାହାର ଦୁନିଆ ସହିତ ଏତେଟା ସମ୍ପର୍କ ନ ଥିବାରୁ କରୋନା ମହାମାରୀ ସମୟରେ ଏଠାରେ ଗୋଟିଏ ବି କୋଭିଡ୍ ମାମଲା ଦେଖିବାକୁ ମିଳି ନଥିଲା ।

## ସୁଗ୍ରୀବ ଭୂମିକାରେ ଅମିତ

ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି ନୀତେଶ ତିୱାରୀଙ୍କ 'ରାମାୟଣ' । 'ରାମାୟଣ'ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ୍, ଲକ୍ଷ୍ମଣ ଭୂମିକାରେ ରବି ଦୁବେ, ହନୁମାନ ଭୂମିକାରେ ସନ୍ନି ଦେଓ୍ୱଲ, କୈକେୟୀଙ୍କ ଭୂମିକାରେ ଲାରା ଦତ୍ତା ନଜର ଆସିବେ । ନମିତ ମଲହୋତ୍ରା ଓ ଯଶ୍‌ଙ୍କ ପ୍ରଯୋଜିତ ଏହି ଫିଲ୍ମ ଭାରତୀୟ ଚଳଚ୍ଚିତ୍ର ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି । ଏବେ 'ରାମାୟଣ'ରେ ଆଉ ଜଣେ ଆଗଧାଡ଼ିର ଅଭିନେତାଙ୍କ ଏଣ୍ଟ୍ରି ହୋଇଛି । 'ମହାରାନୀ' ୱେବ୍ ସିରିଜ୍, ଅଜୟ ଦେବଗନଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରେଡ୍-୨' ରେ ଅଭିନୟ କରିଥିବା ଅମିତ ସିୟାଲ ଏବେ 'ରାମାୟଣ'ରେ ସୁଗ୍ରୀବଙ୍କ ଭୂମିକାରେ ଦେଖାଯିବେ । ଦିନକୁ ଦିନ 'ରାମାୟଣ'ରେ କଳାକାରଙ୍କ ସଂଖ୍ୟା ବଢ଼ି ଚାଲିଛି । ନିୟମିତ ବ୍ୟବଧାନରେ ନୂଆ ନୂଆ କଳାକାରମାନଙ୍କ ଏଣ୍ଟ୍ରି ହେଉଛି । ତେବେ ୨୦୨୬ ଦୀପାବଳିରେ 'ରାମାୟଣ'ର ପ୍ରଥମ ପାର୍ଟ ଓ ୨୦୨୭ ଦୀପାବଳିରେ ଏହାର ଦ୍ୱିତୀୟ ପାର୍ଟ ଆସିବ ।



## ଆସ ପ୍ରଭୁ ଗଣନାଥ



ଭୋଦୁଅ ମାସର ଚତୁର୍ଥୀ ତିଥିରେ
ଆସ ପ୍ରଭୁ ଗଣନାଥ,
ଜାତି ଜାତି ଫୁଲ ଚାହିଁ ବସିଛନ୍ତି
ତୁମ ଆସିବାର ପଥ ।
ଶୁଖି ଯାଇଅଛି ମାଟିର ସଡ଼କ
ନାହିଁ ଓଦା ପଚା ସଢ଼ା,
ତୁମ ଆସିବାର ଆଗମନ ଜାଣି
ତୋରଣ ହେଲାଣି ଗଢ଼ା ।
ଆଲୋକ ମାଳାରେ ସଜା ହୋଇଲାଣି
ସହର ବଜାର ଗାଆଁ,
ପୂରୁବ ଦିଗରେ ସୂରୁଜ ଦେବତା
ଉଇଁଲେଣି ଛାଆଁ ଛାଆଁ ।
ପୂଜା ମଣ୍ଡପକୁ ସଜଉଛୁ ଆମେ
ବିବିଧ ରଙ୍ଗରେ ମାଖି,
ଦେଖି ଦେଲେ ଥରେ ନୂଆ ବାଟୋଇର
ଝଲସି ଉଠିବ ଆଖି ।
ସୁନାରେ, ଚାନ୍ଦିରେ ମେଢ଼ ଗଢୁଅଛି
ଶିଳିପି ନ ଶୋଇ ରାତି,
ଜାତି ଜାତି ଫୁଲ କାନରେ କହୁଛି
ଭଅଁର ସକାଳୁ ନିତି ।
ଧୂପ, ଦୀପ, ଲଡ୍ଡୁ, କଦଳୀ, ନଡ଼ିଆ
ସଜ ହୋଇଲାଣୀ ଯେତେ,
ଚନ୍ଦନ, କର୍ପୂର ମନ୍ଦାର ମାଳକୁ
ଯୋଗାଡ଼ କରିଛି କେତେ ।
ପାଦ ଦିଅ ଥରେ ମରତ ମାଟିରେ
ମରତର ହେଉ ଶୁଭ,
ସକଳ ପ୍ରାଣୀକୁ ଦିଅ ବୁଦ୍ଧି ବିଦ୍ୟା
ଦିଅ ମନେ ଭକ୍ତି ଭାବ ।■




ତପନ କୁମାର ସ୍ୱାଇଁ
ଅଇବିଲି, ତିର୍ତ୍ତୋଲ
ଜଗତସିଂହପୁର
ମୋ - ୯୦୪୦୦୩୩୩୯୦


## ଆସୁଛି ଗଣେଶ ପୂଜା




ରାମଚନ୍ଦ୍ର ବେହେରା


ଭୋଦୁଅ ଶୁକଳ ପୂଣ୍ୟ ଚତୁର୍ଥୀରେ
ଆସୁଛି ଗଣେଶ ପୂଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହେଉଅଛି ସାଜସଜା ।
ସ୍କୁଲ ଫାଟକରୁ ଶ୍ରେଣୀଗୃହ ତକ
ଦିଶେ ସ୍ୱଚ୍ଛ ଶୋଭାବନ
ରଙ୍ଗୀନ ଜରୀର ଅପୂର୍ବ ତୋରଣ
କିଣିନିଏ ସର୍ବ ମନ ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ପିନ୍ଧିବେ ଗଜରା ମାଳ
ନାନା ଜାତି ଫଳ ରାଶିଲଡ୍ଡୁ ଭୋଗ
ଲଗାଇବେ ଛାତ୍ରଗଣ ।
ନୂଆ ବସନରେ ସଭିଏଁ ଆସିବେ
ଗାଇବେ ଗଣେଶ ସ୍ତୁତି
ପୁଷ୍ପାଞ୍ଜଳି ଦେଇ ପ୍ରଣତି କରିବେ
ବିଦ୍ୟା ଦେବେ ବିଦ୍ୟାପତି ।
ଶିଶୁ ଭକ୍ତି ଦେଖି ଖୁସିହେବେ ପ୍ରଭୁ
ଢାଳିବେ କରୁଣା ବାରି
ଅଜ୍ଞାନ ତିମିର ଦୂରକରି ପ୍ରଭୁ
ଦିବ୍ୟଜ୍ଞାନ ଦେବେ ଭରି ।
କୋମଳ ଶିଶୁଙ୍କ କୋମଳ ପରାଣେ
ଭରିବେ ଧର୍ମ ବିଚାର
ଜ୍ଞାନଦାତାଙ୍କର ଜ୍ଞାନ ଆଲୋକରେ
ହସିବ ସାରା ସଂସାର ।■


ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୪୫୫୬୩୪୨୪୬


## ନୂଆଁଖାଇ






ସୁଧାକର ରାଉତ


ଭାଦରବ ମାସ ପଞ୍ଚମୀ ତିଥିରେ
ନୂଆଁଖାଇ ପର୍ବ ଆସି
ବରଷାରେ ଭିଜି ଡାକଇ ଦୁଆରେ
ବାଣ୍ଟିବାକୁ ତା'ର ଖୁସି ।
ତା'ର ସୁଗନ୍ଧେ ପଶ୍ଚିମ ଓଡ଼ିଶାର
ପଲ୍ଲୀଠୁ ସହର ହସେ
ମା'ଙ୍କର ଅପାର କରୁଣାରୁ ସିଏ
ମହମହ ହୋଇବାସେ ।
ମା' ସମଲେଇଙ୍କୁ ଭକ୍ତି ଭରେ ସର୍ବେ
ନବାନ୍ନ ସମର୍ପି ଦେଇ
ପ୍ରଫୁଲ୍ଲ ଚିତ୍ତରେ କରନ୍ତି ଭୋଜନ
ଦୁଃଖ ଶୋକ ଭୁଲି ଯାଇ ।
ଆବାଳ ବୃଦ୍ଧ ବନିତା ଏ ପରବେ
ନୂତନ ବସନ ପିନ୍ଧି
ପରସ୍ପରେ ଆଜି ଜୁହାର ହୁଅନ୍ତି
ସ୍ନେହ ପ୍ରେମ ଡୋରେ ବାନ୍ଧି ।
ଭୁଲନ୍ତି ସଭିଏଁ ଭେଦ ଭାବ ଯେତେ
ଅବା ହିଂସା ରାଗ ରୋଷ
ପ୍ରଣତି ଜଣାନ୍ତି ମା'ଙ୍କ ପଦ୍ମପାଦେ
ପୂର୍ଣ୍ଣ କରିବାକୁ ଆଶ ।
ଅତି ନିଆରା ଏ ଗଣ ପରବଟି
ଓଡ଼ିଶା ରାଇଜେ ଆମ
ଗରବ ଗୌରବ ଗାଥା ଗାଇ ତା'ର
ରଖିଛି ସ୍ୱତନ୍ତ୍ର ନାମ ।■


ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୮୨୯


## ସୁମନ

### ସହନଶୀଳତା



ଚିନୁ ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢ଼େ । ସେ ଶ୍ରେଣୀରେ ଭଲ ପାଠ ପଢୁଥିବାରୁ ଶିକ୍ଷକମାନେ ତାକୁ ଭାରି ଆଦର କରନ୍ତି । ସ୍କୁଲରେ ସମସ୍ତଙ୍କ ସହିତ ତା'ର ଉତ୍ତମ ସମ୍ପର୍କ । ମନକୁ ତା'ର ଯାହା ଆସେ ତାହା କରି ପକାଏ ଯେତେ ବୁଝାଇଲେ ମଧ ସେ କାହା କଥା ଶୁଣେନାହିଁ । ସେ ସବୁଦିନ ସ୍କୁଲରୁ ଘରକୁ ଫେରିବା ବାଟରେ ଜଣେ ସାଧୁ ଲୋକଙ୍କୁ ଗୋଟେ ଆମ୍ବଗଛ ମୂଳରେ ବସିଥିବାର ଦେଖେ । ଖରାଦିନ ହୋଇ ଥିବାରୁ ପାକଲା ଆମ୍ବଟିଏ ଗଛରୁ ପଡ଼ିଲେ ସେ ସାଧୁ ଲୋକ ଜଣଙ୍କ ମନଖୁସିରେ ନେଇ ତାକୁ ଖାଇ ଦିଅନ୍ତି । ଚିନୁ ଏ ସବୁ ଦେଖି ତା' ମନରେ ଈର୍ଷା ଜାତ ହେଲା । ସେ ଭାବିଲା- ବିନା କାରଣରେ ସାଧୁ ଜଣକ ଏଠାରେ ଖାଲି ବସି ରହୁଛନ୍ତି ଓ ଆମ୍ବ ନେଇ ଖାଇ ଦେଉଛନ୍ତି । ସେ ମନେମନେ ଚିନ୍ତା କଲା ସାଙ୍ଗମାନଙ୍କୁ ନେଇ ରବିବାର ଦିନ ଗଛରୁ ସବୁ ଆମ୍ବ ଝଡ଼ାଇ ଖାଇ ଦେଲେ ଆଉ ଥିବ ଯେ ସାଧୁ ଆମ୍ବ ଖାଇବେ । ରବିବାର ଛୁଟି ଦିନ ହୋଇଥିବାରୁ ଚିନୁ ସାଙ୍ଗମାନଙ୍କୁ ନେଇ ଆମ୍ବ ଗଛ ମୂଳରେ ପହଞ୍ଚିଲା । ଆଗଭଳି ସାଧୁ ଜଣଙ୍କ ସେଠାରେ ବସି ରହିଥିଲେ । ଚିନୁ ଓ ତାର ସାଙ୍ଗମାନେ କିଛି ନ କହି ହାତରେ ଧରିଥିବା ଟେକା ଆମ୍ବ ଗଛକୁ ପକାଇବା ପାଇଁ ପ୍ରସ୍ତୁତ ହେଲା ବେଳେ ସେ ଏପରି କରିବାକୁ ମନା କଲେ । ଚିନୁ ସାଧୁ ଜଣଙ୍କୁ ଆପଣଙ୍କର କ'ଣ ଅସୁବିଧା ହେଉଛି ବୋଲି ରାଗିକି ପଚାରିଲା । ସେ ନମ୍ର ହୋଇ ସମସ୍ତଙ୍କୁ ଗୋଟିଏ କଥା ଶୁଣି ସାରିବା ପରେ ତୁମମାନଙ୍କର ଯାହା ଇଚ୍ଛା ହେବ ତାହା କରିବ ଆଉ ଅଟକାଇ ବି ନାହିଁ ବୋଲି ହସି ଦେଇ କହିଲେ । ସମସ୍ତେ ଭାବିଲେ ସାଧୁଙ୍କ କଥା ଶୁଣି ସାରିବା ପରେ ଆମ୍ବ ଗଛକୁ ଟେକା ପକାଇବେ । ସାଧୁ ଜଣଙ୍କ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ ମଣିଷ ତା' ଜୀବନରେ ପଶୁ ପକ୍ଷୀଠାରୁ ଆରମ୍ଭ କରି ଗଛଲତା ଯାଏ ସମସ୍ତଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିଥାଏ । ମଣିଷକୁ ସହନଶୀଳତାର ଗୁଣ ଗଛଠାରୁ ବେଶି ଶିଖିବାକୁ ମିଳିଥାଏ । ଆମ୍ବ ଗଛଟିର ଡାଳରେ ଅନେକ ଆମ୍ବ ଭରି ରହିଛି ସେ କିନ୍ତୁ କେବେ ମନଦୁଃଖ କରେନି ଯେ ବୋଝ ଉଠାଇ ତାକୁ କଷ୍ଟ ହେଉଛି ବୋଲି । ଖରା ବର୍ଷା ଶୀତ କାକର ଆସିଲେ ବି ସେପରି ହସି ଦୁନିଆର ଉପକାର କରିଥାଏ । ତେଣୁ ଜୀବନରେ ବିନା କାରଣରେ ନିଜର ରାଗ କାହା ଉପରେ ନ ସୁଝାଇ ତା' ଠାରୁ ଭଲ ଗୁଣ ଗ୍ରହଣ ଉଚିତ । ଏମିତି ହେଲେ ଜଣେ ଉତ୍ତମ ଚରିତ୍ରର ମଣିଷ ହୋଇ ସମାଜର ମଙ୍ଗଳ କରିପାରିବ । ଚିନୁ ଆଉ ତା ସାଙ୍ଗମାନେ ନିଜ ନିଜର ଭୁଲ ବୁଝି ପାରି ଜୀବନରେ ଆଉ କେବେ ଏପରି କରିବେ ନାହିଁ ବୋଲି ଶପଥ କରି ସାଧୁଙ୍କ ଠାରୁ ବିଦାୟ ନେଇ ଘରକୁ ଫେରିଲେ ।■




ସତ୍ୟନାରାୟଣ ପ୍ରଧାନ
ଜେନାପୁର, ଯାଜପୁର
ମୋ -୯୧୭୮୩୧୩୬୪୪












**ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର



**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର



**ସିଦ୍ଧ ମନୀଷ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ
ଡୁମୁଡୁମା, ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଦିଲ୍ଲୀ ପବ୍ଲିକ୍ ସ୍କୁଲ୍
କାଟ୍ରା, ଜମ୍ମୁ କାଶ୍ମୀର

# ଚୟନ କମିଟିରେ ସାମିଲ ହେବେ ପ୍ରଜ୍ଞାନ; ଶିବଙ୍କୁ ନେଇ ଅନିଶ୍ଚିତତା



ମୁମ୍ବଇ, ୨୨।୮ (ଏଜେନ୍ସି): ଭାରତୀୟ ଦଳର ଚୟନ କମିଟିରେ ଆଗକୁ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଏଥିଲାଗି ଜାତୀୟ ପୁରୁଷ ଓ ମହିଳା ଦଳ ଚୟନ କମିଟିର ପଦବୀ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଯେଉଁଥିରେ ପୁରୁଷ ଚୟନ କମିଟିରେ ୨ଜଣ ଓ ମହିଳା ଚୟନ କମିଟିରେ ୪ଜଣ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି। ଅତିକମ୍‌ରେ ୧୦ଟି ଏକଦିବସୀୟ, ୭ଟି ଟେଷ୍ଟ କିମ୍ବା ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ସେ ୫ ବର୍ଷ ତଳୁ ଅବସର ନେଇଥିବେ ଓ ବିସିସିଆଇର କୌଣସି ଚୟନ କମିଟିରେ କ୍ରମାଗତ ୫ବର୍ଷ ଧରି ରହି ନ ଥିବେ। ପୁରୁଷ ଚୟନ କମିଟିର କେଉଁ ଜୋନରୁ ପ୍ରାର୍ଥୀଙ୍କୁ ବଦଳାଯିବ କିମ୍ବା କେଉଁ ଜୋନରୁ ନୂତନ ପ୍ରାର୍ଥୀ ଆସିବେ ସେ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତଥାପି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଦୁଇ ନୂଆ ସଦସ୍ୟ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନରୁ ଆସିବେ। ଦକ୍ଷିଣ ଜୋନ୍‌ର ଏସ୍. ଶରତ ତାଙ୍କ କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ପୂର୍ବତନ ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝା ତାଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ତେବେ କେନ୍ଦ୍ରୀୟ ଜୋନରୁ କାହାକୁ ନିଆଯିବ ସେ ସମ୍ପର୍କରେ କିଛି ସ୍ପଷ୍ଟ ଜଣାପଡ଼ିନି। ବର୍ତ୍ତମାନର ଚୟନ କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ କେନ୍ଦ୍ରୀୟ ଜୋନରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ସ୍ଥାନରେ ନୂଆ ସଦସ୍ୟଙ୍କୁ ନେବାକୁ ବିସିସିଆଇ ଚିନ୍ତା କରୁଥିବା ବିଭିନ୍ନ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଚୟନ କମିଟିରେ ପଶ୍ଚିମ ଜୋନ ଓ ଉତ୍ତର ଜୋନର ସଦସ୍ୟଙ୍କ କାର୍ଯ୍ୟକାଳ ବଢ଼ିବା ନିଶ୍ଚିତ ହୋଇଛି। ପଶ୍ଚିମ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଅଗରକରଙ୍କ କାର୍ଯ୍ୟକାଳ ୨୦୨୬ ଜୁନ ପର୍ଯ୍ୟନ୍ତ ବଢ଼ିଥିବା ରିପୋର୍ଟ ଗତ ୨ ଦିନ ତଳେ ପ୍ରକାଶ ପାଇଥିଲା। ସେହିଭଳି ଉତ୍ତର ଜୋନର ଅଜୟ ରାତ୍ରାଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇବାକୁ ଚିନ୍ତା କରାଯାଉଥିବା ଜଣାପଡ଼ିଛି। ପୂର୍ବ ଜୋନରୁ ସୁବ୍ରତ ବାନାର୍ଜୀ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଛନ୍ତି।

# ଗୋଟିଏ ସପ୍ତାହରେ ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଆଇଏସ୍‌ଏଲ୍ ବିବାଦ**

ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଦେଶର ସର୍ବବୃହତ ଫୁଟବଲ ଲିଗ୍‌ର ମାନ୍ୟତା ପାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଚାଲିଥିବା ବିବାଦ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହିକ୍ରମରେ କୋର୍ଟ ସମାଧାନ ବାହାର କରିବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଆୟୋଜନକାରୀ କମ୍ପାନୀ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ପିଏସ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ଏକାଠି ବସି ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ (ଏମ୍‌ଆରଏ)ର ନବୀକରଣ ନେଇ ଦୁଇ ସଂସ୍ଥା ଏଆଇଏଫ୍‌ଏଫ୍ ଓ ଏଫ୍‌ଏସ୍‌ଡିଏଲ୍ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ୨୦୧୦ରେ ଏହି ଦୁଇ ସଂସ୍ଥା ମଧ୍ୟରେ ୧୫ ବର୍ଷ ପାଇଁ ଏମ୍‌ଆରଏ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁସାରେ ଏଫ୍‌ଏସ୍‌ଡିଏଲ୍ ପ୍ରତିବର୍ଷ ଏଆଇଏଫ୍‌ଏଫ୍‌କୁ ୫୦ କୋଟି ଟଙ୍କା ପ୍ରଦାନ କରିଥାଏ। ବଦଳରେ ଏଫ୍‌ଏସ୍‌ଡିଏଲ୍‌କୁ ଭାରତୀୟ ଜାତୀୟ ଫୁଟବଲ ଦଳ ସହିତ ଆଇଏସଏଲ୍‌ର ପ୍ରସାରଣ, ପ୍ରବନ୍ଧନ ଓ ପ୍ରଚାର ଅଧିକାର ପ୍ରାପ୍ତ ହୋଇଥାଏ। ବର୍ତ୍ତମାନ ଚୁକ୍ତି ଅବଧି ଶେଷ ହୋଇଛି। ବିଭିନ୍ନ କାରଣରୁ ଏମ୍‌ଆରଏ ଚୁକ୍ତିର ନବୀକରଣ ହୋଇ ନଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ତେଣୁ ସମାଧାନ ବାହାର କରିବାକୁ ଏବେ ସମୟ ଉପନୀତ ହୋଇଛି ବୋଲି ସର୍ବୋଚ୍ଚ ଅଦାଳତ କହିଛନ୍ତି।

**ଅନ୍‌ଲାଇନ ଗେମିଂ ବିଲ୍‌ର ପ୍ରଭାବ**

# ଏସିଆ କପ୍ ପୂର୍ବରୁ ମୁଖ୍ୟ ପ୍ରାୟୋଜକ ହରାଇବ ଭାରତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି):




ଅନ୍‌ଲାଇନ ମନି ଗେମିଂ ବିଲ୍ ଉପରେ ଲାଗିଛି ପ୍ରତିବନ୍ଧକ। ସଂସଦର ଉଭୟ ଗୃହରେ ଏହା ପାରିତ ହେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଏହି ବିଲ୍ ଉପରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ବିଲ୍ ନୂତନ ଆଇନରେ ପରିଣତ ହୋଇଛି। ଏବେ ଏହାର ସିଧାସଳଖ ପ୍ରଭାବ ଭାରତୀୟ କ୍ରିକେଟ୍ ଦଳ ଉପରେ ପଡ଼ିଛି। ଭାରତୀୟ କ୍ରିକେଟ୍ ଦଳ ଏହାର ଜର୍ସି ତଥା ମୁଖ୍ୟ ପ୍ରାୟୋଜକ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଯାହା ଫଳରେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବିନା ଲୋଗୋରେ ଜର୍ସି ପରିଧାନ କରି ପଡ଼ିଆକୁ ଓହ୍ଲାଇପାରେ।

ଅନ୍‌ଲାଇନ ଫାଣ୍ଟାସି କ୍ରୀଡ଼ା 'ଡ୍ରିମ ୧୧' ଜୁଲାଇ ୨୦୨୩ରେ ତିନି ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ଭାବେ ଚୁକ୍ତି କରିଥିଲା। ରିପୋର୍ଟ ମୁତାବକ ୩୫୮ କୋଟି ଟଙ୍କାରେ ଏହି ଚୁକ୍ତି ହୋଇଥିଲା। ଏହାପରେ 'ବାୟଜୁସ୍'ର ସ୍ଥାନରେ 'ଡ୍ରିମ ୧୧' ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିଥିଲା। ସେବେଠାରୁ ଭାରତର ପୁରୁଷ, ମହିଳା, ଜୁନିଅର ଆଦି ଦଳର ଖେଳାଳିଙ୍କ ଜର୍ସିରେ ଏହାର ଲୋଗୋ ରହୁଥିଲା। କିନ୍ତୁ ଏବେ ଅନ୍‌ଲାଇନ ଗେମିଂ ବିଲ୍ ଆସିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବିସିସିଆଇ କିମ୍ବା 'ଡ୍ରିମ ୧୧' ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ତଥାପି ବିସିସିଆଇର ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ବିସିସିଆଇ ଦେଶର ଆଇନକୁ ସମ୍ମାନ କରେ ଏବଂ ଏହାକୁ ପାଳନ କରିବ।

ଉଲ୍ଲେଖଯୋଗ୍ୟ ଡ୍ରିମ ୧୧' ଏକମାତ୍ର କମ୍ପାନୀ ନୁହେଁ ଯାହାର ଭାଗ୍ୟ ବିସିସିଆଇ ସହ ଜଡ଼ିତ ହେବାପରେ କ୍ଷତିଗ୍ରସ୍ତ ହୋଇଛି। ଏଥିପୂର୍ବରୁ ବିସିସିଆଇର ମୁଖ୍ୟ ପ୍ରାୟୋଜକ ରହିଥିବା ବିଭିନ୍ନ କମ୍ପାନୀ ଯଥା ସାହାରା, ଷ୍ଟାର୍ ଇଣ୍ଡିଆ, ଓପୋ, ବାୟଜୁସ୍ ବିସିସିଆଇର ପ୍ରାୟୋଜକ ରହି ପ୍ରଚୁର ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

# ନେସନ୍ସ କପ୍: ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ଆକାଶ



ଭୁବନେଶ୍ୱର, ୨୨।୮ (ସମିସ): ଭାରତୀୟ ଦୃଷ୍ଟିବାଧିତ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ନେସନ୍ସ କପ୍ ଓ ଏସିଆ ଓସେନିଆ ଡିଭିଜନ-୨ ଦୃଷ୍ଟିବାଧିତ ଫୁଟବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦୃଷ୍ଟିହୀନ ଫୁଟବଲ୍ ମହାସଂଘ ପକ୍ଷରୁ ଶୁକ୍ରବାର ଦଳ ଘୋଷଣା କରାଯାଇଛି। ଓଡ଼ିଶାର ଆକାଶ ପଡ଼ିଆମୀ ଗୋଲ୍‌କିପର ଭାବେ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର କୋଚିଠାରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର 'ବୁଲ୍ସ ଆଇ' ସଂଗଠନ ପକ୍ଷରୁ ଆଶିଷ ସାହୁ ଓ ଆକାଶ ପଡ଼ିଆମୀ ଭାଗନେଇଥିଲେ। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ଆକାଶ ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏବେ ସେ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଶିବିରରେ ଭାଗନେବେ। ଏହି ଅବସରରେ 'ବୁଲ୍ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଅନ୍ୟ କର୍ମକର୍ତ୍ତା ଆକାଶଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**● ଆଜି ଡୁରାଣ୍ଡ କପ୍ ଫାଇନାଲ୍**

# ଟାଇଟଲ୍ ପାଇଁ ଲଢ଼ିବେ ନର୍ଥଇଷ୍ଟ-ଡାଏମଣ୍ଡ ହାର୍ବର୍

କୋଲକାତା, ୨୨।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ୍ ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଓ ପଦାର୍ପଣକାରୀ ଡାଏମଣ୍ଡ ହାର୍ବର୍ ଦଳ ପରସ୍ପରକୁ ଭେଟିବେ। ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ସନ୍ଧ୍ୟା ୫ଟା ୩୦ରେ ଏହି ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ସଂସ୍କରଣରେ ନର୍ଥଇଷ୍ଟ ଚାମ୍ପିଅନ ହୋଇଥିବାରୁ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଡାଏମଣ୍ଡ ହାର୍ବର୍ ଦଳ ପ୍ରଥମଥର ଲାଗି ଡୁରାଣ୍ଡ କପ୍ ଖେଳୁଛି। ପଦାର୍ପଣରେ ଦଳ ସେମିଫାଇନାଲରେ ୧୬ଥରର ଚାମ୍ପିଅନ ଇଷ୍ଟବେଙ୍ଗଲକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ମଧ୍ୟ ଡାଏମଣ୍ଡ ହବର୍ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି।

**ଫାଇନାଲ ମ୍ୟାଚ୍**
ଆରମ୍ଭ : ସନ୍ଧ୍ୟା ୫ଟା ୩୦
ପ୍ରସାରଣ : ସୋନୀ ଟେନ୍-୨

# ବୁଚି ବାବୁ କ୍ରିକେଟ: ଓଡ଼ିଶା ୨୨୨/୧୦

କଟକ,୨୨।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପୂର୍ବତଟ ରେଳବାଇକୁ ଭେଟିଛି ଓଡ଼ିଶା। ଶୁକ୍ରବାରଠାରୁ ଚେନ୍ନାଇର ଏସ୍‌ଆରଏମସି ଟର୍ଫ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରମୁଖ ବ୍ୟାଟରଙ୍କ ବିଫଳତା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ୍ ୨୨୨ ରନରେ ସୀମିତ ରହିଯାଇଛି। ଏହାପରେ ବ୍ୟାଟିଂ ଆରମ୍ଭ କରିଥିବା ରେଳବାଇ ବିନା ୱିକେଟରେ ୧୯ ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୱିକେଟକିପର ରାଜେଶ ଧୂପରଙ୍କ ୪୩, ସମ୍ବିତ ବରଲାଙ୍କ ୩୭, ବାଦଲ ବିଶ୍ୱାଳଙ୍କ ୩୪ ଓ ଅଧିନାୟକ ସ୍ୱସ୍ତିକଙ୍କ ୩୩ ରନ ବଳରେ ଦଳ ସମ୍ମାନଜନକ ରନ ସଂଗ୍ରହ କରିଥିଲା। ଅନ୍ୟସମସ୍ତ ବ୍ୟାଟର ଫେଲ୍ ମାରିଥିଲେ। ରେଳବାଇର ବାମହାତୀ ସ୍ପିନର ରାଜ ଚୌଧୁରୀ ୧୦୪ରନ ବ୍ୟୟ କରିବା ସତ୍ତ୍ୱେ ୬ଟି ୱିକେଟ ଦଖଲ କରିଥିଲେ। ଆକାଶ ପାଣ୍ଡେ ଓ ବିଶାଲ ହର୍ଷ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସ୍ପିନରଙ୍କ ସହଯୋଗରେ ୧୦ଟି ଯାକ ୱିକେଟ ରେଳବାଇ ହାସଲ କରିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ରେଳବାଇ ୪ ଓଭର ଖେଳି କୌଣସି ୱିକେଟ ନ ହରାଇ ୧୯ ରନ କରିଛି। ମୃଣାଳ ଦେବଧର ୬ ଏବଂ ଆଶିଷ ସିଂହ ୧୨ ରନରେ ଅପରାଜିତ ଅଛନ୍ତି।

# ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଓଡ଼ିଶାକୁ ଆଉ ଦୁଇ ରୌପ୍ୟ

କଟକ,୨୨।୮ (ସମିସ): ଶ୍ରୀନଗରରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ଆଉ ଦୁଇ ରୌପ୍ୟ ପଦକ ଜିତିଛି। ଏଥିସହିତ ଓଡ଼ିଶାର ପଦକ ସଂଖ୍ୟା ମୋଟ ୪ରେ ପହଞ୍ଚିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ରହିଛି। ଆଜି ପୁରୁଷ କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ନାଓରାମ ଜମେଶ ଓ ସନ୍ତୋଷଙ୍କ ଯୋଡ଼ି ରୌପ୍ୟ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂ-୨'ର ୫୦୦ ମିଟର ଇଭେଣ୍ଟରେ ଓନିମା ବିଦ୍ୟାଦେବୀ ଓ ଶ୍ରୁତି ଚୌଗୁଲଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ବିଜୟୀ ହୋଇଛି।

**ମହିଳା ଦିନିକିଆ ବିଶ୍ୱକପ୍**

# ଚିନ୍ନାସ୍ୱାମୀରୁ ଡିୱାଇ ପାଟିଲକୁ ସ୍ଥାନାନ୍ତରିତ ହେଲା ମ୍ୟାଚ୍

ମୁମ୍ବାଇ, ୨୨।୮: ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଭାରତ ଏହି ମେଗା ଟୁର୍ଣ୍ଣାମେଣ୍ଟର ଏଥର ଆୟୋଜକ ରହିଥିବାବେଳେ ପାକିସ୍ତାନ ଦଳ ଏହାର ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ତେବେ ଏଥିପୂର୍ବରୁ ଭେନ୍ୟୁ ପରିବର୍ତ୍ତନକୁ ନେଇ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକୁ ନବୀ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି। ଆଇସିସି ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି।

ଗତ ଆଇପିଏଲ୍‌ରେ ବେଙ୍ଗାଲୁରୁ ପ୍ରଥମଥର ଲାଗି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟାରେ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଚିନ୍ନାସ୍ୱାମୀ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଜଷ୍ଟିସ ଜନ ମାଇକେଲ ଡି'ଚୁନା କମିଶନ ଏହାର ରିପୋର୍ଟରେ ଦର୍ଶାଇଥିଲା କି ଚିନ୍ନାସ୍ୱାମୀ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ। ଯେଉଁଥି ପାଇଁ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ଅଧିକାରୀଙ୍କ ନିକଟରୁ ଅନୁମତି ମିଳିପାରି ନ ଥିଲା। ଯେଉଁଥି ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଶେଷ ମୁହୂର୍ତ୍ତରେ ଭେନ୍ୟୁ ତାଲିକାରୁ ବାଦ୍ ଦେବାକୁ ବିସିସିଆଇ ବାଧ୍ୟ ହୋଇଥିଲା। ଚିନ୍ନାସ୍ୱାମୀ ଏବେ ଉଦ୍‌ଘାଟନୀ ଓ ଫାଇନାଲ ସମେତ ୫ଟି ମ୍ୟାଚ୍ ଆୟୋଜନ ଅଧିକାର ହରାଇଛି। ଅପରପକ୍ଷରେ ନବୀ ମୁମ୍ବଇ ଏବେ ବିଶ୍ୱକପ୍ ଆୟୋଜନର ୫ ଭେନ୍ୟୁ ତାଲିକାରେ ଯୋଡ଼ି ହୋଇଛି।

**ବିଶ୍ୱକପ୍‌ର କେଉଁ କେଉଁ ମ୍ୟାଚ୍ ହରାଇଲା ଚିନ୍ନାସ୍ୱାମୀ**

| | |
|---|---|
| ସେପ୍ଟେମ୍ବର ୩୦ | ଭାରତ-ଶ୍ରୀଲଙ୍କା |
| ଅକ୍ଟୋବର ୩ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା |
| ଅକ୍ଟୋବର ୨୬ | ଭାରତ-ବାଂଲାଦେଶ |
| ଅକ୍ଟୋବର ୩୦ | ଦ୍ୱିତୀୟ ସେମିଫାଇନାଲ |
| ନଭେମ୍ବର ୨ | ଫାଇନାଲ |

**ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍**

# ସନ୍ନି ଏକ୍ସପ୍ରେସ୍ ଚାମ୍ପିଅନ



ଭୁବନେଶ୍ୱର, ୨୨।୮ (ସମିସ): କେନ୍ଦୁଝରର ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବ ଆନୁକୂଲ୍ୟରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍)ର ସିଏସ୍‌ଆର୍ ପଦକ୍ଷେପ 'ଉଡାନ' ମାଧ୍ୟମରେ ଏହି ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ପ୍ରାୟୋଜକ ଭୂମିକା ନିର୍ବାହ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳର ୨୪୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ୍ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଫାଇନାଲରେ ସନ୍ନି ଏକ୍ସପ୍ରେସ ୧-୦ ଗୋଲରେ ଖୁସି-୧୧'କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକକଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ସିଏସ୍‌ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶିବ ମୁଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ଅଜୟ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର ଓ ଅବିନାଶ ମୁଣ୍ଡା ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଥିଲେ।

# ଅଷ୍ଟ୍ରେଲିଆ ବିପକ୍ଷରେ ଦ. ଆଫ୍ରିକାର କ୍ରମାଗତ ୫ମ ସିରିଜ୍ ବିଜୟ

ମାକୟ, ୨୨।୮ (ଏଜେନ୍ସି)



ଶୁକ୍ରବାର ଏଠାରେ ଖେଳାଯାଇଥିବା ଏକଦିବସୀୟ ସିରିଜର ୨ୟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮୪ ରନରେ ଶୋଚନୀୟ ଭାବେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟବରଣ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୯୮ ରନରେ ଜିତିଥିଲା। ଫଳରେ ସିରିଜର ଗୋଟିଏ ମ୍ୟାଚ୍ ବଳକା ଥାଇ ଭ୍ରମଣକାରୀ ଦଳ ୨-୦ରେ ସିରିଜ ଆଗୁଆ କବ୍‌ଜା କରିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏହା କ୍ରମାଗତ ୫ମ ଦିନିକିଆ ସିରିଜ ବିଜୟ। ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଶେଷ ୮ଟି ଦିନିକିଆ ସିରିଜରୁ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଜିତିବାରେ ସମର୍ଥ ହୋଇଛି।

ଦ୍ୱିତୀୟ ଦିନିକିଆରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ ମାର୍କରମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ୨୩ ରନ ମଧ୍ୟରେ ଦଳ ଦୁଇ ଓପନର୍ ର୍‌ୟାନ ରିକ୍ଲେଟନ (୮) ଓ ଅଧିନାୟକ ମାର୍କରମ (୦)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ମାଥ୍ୟୁ ବ୍ରିଜକେ (୮୮ ରନ) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭୪ ରନ)ଙ୍କ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୪୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ଜୋଶ୍ ଇଂଲିଶଙ୍କ ୮୭ ରନ ସତ୍ତ୍ୱେ ୩୭.୪ ଓଭରରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫ ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ପହଞ୍ଚାଇଥିବା ଦ୍ରୁତ ବୋଲର ଲୁନଗି ଏନଗିଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଖେଳାଯିବ। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଜକେ ଏହି ଅର୍ଦ୍ଧଶତକୀୟ ପାଳିରେ ଏକ ବିଶ୍ୱରେକର୍ଡ କରିଛନ୍ତି। ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ପ୍ରଥମ ଖେଳାଳି ଭାବେ ସେ ପଦାର୍ପଣ ପରେ କ୍ରମାଗତ ୪ଟି ଅର୍ଦ୍ଧଶତକ ମାରିଛନ୍ତି। ବ୍ରିଜକେ ଏଥିପୂର୍ବରୁ ପାକିସ୍ତାନ ବିପକ୍ଷ ପଦାର୍ପଣ ମ୍ୟାଚରେ ୧୫୦ ରନ, ପରେ ସେହି ଦଳ ବିପକ୍ଷରେ ୮୩ ଏବଂ ଅଷ୍ଟ୍ରେଲିଆ ସହ ପ୍ରଥମ ମ୍ୟାଚରେ ୫୭ ରନ କରିଥିଲେ। ଭାରତର ନବଜୋତ୍ ସିଂହ ସିଦ୍ଧୁ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS